## ସଂକ୍ଷେପରେ

### ସରବାହାଲ ତ୍ରିନାଥ ମନ୍ଦିରର ପଞ୍ଚମ ବାର୍ଷିକୋତ୍ସବ



**ଝାରସୁଗୁଡ଼ା ଅଫିସ, ୩୦।୧୦:** ଝାରସୁଗୁଡ଼ା ସହରର ସରବାହାଲ ତ୍ରିନାଥ ମନ୍ଦିରର ପଞ୍ଚମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂର୍ବାହ୍ନ ୯ଟାରେ ପୂଜାପାଠ ସହିତ ହୋମଯଜ୍ଞ ଆରମ୍ଭ ହୋଇଥିଲା। ମନ୍ଦିର ପୂଜକ ଭଜମୋହନ ପାଣିଗ୍ରାହୀ ପୂଜାର୍ଚ୍ଚନା କରିଥିଲେ। ସରବାହାଲ ଅଞ୍ଚଳର ଶୁକମୁନି ସାହୁ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। କୁଚିଣ୍ଡା ଲରିୟାପାଲିର ଗାହକ ରତ୍ନାକର ସାହୁ ଓ ସାଥିଙ୍କ ଦ୍ୱାରା କୀର୍ତ୍ତନ ପରିବେଷଣ ହୋଇଥିଲା। ଏହି ଅବସରରେ ମନ୍ଦିର କମିଟି ସଭାପତି ସୂର୍ଯ୍ୟ କୁମାର ମିଶ୍ର, ସମ୍ପାଦକ ଭରତ ଜେନା, ଗୋବିନ୍ଦ ପଟେଲ, ନିମାଇଁ ଚରଣ ବେହେରା,ପଞ୍ଚାନନ ବେହେରା, ଅରବିନ୍ଦ ବାରିକ, ପଞ୍ଚାନନ ଜେନା, ଅରୁଣ ବଗାର, ପବନା ରାଉତ ସମେତ କମକର୍ତ୍ତା ସହଯୋଗ କରିଥିଲେ। ଏଥିରେ ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଯୋଗଦାନ କରିଥିଲେ। ଆୟୋଜକ ମନ୍ଦିର କମିଟି ତରଫରୁ ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା।

### ଚେତାବନୀ ସମାବେଶରେ ୧୦ ହଜାର ଚାଷୀ ଏକାଠି ହେବେ

**ପଦ୍ମପୁର,୩୦।୧୦(ଡି.ଏନ.ଏ.):** ବୀମା ଓ ଇନ୍‌ପୁଟ୍ ପ୍ରାପ୍ୟ ଦାବି ନେଇ ନଭେମ୍ବର ୧ ତାରିଖରେ ରାଜବୋଡାସମ୍ବର କୃଷକ ସଙ୍ଗଠନ ସମେତ ଅନ୍ୟ କୃଷକ ସଙ୍ଗଠନ ବରଗଡ଼ ଜିଲା ପଦ୍ମପୁର ଗୋରୁ ବଜାରଠାରେ ଚେତାବନୀ ସମାବେଶ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ସମାବେଶରେ ୧୦ ହଜାର ଚାଷୀଙ୍କ ଯୋଗଦାନ କରିବାକୁ ପ୍ରତ୍ୟେକ ଗ୍ରାମରେ ବୈଠକ କରାଯାଉଛି। ଚାଷୀ ପ୍ରତିନିଧିମାନେ ମୁଠି ଭିକ୍ଷା କରୁଛନ୍ତି। ଉପନିର୍ବାଚନ ପୂର୍ବରୁ ବୀମା ଟଙ୍କା ଓ ଇନ୍‌ପୁଟ୍ ନ ମିଳିଲେ ଉପଖଣ୍ଡର ଚାଷୀ ଉପନିର୍ବାଚନ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ବନ୍ଦ କରିଦେବେ ବୋଲି ରାଜବୋଡାସମ୍ବର କୃଷକ ସଙ୍ଗଠନର କାର୍ଯ୍ୟକର୍ତ୍ତା ଆବାହକ ଅଶୋକ ସାହୁ,ରମେଶ ମହାପାତ୍ର ଓ ଆଇନ ପରାମର୍ଶଦାତା ଅଜିତ ଶତପଥି ଦୃଢୋକ୍ତି ପ୍ରକାଶ କରିଛନ୍ତି।

# ଛାତ୍ର ସାମ୍ମୁଖ୍ୟ ପକ୍ଷରୁ ମନ୍ତ୍ରୀଙ୍କୁ ସ୍ମାରକପତ୍ର

## ଏଲ୍‌ଏନ୍ କଲେଜ ସରକାରୀ ମାନ୍ୟତା ଦାବି

**ଝାରସୁଗୁଡ଼ା ଅଫିସ,୩୦।୧୦**

ଝାରସୁଗୁଡ଼ା ଲକ୍ଷ୍ମୀନାରାୟଣ (ଏଲ୍‌ଏନ୍) କଲେଜ ସରକାରୀ ମାନ୍ୟତା ସାଙ୍ଗକୁ କଲେଜରେ ପିଜି ପାଠ୍ୟକ୍ରମ ଖୋଲିବା ଦାବିରେ ଜିଲା ଛାତ୍ର ସାମ୍ମୁଖ୍ୟ ତରଫରୁ ସ୍ଥାନୀୟ ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ସ୍ମାରକପତ୍ର ଛାତ୍ର ସାମ୍ମୁଖ୍ୟର ସଦସ୍ୟ ରବି ରୋହିଦାସ ଓ ନନ୍ଦୁ ରୋହିଦାସ ପ୍ରମୁଖ ପ୍ରଦାନ କରିଥିଲେ। ଏହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ଝାରସୁଗୁଡ଼ା ଜିଲା ସ୍ଥାପିତ ହେବାର ୨୯ ବର୍ଷ ହୋଇଯାଇଛି। ଏଥିମଧ୍ୟରେ କଲେଜ ପ୍ରତିଷ୍ଠାକୁ ୫୩ ବର୍ଷ ଅତିକ୍ରାନ୍ତ ହେଲାଣି। କିନ୍ତୁ ଏବେଯାଏଁ କଲେଜ ପ୍ରତି ସରକାର କୌଣସି ଆଖିଦୃଶିଆ ପଦକ୍ଷେପ ନେଇଥିବା ଦେଖିବାକୁ ମିଳିନାହିଁ। ଫଳରେ ଜିଲାର ଛାତ୍ରୀଛାତ୍ରମାନେ ଶିକ୍ଷା କ୍ଷେତ୍ରରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିମଧ୍ୟରେ ଅଧିକ ଫିସ ଦେଇ ପାଠ ପଢିବା, ପର୍ଯ୍ୟାପ୍ତ ଅଧ୍ୟାପକ ଅଧ୍ୟାପିକା ଅଭାବ, ଉଚ୍ଚମାନର ଶିକ୍ଷାରୁ ବଞ୍ଚିତ ହେବା, ଶ୍ରେଣୀ କୋଠରୀ ଅଭାବ ଆଦି ରହିଛି। ସବୁଠାରୁ ବଡ଼ ସମସ୍ୟା ଅନେକ ସମୟରେ ଛାତ୍ରୀଛାତ୍ର ଫିସ ଦେଇ ନ ପାରି ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଏହିପରି ଉଚ୍ଚଶିକ୍ଷା ପରେ ଜିଲାରେ ଉଚ୍ଚତର ଶିକ୍ଷା ପି.ଜି. ପାଠ୍ୟକ୍ରମ ପାଇଁ ମଧ କୌଣସି ବ୍ୟବସ୍ଥା ନାହିଁ। ଫଳରେ ଅନେକ ଛାତ୍ରୀଛାତ୍ର ବାହାରକୁ ଅଧ୍ୟୟନ କରିବାକୁ ଯିବାପାଇଁ ବାଧ ହେବା ସହ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଏଦିଗରେ ସରକାର ସ୍ୱତନ୍ତ୍ର ଦୃଷ୍ଟିଦେବା ପାଇଁ ଛାତ୍ର ସାମ୍ମୁଖ୍ୟ ଦାବି କରିଛି।



ଜିଲା ଛାତ୍ର ସାମ୍ମୁଖ୍ୟ ପକ୍ଷରୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

# ଛଟ୍ ପର୍ବରେ ସୂର୍ଯ୍ୟଦେବଙ୍କୁ ଅର୍ଘ୍ୟ ସମର୍ପଣ

**ରାଉରକେଲା ଅଫିସ,୩୦।୧୦**

ଷ୍ଟିଲସିଟି ରାଉରକେଲାରେ ରବିବାର ଧୁମଧାମ୍‌ରେ ଛଟ୍ ପର୍ବ ପାଳିତ ହୋଇଛି। ସହରରେ ବାଲୁଘାଟ, ସେକ୍ଟର-୧୬ ସ୍ଥିତ ବୈକୁଣ୍ଠଘାଟ, ଝିରପାଣିର ଆଦିତ୍ୟଘାଟ, ଟିମ୍ବର କଲୋନୀ ଜଳାଶୟରେ ବିହାର ସାଂସ୍କୃତିକ ପରିଷଦ ପକ୍ଷରୁ ଛଟ୍‌ପର୍ବ ପାଳନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଏହି ପର୍ବ ପାଳନ ନିମନ୍ତେ ଛଟ୍ ଘାଟକୁ ସମ୍ପୂର୍ଣ୍ଣ ଭାବେ ସ୍ୱଚ୍ଛ କରାଯାଇଥିଲା। ସହରର ବିହାରୀ ସମ୍ପ୍ରଦାୟର ବ୍ରତଧାରୀମାନେ ଅପରାହ୍ନ ୩ଟାରେ କୁଲା ଓ ଟୋକେଇରେ ବିଭିନ୍ନ ପ୍ରକାର ଫଳ, ଫୁଲ ଓ ପୂଜା ସାମଗ୍ରୀ ଧରି ଜଳାଶୟ ଘାଟରେ ପହଞ୍ଚିଥିଲେ। ପରେ ସେମାନେ ପାଣି ଭିତରେ ପଶି ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ ସମର୍ପଣ କରିଥିଲେ। ନିଜ ପରିବାରର ସୁଖ, ଶାନ୍ତି, ସମୃଦ୍ଧି ପାଇଁ ବ୍ରତଧାରୀମାନେ ସୂର୍ଯ୍ୟଦେବଙ୍କୁ ପୂଜାର୍ଚ୍ଚନା କରିବା ସହ ପ୍ରସାଦ ସମର୍ପଣ କରିଥିଲେ। ଏହାପରେ ବିବାହିତ ମହିଳା ବ୍ରତଧାରୀ ପରସ୍ପରକୁ ପୂଜିତ ସିନ୍ଦୂର ଲଗାଇଥିଲେ। ଏହି ପର୍ବକୁ ଶାନ୍ତିଶୃଙ୍ଖଳା ସହ ପାଳନ କରିବା ପାଇଁ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ୩ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ସେହିପରି ଅଗ୍ନିଶମ ବାହିନୀଙ୍କୁ ନିୟୋଜିତ କରାଯାଇଥିଲା।



ବ୍ରତଧାରୀ ମହିଳାମାନେ ସୂର୍ଯ୍ୟଦେବଙ୍କୁ ଅର୍ଘ୍ୟ ସମର୍ପଣ କରୁଛନ୍ତି।

# ଏକତା ଦିବସରେ ସିଆର୍‌ପିଏଫ୍‌ର ବାଇକ୍ ରାଲି



ସିଆର୍‌ପିଏଫ୍ ଯବାନମାନେ ବାଇକ୍ ରାଲିରେ ଯାଉଛନ୍ତି।

**ରାଉରକେଲା ଅଫିସ,୩୦।୧୦**

ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ ରାଉରକେଲା ଶିଳ୍ପାଞ୍ଚଳରେ ଥିବା ସିଆର୍‌ପିଏଫ୍-୧୯ ବାଟାଲିୟନ ପକ୍ଷରୁ ରବିବାର ଏକ ବାଇକ୍ ରାଲି ଅନୁଷ୍ଠିତ ହୋଇଛି। ଦେଶରେ ଶାନ୍ତି, ଏକତା ଓ ଅଖଣ୍ଡତାକୁ ବଜାଇ ରଖିବା ପାଇଁ ସିଆର୍‌ପିଏଫ୍ ପକ୍ଷରୁ ଏହି ରାଲି ଆୟୋଜିତ କରାଯାଇଥିଲା। ଏହି ରାଲି ବାଟାଲିୟନ କାର୍ଯ୍ୟାଳୟରୁ ବାହାରି ରାଉରକେଲା ରିଂରୋଡ୍, ସେକ୍ଟର-୧୩, ଏୟାରପୋର୍ଟ ଛକ ଦେଇ ବାଟାଲିୟନ ମୁଖ୍ୟ କାର୍ଯ୍ୟାଳୟରେ ପହଞ୍ଚିଥିଲା। ରାଲିରେ ୫୩ଟି ବାଇକ୍‌ରେ ଶହେରୁ ଉର୍ଦ୍ଧ୍ୱ ଯବାନ ହାତରେ ତ୍ରିରଙ୍ଗା ପତାକା ଧରି ଶାନ୍ତିର ବାର୍ତ୍ତା ପ୍ରଦାନ କରିଥିଲେ। ସିଆରପିଏଫ-୧୯ ବାଟାଲିୟନର ଦ୍ୱିତୀୟ କମାଣ୍ଡାଣ୍ଟ ଡି. କିଣ୍ଡୋ, ମହେଶ ବିଶ୍ୱକର୍ମା, ଡେପୁଟି କମାଣ୍ଡାଣ୍ଟ ଏମ୍‌ଡି ସିରାଜୁଲଆଲାମଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ନଭେମ୍ବର ୧ରୁ ବେଦବ୍ୟାସ ନୃତ୍ୟ ସଙ୍ଗୀତ ମହୋତ୍ସବ

**ରାଉରକେଲା ଅଫିସ,୩୦।୧୦**

ଆସନ୍ତା ନଭେମ୍ବର ୧ ରେ ୨୫ତମ ବେଦବ୍ୟାସ ନୃତ୍ୟ ସଙ୍ଗୀତ ମହୋତ୍ସବ ପାଳନ କରାଯିବ। ଏ ନେଇ ରବିବାର ରାଉରକେଲା ଭଞ୍ଜକଳା କେନ୍ଦ୍ରରେ ସଭାପତି ଶଙ୍କର ରାୟଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ପ୍ରଦାନ କରାଯାଇଛି। ଏହି ମହୋତ୍ସବରେ ଶାସ୍ତ୍ରୀୟ ସଙ୍ଗୀତ ଓ ପାରମ୍ପରିକ ନୃତ୍ୟ ସଙ୍ଗୀତ ପରିବେଷଣ ନିମନ୍ତେ ଭାରତର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୩ଶହରୁ ଉର୍ଦ୍ଧ୍ୱ କଳାକାର ଅଂଶଗ୍ରହଣ କରିବେ ବୋଲି ସଭାପତି ରାୟଚୌଧୁରୀ ସୂଚନା ଦେଇଛନ୍ତି। ଏହି ଉତ୍ସବକୁ ରାଜ୍ୟ ଓଡିଶା ଭାଷା, ସାହିତ୍ୟ ଓ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଉଦ୍‌ଘାଟନ କରିବେ। ବିଭିନ୍ନ ସନ୍ଧ୍ୟାରେ ଏମ୍‌ପି ଜୁଏଲ ଓରାମ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ଆରଏମ୍‌ସି ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ, ରାଉରକେଲା ଏଡିଏମ୍ ଶୁଭଙ୍କର ମହାପାତ୍ରଙ୍କ ସମେତ ବହୁ ପ୍ରଶାସନିକ ବରିଷ୍ଠ ଅଧିକାରୀ ଯୋଗଦାନ କରିବାକୁ ସମ୍ମତି ଦେଇଥିବା ସୂଚନା ଦିଆଯାଇଥିଲା। ଉତ୍ସବରେ କଳାକ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଗୁରୁମାନଙ୍କୁ ସମ୍ମାନିତ କରାଯିବ। ଖବରଦାତା ସମ୍ମିଳନୀରେ ସାଧାରଣ ସମ୍ପାଦକ ରାଧାକୃଷ୍ଣ ମହାପାତ୍ର, ଅସୀମ କୁମାର ବେହେରା, ଶଶାଙ୍କ ପଟ୍ଟନାୟକ, ସୁବ୍ରତ ଶତପଥୀ, ଗଜେନ୍ଦ୍ର ମୁର୍ମୁ, ଆଲୋକ କୁମାର ବେହେରା, ପଞ୍ଚାନନ ସାହୁ, ପ୍ରବୀଣ ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ଆର୍‌ଏସ୍‌ପି ପରିସଂଖ୍ୟାନ ପୁସ୍ତିକା ଉନ୍ମୋଚିତ



ଅତିଥିମାନେ ପରିସଂଖ୍ୟାନ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

**ରାଉରକେଲା ଅଫିସ,୩୦।୧୦**

ରାଉରକେଲା ଇସ୍ପାତ କାରଖାନାର ଆର୍ଥିକ ବର୍ଷ ପରିସଂଖ୍ୟାନ ପୁସ୍ତିକା ୨୦୨୧-୨୨ କାରଖାନାର ମନ୍ଥନ ସମ୍ମିଳନୀ କକ୍ଷରେ ରବିବାର ଉନ୍ମୋଚିତ ହୋଇଛି। ଏଥିରେ ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପୁସ୍ତିକାକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ କାରଖାନାର ବହୁ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବିତ୍ତ ଓ ଲେଖା ବିଭାଗର ସିଜିଏମ୍ ଇନ୍‌ଚାର୍ଜ ଏ. କେ. ବେହୁରିଆ ପୁସ୍ତିକା ବିଷୟରେ ସୂଚନା ଦେଇ ସାମ୍ପ୍ରତିକ କାର୍ଯ୍ୟ ପରିବେଶରେ ତଥ୍ୟର ମହତ୍ତ୍ୱ ଏବଂ ଏହି ପୁସ୍ତିକା ବିଭିନ୍ନ ଆଭ୍ୟନ୍ତରୀଣ ପଣ୍ୟଧାରୀଙ୍କ ପାଇଁ ଦୈନନ୍ଦିନ କାର୍ଯ୍ୟରେ କିଭଳି ସହାୟକ ହେବ ସେ ବିଷୟରେ ଅବଗତ କରିଥିଲେ।

# ବିଶ୍ୱ ମିତବ୍ୟୟିତା ଦିବସ, ବୁଲିଲା ସଚେତନତା ରଥ



ସଞ୍ଚୟ ରଥର ଶୁଭାରମ୍ଭ କରାଯାଉଛି।

**ସୁନ୍ଦରଗଡ଼,୩୦।୧୦(ଡି.ଏନ୍.ଏ.)**

ବିଶ୍ୱ ମିତବ୍ୟୟିତା ଦିବସ ପାଳନ ଅବସରରେ ଜନସାଧାରଣଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ରବିବାର ସୁନ୍ଦରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଏକ ସଞ୍ଚୟ ରଥର ଶୁଭାରମ୍ଭ କରାଯାଇଛି। ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା ସବୁଜ ପତାକା ଦେଖାଇ ଏହି ସଞ୍ଚୟ ରଥର ଶୁଭାରମ୍ଭ କରିଛନ୍ତି। ସଞ୍ଚୟ ଓ ମିତବ୍ୟୟିତା ସମ୍ପର୍କରେ ବିଭିନ୍ନ ପ୍ରକାରର ଆକର୍ଷଣୀୟ ସ୍ଲୋଗାନମାନ ପ୍ଲାକାର୍ଡ ଜରିଆରେ ଉଲ୍ଲେଖ କରାଯାଇଥିଲା। ଏହି ପ୍ରଚାରପତ୍ର ବଣ୍ଟନ କରାଯାଇ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଏହି ସଞ୍ଚୟ ରଥ ସୁନ୍ଦରଗଡ଼ ସହର ତଥା ଆଖପାଖ ଅଞ୍ଚଳରେ ପରିକ୍ରମା କରିଥିଲା। ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ କୌଶଲ୍ୟା ଭିତ୍ରିଆଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲା ଜିଲା ପୋଲିସ୍ ପ୍ରଶାସନ

**ଝାରସୁଗୁଡା ଅଫିସ୍,୩୦।୧୦**

ପୋଲିସ୍ ଶହୀଦ ଦିବସ ଅବସରରେ ଜିଲା ପୋଲିସ୍ ପ୍ରଶାସନ ତରଫରୁ ରବିବାର ରେଙ୍ଗାଲି ଥାନା ଅନ୍ତର୍ଗତ ସରେଇପାଲି ଗ୍ରାମର ଶହୀଦ ଦୀପକସେନ ଭୋଇଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନକରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏଥିରେ ଅତିରିକ୍ତ ଏସ୍‌ପି ଲମ୍ବୋଦର ବୁଡା,ଏସ୍‌ଡିପିଓ ଗୁପ୍ତେଶ୍ୱର ଭୋଇ, ରେଙ୍ଗାଲି ଥାନା ଆଇଆଇସି କ୍ରେସେନିଆ ସମାରିଆ,କଣ୍ଢେଇକେଲା ଫାଣ୍ଡି ଅଧିକାରୀ ସୁଶାନ୍ତ କିଷାନ, କନକତୋରା ବିଟ୍‌ହାଉସ୍ ଅଧିକାରୀ ପ୍ରତାପ ପଟେଲ ପ୍ରମୁଖ ପୋଲିସ୍ ଅଧିକାରୀମାନେ ଯୋଗଦେଇଥିଲେ। ଏହି ଅବସରରେ ଶହୀଦ ଭୋଇଙ୍କ ମା ବିମଳା ଭୋଇ ଓ ବାପା ନରସିଂହ ଭୋଇଙ୍କୁ ପୋଲିସ୍ ଅଧିକାରୀମାନେ ଉତ୍ତରୀୟ ପ୍ରଦାନକରି ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ ଦୀପକସେନ୍ ଗତ ୨୦୦୮ ଜୁନ୍ ୪ ରେ ସଶସ୍ତ୍ର ପୋଲିସ୍ ବାହିନୀରେ ଯୋଗଦେଇଥିଲେ। ଗତ ୨୦୧୦ ମାର୍ଚ୍ଚ ୨୪ ରେ କୋରାପୁଟ୍ ଜିଲା ଆମ୍ବଝରୀ ଜଙ୍ଗଲରେ ମାଓବାଦୀ ଅପରେଶନ ଚାଲିଥିବାବେଳେ ମାଓବାଦୀଙ୍କ ଗୁଳିରେ ଦୀପକ ଶହୀଦ ହୋଇ ଦେଶପାଇଁ ବଳିଦାନ ଦେଇଥିଲେ।



ପୋଲିସ ଅଧିକାରୀମାନେ ଶହୀଦ ଦୀପକସେନ୍ ଭୋଇଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ପ୍ରଦାନ କରୁଛନ୍ତି।

# ଡିଏଭି ସ୍କୁଲରେ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ଝାରସୁଗୁଡ଼ା ଅଫିସ, ୩୦।୧୦**

ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲ ପରିସରରେ ରାଜ୍ୟସ୍ତରୀୟ ଜୁଡ଼ୋ, କରାଟେ, ଟାଏକୋଣ୍ଡୋ ଓ ଉଶୁ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଜିଲା କ୍ରୀଡ଼ା ପରିଷଦର ସାଧାରଣ ସମ୍ପାଦକ ତାପସ ରାୟ ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କ୍ରୀଡ଼ା ପତାକା ଉତ୍ତୋଳନ କରିବା ସହ କ୍ରୀଡ଼ା ପରିଚାଳନା ପାଇଁ ସବୁଜ ସଙ୍କେତ ଦେଇଥିଲେ। ଝାରସୁଗୁଡ଼ା ୨ୟ ବାଟାଲିୟନର ଆସିଷ୍ଟାଣ୍ଟ କମାଣ୍ଡର ଦିଲ୍ଲୀପ କୁମାର ସାହୁ, ଆସିଷ୍ଟାଣ୍ଟ କମାଣ୍ଡର ମାନଧାତା ସାଏ, ଓଡ଼ିଶା ପେଞ୍ଚକ ସିଲାଟ ପରିଷଦ ସମ୍ପାଦକ ପ୍ରେମ ସିଂ ଥାପ୍ପା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସ୍କୁଲର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା ମଞ୍ଚାସୀନ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହିତ ବିଭିନ୍ନ ପ୍ରକାର ପାଳନବିଧି ବିଷୟରେ ପ୍ରତିଭାଗୀମାନଙ୍କୁ ଅବଧାରଣା ଦେବା ସହ ସ୍ୱାଗତ କରିଥିଲେ। ବରିଷ୍ଠ ଶିକ୍ଷକ ଏମଭିଏଲଏନ ରାଓ ସମାରୋହର ଆଭିମୁଖ୍ୟ ଉପସ୍ଥାପନ କରିବା ସହିତ ଉଦ୍‌ଯାପନୀ ସଭାରେ ଫଳାଫଳ ଘୋଷଣା କରିଥିଲେ। ବାଳକ କରାଟେରେ ଝାରସୁଗୁଡ଼ା ଡିଏଭି, ବାଳିକା କରାଟେରେ ଲାଞ୍ଜିଗଡ଼ ଡିଏଭି ଓ ବାଳକ ତାଇକୋଣ୍ଡୋରେ ସେକ୍ଟର ୧୬ ରାଉରକେଲା ଡିଏଭିକୁ ଚାମ୍ପିୟନ ଘୋଷଣା କରାଯାଇଥିଲା। ୨ଦିନ ବ୍ୟାପୀ ହୋଇଥିବା ଏହି କ୍ରୀଡ଼ା ସମାରୋହରେ ଓଡ଼ିଶାର ୩୦ ଡିଏଭି ସ୍କୁଲର ସର୍ବମୋଟ ୧୮୬ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଜାତୀୟ ବିଚାରକ ମନୋଜ ଶୁକ୍ଲା, ଜାତୀୟ ଖେଳ ସଞ୍ଚାଳକ ରାଜୀବ ସିଂ, ବିଜୟ କୁମାର ଭୋଇ ଓ ପୃଥ୍ୱୀରାଜ ହରିଚନ୍ଦନଙ୍କ ସହ ତାଙ୍କ ସଞ୍ଚାଳକ ଟିମ କ୍ରୀଡ଼ା ପରିଚାଳନା କରିଥିଲେ। ଉଦ୍‌ଯାପନୀ ସଭାରେ ଜିଲା କ୍ରୀଡ଼ା ପରିଷଦର କର୍ମକର୍ତ୍ତା ଚୌଧୁରୀ, ଅସ୍ଥି ଶଲ୍ୟ ବିଶେଷଜ୍ଞ ପ୍ରୀତିରଞ୍ଜନ ପାଢ଼ୀ, ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

# ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ, ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ

**ଝାରସୁଗୁଡ଼ା ଅଫିସ,୩୦।୧୦**

ଝାରସୁଗୁଡ଼ା ଜିଲା ପ୍ରଶାସନ, ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ ସଂସ୍ଥା ଆନୁକୂଲ୍ୟରେ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ ହୋଇଯାଇଛି। ଜିଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ପ୍ରେକ୍ଷାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତପିରାମ ମାଝି ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ମାଝି ବନ୍ୟା, ବାତ୍ୟା, ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଉପଯୁକ୍ତ ପରିଚାଳନା ଓ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିରିକ୍ତ ଜିଲାପାଳ ପ୍ରବୀର କୁମାର ନାୟକ, ଉପଜିଲାପାଳ ଦୟାମୟ ପାଢୀ, ପିଡି (ପୁନର୍ବାସ ଓ ଥଇଥାନ) ଆଲୋମଣୀ ସେଠୀ, ଡେପୁଟି କଲେକ୍ଟର ଗୀତିକା ନାଏକ ପ୍ରମୁଖ ଗତ ୧୯୯୯ ମହାବାତ୍ୟାର ସ୍ମୃତିଚାରଣ ପୂର୍ବକ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସରକାରୀ ବିଭାଗ, ଜନପ୍ରତିନିଧି, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସର୍ବୋପରି ଜନସାଧାରଣଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ବିପର୍ଯ୍ୟୟ ପରିଚାଳନାରେ ରାଜ୍ୟ ସରକାରଙ୍କ ରଣନୀତି ଓ ସଫଳ ମୁକାବିଲା ସମ୍ପର୍କରେ କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା। ପ୍ରାକ୍ ପ୍ରସ୍ତୁତି ଓ ସଚେତନତା ହିଁ ଧନ ଜୀବନ ସୁରକ୍ଷା କରିବାରେ ସହାୟକ ହୋଇଥାଏ ବୋଲି ବକ୍ତୃତା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ର ମତପ୍ରକାଶ କରିଥିଲେ। ପୂର୍ବରୁ ଅନୁଷ୍ଠିତ ମହାବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟସ୍ତରୀୟ ବକ୍ତୃତା, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ କାର୍ଯ୍ୟକ୍ରମରେ ପୁରସ୍କାର ଓ ପ୍ରଶଂସାପତ୍ର ବିତରଣ କରାଯାଇଥିଲା। ଜିଲା ଜରୁରୀ ଅଧିକାରୀ ପ୍ରତିମା ପିଙ୍ଗ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଡିପିଓ ସୁଶାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଓଡ୍ରାଫ ବାହିନୀ ବିଭିନ୍ନ ଯନ୍ତ୍ରପାତି ସହାୟତାରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ଧନଜୀବନ ରକ୍ଷା କରାଯାଏ ତାର ନମୁନା ପ୍ରଦର୍ଶନ କରିଥିଲେ। ଜିଲା ଜରୁରୀ ବିଭାଗର କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅଧିକାରୀମାନେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

## ଶ୍ରମିକ ସୁରକ୍ଷା ସଚେତନତା ଶିବିର

ସମ୍ବଲପୁର,(ବ୍ୟୁରୋ): ଅଣ ସଙ୍ଗଠିତ ଶ୍ରମିକ ସାମାଜିକ ସୁରକ୍ଷା ସଚେତନତା ଶିବିର ସମ୍ବଲପୁର ଜିଲା ଦଣ୍ଡେଇପାଲିସ୍ଥିତ କୃଷକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ଜିଲା କୃଷକ ସଂଗଠନର ରାମସାଗର ସାହୁଙ୍କ ଅଧ୍ୟକ୍ଷତାରେ ଶିବିର ହୋଇଥିଲା । ସମ୍ବଲପୁର ଜିଲା ଶ୍ରମ ଅଧିକାରୀ ସୁମିତ୍ରା ମାଝୀ, ଜିଲା ଆଇନସେବା ପ୍ରାଧିକରଣ ବିଭାଗର ସମ୍ପାଦକ ଶୁଭଙ୍କର ମିଶ୍ର ମୁଖ୍ୟବକ୍ତା, ସାମାଜିକ କର୍ମୀ କାର୍ତ୍ତିକ ପ୍ରସାଦ ବହିଦାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅଣସଙ୍ଗଠିତ ଶ୍ରମିକମାନଙ୍କ ସାମାଜିକ ସୁରକ୍ଷା ବିଷୟରେ ଆଲୋକପାତ କରିଥିଲେ । ପ୍ରକୃତି ବନ୍ଧୁ ମେଘୁ ମୁଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଜି କ'ଣ କେଉଁଠି

ସମ୍ବଲପୁର
- ସିଆରପିଏଫ ପକ୍ଷରୁ ଏକତା ପାଇଁ ଦୌଡ଼ କାର୍ଯ୍ୟକ୍ରମ, ହାୱା ମଇଦାନ ସମ୍ମୁଖ, ସକାଳ ୭ଟା ।
- ବିଜେଡି ପକ୍ଷରୁ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ, ଆରଡିସି କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ସାଢ଼େ ୧୦ଟା ।
- ଜାତୀୟ କର୍ମଶାଳାର ଉଦ୍‌ଯାପନୀ ଉତ୍ସବ, ଜିଏମ୍‌ୟୁ ଅଧାପନା ପ୍ରକୋଷ୍ଠ-୧, ଅପରାହ୍ନ ୪ଟା ।

## ସଂକ୍ଷେପରେ

### ଆଇନ ମହାବିଦ୍ୟାଳୟରେ ଆଲୋଚନାଚକ୍ର

**ସମ୍ବଲପୁର,୩୦।୧୦(ବ୍ୟୁରୋ):** ସମ୍ବଲପୁରସ୍ଥିତ ଲଜପତ ରାୟ ଆଇନ ମହାବିଦ୍ୟାଳୟରେ ଆଲୋଚନାଚକ୍ର ଓ ନୂତନ ଅଧକ୍ଷଙ୍କୁ ସ୍ୱାଗତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୂତନ ଅଧକ୍ଷ ଡ. ବିଜୟାନନ୍ଦ ବେହେରାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ଜିଲା ଓକିଲ ସଂଘ ସଭାପତି ସୁରେଶ୍ୱର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଆୟୋଜିତ କର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧାପକ, କର୍ମଚାରୀ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ରହି ଆଇନ ମହାବିଦ୍ୟାଳୟର ଉନ୍ନତି କିପରି ହୋଇପାରିବ ସେନେଇ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ଏଥିସହ ମହହାବିଦ୍ୟାଳୟ ଅଧକ୍ଷଙ୍କୁ ସ୍ୱାଗତ କରିଥିଲେ। ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ କିଭଳି ପରିଣତ କରିହେବ, ତା ଉପରେ ବିଶେଷ ଭାବେ ଆଲୋଚନା କରିବା ସହ ଆଇନ ଛାତ୍ରୀଛାତ୍ର କିଭଳି ଭାବେ ଆଗକୁ ଯାଇ ସମାଜର ସଂସ୍କାରରେ ସହାୟକ ହେବେ ସେନେଇ ଆଲୋଚନା କରାଯାଇଥିଲା। ବରିଷ୍ଠ ଅଧାପକ ଡ. ଲକ୍ଷ୍ମୀକାନ୍ତ ଦାସ, ଅଙ୍କିତ ସୌରଭ ସାହୁ ଆଲୋଚନାରେ ଭାଗ ନେଇଥିଲେ । ଶୁଭଙ୍କର ପୃଷ୍ଟି, ଲାଲ ଗୋପାଲ ନନ୍ଦ, ବ୍ରଜେଶ ବେହେରା, ଅବିନାଶ କେରକେଟା, ବିକାଶ ନାଥ ମନ୍ଦୋଦରି, ଦେବୀପ୍ରସାଦ ମିଶ୍ର, ଆକାଂକ୍ଷା ସାମନ୍ତ, ବିନିତା ଚୌଧୁରୀ, ପରିଚିତା ପଣ୍ଡା, ଚାନ୍ଦିନୀ ମିଶ୍ର, ଅବଦୁଲ ବସିଦ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ବୈଠକ

**ସମ୍ବଲପୁର,୩୦।୧୦(ବ୍ୟୁରୋ):** ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ବୈଠକ ରବିବାର ରେଢ଼ାଖୋଲ ଡିଭିଜନର ରେଢ଼ାଖୋଲଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିସହ ଉକ୍ତ ଡିଭିଜନର ବଡ଼ ନୂଆପଡ଼ା, ବଡ଼ ହିନ୍ଦୋଳ, ଗୁଞ୍ଜିଘରା, ବଡ଼ମାଲ, ବୁର୍ଡ଼ାଠାରେ ମଧ ସଭା ହୋଇଥିଲା । ଏଥିରେ କେନ୍ଦୁପତ୍ର ସଂସ୍ଥାରେ କାର୍ଯ୍ୟରତ ସମସ୍ତ ଶ୍ରେଣୀର ଶ୍ରମିକ କର୍ମଚାରୀ, ତୋଳାଳିମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ବିଶଦ ଆଲୋଚନା କରାଯାଇଛି । ୪ ବର୍ଷରୁ ଉର୍ଦ୍ଧ୍ୱ ହେଲା ଦରଦାମ ବୃଦ୍ଧି ଓ ମୁଦ୍ରାସ୍ଫୀତି ଯୋଗୁ ପରିବାର ଚଳାଇବା କଷ୍ଟକର ହେଲାଣି । ଫଳରେ ବର୍ତ୍ତମାନ ସର୍ବନିମ୍ନ ମଜୁରିର ନୂତନ ମଜୁରି ହାର ଘୋଷଣା ପାଇଁ ଦାବି ଉତ୍ଥାପନ କରାଯାଇଛି । ରାଜ୍ୟ ସମ୍ପାଦକ ସଂଜିତ ମହାନ୍ତି ଦାବି ଉପସ୍ଥାପନ କରିଥିଲେ । ଏଥିସହିତ ୨୦୧୭-୧୮ ମସିହାରେ ସାମାଜିକ ନିରାପତ୍ତା ପାଇଁ ଦିଆ ଯାଉଥିବା ଛାତ୍ର ବୃତ୍ତି, କନ୍ୟା ବିବାହ ଆର୍ଥିକ ସହାୟତା ବନ୍ଦ କରି ଦିଆଯାଇଛି । ଏଣୁ ଏହାର ପୁନଃ ପ୍ରଚଳନ ପାଇଁ ଆଗାମୀ ବଜେଟରେ ୨୦୦ କୋଟି ଟଙ୍କା ପ୍ରଦାନ କରିବାକୁ ଦାବି କରାଯାଇଛି । କେନ୍ଦୁପତ୍ର ସଂସ୍ଥାରେ ଶତକଡା ୧୮% ଜିଏସଟି ଯୋଗୁ ବିକ୍ରି ମୂଲ୍ୟ ହ୍ରାସ ପାଉଥିବାରୁ ଆର୍ଥିକ ସହାୟତା ଦେବା ବନ୍ଦ କରାଯାଇ ଏବଂ ବୋନସ ପରିମାଣ କମୁଥିବା ଅଭିଯୋଗ ହୋଇଥିଲା । ଏଣୁ କେନ୍ଦ୍ର ଏବଂ ରାଜ୍ୟ ସରକାର କେନ୍ଦୁପତ୍ର ଉପରୁ ଜିଏସଟି ଉଚ୍ଛେଦ କରିବା ପାଇଁ ଦାବି କରାଯାଇଥିଲା। ଏହାବ୍ୟତୀତ କେତେକ ଫଡିରେ ଡିଏସ ମଜୁରି ପାଇ ନ ଥିବା ଏବଂ ବିଭିନ୍ନ ପଦ ପଦବୀ ଖାଲି ରହିଛି । ଏହାର ସମାଧାନ ପାଇଁ ଦାବି କରାଯାଇଥିଲା । ବୈଠକରେ ରାଜ୍ୟ ସମ୍ପାଦକ ଅନାଦି ସାହୁ, ଡିଭିଜନ ସମ୍ପାଦକ କିଶୋର ପ୍ରଧାନ, ଯୁଗ୍ମ ସମ୍ପାଦକ ଉଦିତ ତ୍ରିପାଠୀ, ରେଞ୍ଜ ସମ୍ପାଦକ ଭିକାରୀ ପ୍ରଧାନ, ରେଞ୍ଜ ସମ୍ପାଦକ ନୀଳାଦ୍ରୀ ପ୍ରଧାନ, ସୁମିତ ପଟେଲ, ଦେବ ଜ୍ୟୋତି ପଟ୍ଟନାୟକ, ମୋହିତ ଦାସ, ମକରଧ୍ୱଜ ପ୍ରଧାନ, ଜନ୍ମେଜୟ ନାୟକ, ରଙ୍କେଶ୍ୱର ମିର୍ଦ୍ଧା, ସ୍ୱାଧୀନ ମିର୍ଦ୍ଧା, ରଞ୍ଜନ ପ୍ରଧାନ, କୁମର ଲାକ୍ରା, ହେମନ୍ତ ପ୍ରଧାନ, ସୁରେନ୍ଦ୍ର ମହାକୁଡ, ପ୍ରିତି ମହକୁଲ, ସ୍ୱରୂପା ଦଣ୍ଡସେନା, ଫୁଲ ପ୍ରଧାନ, ସୁସୁମା ବିଲୁଙ୍ଗ, ପୁଷ୍ପାଞ୍ଜଳି ସେଠୀ ଆଲୋଚନାରେ ଭାଗ ନେଇଥିଲେ । ବୈଠକ ପରେ ଏକ ର୍‌ୟାଲି ଅନୁଷ୍ଠିତ ହୋଇଥିଲା ।

# ସାହିତ୍ୟ ଏକ ଭାବନା

ସମ୍ବଲପୁର,୩୦।୧୦(ବ୍ୟୁରୋ)

ସାହିତ୍ୟ ଏକ ଭାବନା। ସାହିତ୍ୟ ମାଧ୍ୟମରେ ସମାଜକୁ କବିମାନେ ଦିଗଦର୍ଶନ ଦେଇଥାନ୍ତି। ଜରୁରୀକାଳୀନ ପରିସ୍ଥିତିରେ ମଧ୍ୟ କବିଙ୍କ ଉଚ୍ଚକୋଟୀର ସାହିତ୍ୟ ସୃଷ୍ଟି ସମାଜର ଦର୍ପଣ ଭାବେ କାର୍ଯ୍ୟ କରିଥାଏ। ତେଣୁ କବି ଓ ସାହିତ୍ୟିକମାନେ ସବୁ ସମୟରେ ସମାଜର ମାର୍ଗଦର୍ଶକ ଅଟନ୍ତି। ଭାରତୀୟ ସାହିତ୍ୟ ସଂସ୍କୃତି ସଂସଦ ପକ୍ଷରୁ ଆୟୋଜିତ ବହୁଭାଷୀ କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ ଯୋଗଦେଇ ଅତିଥି ଓ ବକ୍ତାମାନେ ଉପରୋକ୍ତ ମତ ପ୍ରକାଶ କରିଛନ୍ତି ।

ରବିବାର ସଂସଦର ସମ୍ବଲପୁର ଜିଲା ସଭାପତି ଲକ୍ଷ୍ମୀ ନାରାୟଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ସମ୍ବଲପୁର ସାମ୍ବାଦିକ ଭବନଠାରେ କବିତା ପାଠୋତ୍ସବ ହୋଇଥିଲା। ରାଜ୍ୟର ସ୍ଥାୟୀ ସଭାପତି ନିତ୍ୟାନନ୍ଦ ଖମାରୀ, ସମ୍ପାଦକ ଶୁଭେନ୍ଦୁ ମେହେର, କବି ମାଧୁରୀ ମିଶ୍ର, ଭକ୍ତବନ୍ଧୁ ସାହୁ, ଓଡ଼ିଶା ସାଂସ୍କୃତିକ ସମାଜ ସଭାପତି



ରବିବାର ସମ୍ବଲପୁର ସାମ୍ବାଦିକ ଭବନଠାରେ ଆୟୋଜିତ ବହୁଭାଷୀ କବିତା ପାଠୋତ୍ସବରେ ଅତିଥି ଓ କବିମାନେ।

**ଭାରତୀୟ ସାହିତ୍ୟ ସଂସ୍କୃତି ସଂସଦର ବହୁଭାଷୀ କବିତା ପାଠୋତ୍ସବ**

ଅଶୋକ କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ପଙ୍କଜିନୀ ନାୟକଙ୍କ ସଂଯୋଜନାରେ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। କବୟିତ୍ରୀ ମମତା ନାଥ, ପଙ୍କଜିନୀ ମେହେର, କମଳଲୋଚନ ପଣ୍ଡା, ପ୍ରହଲ୍ଲାଦ ଦାଶ, ଶିବାତ୍ମକ ପଣ୍ଡା, ବବଲୁ ବାଗ, ତଫିଜୁଲ ହୁସେନ, ସୁଧାଂଶୁ ଭୂଷଣ ଷଣ୍ଢ, ଜୟକୃଷ୍ଣ ବେହେରା, କାହ୍ନୁକେଶବ ବହିଦାର, ରାହୁଲ କୁମାର ଗୁପ୍ତା, ଦେବାଶିଷ ବେହେରା, ଜିତେନ୍ଦ୍ର ମିଶ୍ର, ସଙ୍ଗୀତା ନାୟକ, ସାବିତ୍ରୀ ପୁରୋହିତ, ସୁସ୍ମିତା ମିଶ୍ର, ଶ୍ରୀବତ୍ସ ମେହେର, ଜ୍ଞାନବ୍ରତ ଭୋଇ ପ୍ରମୁଖ କବିମାନେ ଯୋଗ ଦେଇଥିଲେ।

# ଜିଲା ଓକିଲ ସଂଘର ଜରୁରୀକାଳୀନ ସାଧାରଣ ପରିଷଦ ବୈଠକ

ସମ୍ବଲପୁର,୩୦।୧୦(ବ୍ୟୁରୋ)

- ବିଦ୍ୟୁତ ପ୍ରିପେଡ ମିଟର, ପାଣି ସ୍ମାର୍ଟ ମିଟର ସଂଯୋଗକୁ ବିରୋଧ
- ସ୍ୱତନ୍ତ୍ର ରାଜ୍ୟ ଦାବିରେ ମହାବନ୍ଦ ହେବ

ସମ୍ବଲପୁର ଜିଲା ଓକିଲ ସଂଘର ଜରୁରୀକାଳୀନ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓକିଲ ସଂଘ ସଭାପତି ସୁରେଶ୍ୱର ମିଶ୍ର ଅଧ୍ୟକ୍ଷତା କରିଥିଲେ। ସମ୍ବଲପୁରରେ ଆରମ୍ଭ ହୋଇଥିବା ବିଦ୍ୟୁତ ପ୍ରିପେଡ, ପାଣି ସ୍ମାର୍ଟ ମିଟର ସଂଯୋଗକୁ ବିରୋଧ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସରକାର ସମ୍ବଲପୁରକୁ ପରୀକ୍ଷାଗାର କରନ୍ତୁ ନାହିଁ। ବିଦ୍ୟୁତ ପ୍ରିପେଡ ଓ ପାଣି ସ୍ମାର୍ଟ ମିଟର ସଂଯୋଗ ଯୋଜନାକୁ ତୁରନ୍ତ ପ୍ରତ୍ୟାହାର କରନ୍ତୁ। ନଚେତ୍ ଆଗାମୀ ଦିନରେ ସଂଘ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ପ୍ରସ୍ତାବ ଗୃହୀତ ହୋଇଛି। ସରକାର ପାଇଲଟ ପ୍ରୋଜେକ୍ଟ ନାମରେ ସମ୍ବଲପୁରର ନିରୀହ ଜନସାଧାରଣଙ୍କୁ ନିର୍ଯାତନା ଦିଆଯାଉଛି। ରାଜ୍ୟ ସରକାରଙ୍କ ମନମୁଖୀ ପ୍ରଶାସନିକ କାର୍ଯ୍ୟକୁ ଜିଲା ଓକିଲ ସଂଘ ସମାଲୋଚନା କରିବା ସହ ଡାକବାଜି ଯନ୍ତ୍ର ସାହାଯ୍ୟରେ ଜନସଚେତନତା ସୃଷ୍ଟି କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଜନସ୍ୱାର୍ଥ ବିରୋଧୀ ଏହି ଯୋଜନାକୁ ସରକାର ଯଦି ପ୍ରତ୍ୟାହାର ନ କରନ୍ତି ତେବେ ଆଗାମୀ ଦିନରେ ଜନସାଧାରଣ ଓ ଓକିଲ ସଂଘ ମିଳିତ ଭାବେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ବୈଠକରେ ଚେତାବନୀ ଦିଆଯାଇଛି। ଅପରପକ୍ଷେ ପଶ୍ଚିମ ଓଡ଼ିଶାକୁ ରାଜ୍ୟସରକାର କ୍ରମାଗତ ଭାବେ ଅବହେଳା କରୁଛନ୍ତି। ତେଣୁ ପଶ୍ଚିମ ଓଡ଼ିଶାକୁ ସ୍ୱତନ୍ତ୍ର ମାନ୍ୟତା ଦିଆଯାଉ ବୋଲି ସଂଘ ଦାବି କରିଛି। ସ୍ୱତନ୍ତ୍ର ରାଜ୍ୟ ଦାବିରେ ଚାଲିଥିବା ଆନ୍ଦୋଳନକୁ ସଂଘ ପୂର୍ଣ୍ଣ ସମର୍ଥନ ଦେଉଛି। ଆଗାମୀ ଦିନରେ ସମସ୍ତ ସାମାଜିକ ସଂଗଠନ ଓ ସାଂସ୍କୃତିକ ସଂଗଠନକୁ ନେଇ ଆଲୋଚନା କରାଯିବ। ଏହାପରେ ମହାବନ୍ଦ କରାଯିବ ବୋଲି ସଭାପତି ସୁରେଶ୍ୱର କହିଛନ୍ତି।

# ଛଟ ପୂଜାରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ


ରବିବାର ସମ୍ବଲପୁର ମହାନଦୀରେ ଭକ୍ତମାନେ ଛଟ ପୂଜା କରୁଛନ୍ତି।

ସମ୍ବଲପୁର,୩୦।୧୦(ବ୍ୟୁରୋ)

**ଅଯୋଧା ସରୋବରରେ ନୌକାବିହାର**

ଛଟ ପୂଜାରେ ଭକ୍ତମାନେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରିଛନ୍ତି। ମହାନଦୀ ଅଯୋଧା ସରୋବରରେ ରବିବାର ସମ୍ବଲପୁର ସହରର ବିଭିନ୍ନ ଅଞ୍ଚଳରୁ ସହସ୍ରାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଭକ୍ତମାନେ ସ୍ନାନ କରି ନୂଆ ବସ୍ତ୍ର ପରିଧାନ କରିଥିଲେ। ସୂର୍ଯ୍ୟଙ୍କୁ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିବା ସହ ଅର୍ଘ୍ୟ ଅର୍ପଣ କରିଥିଲେ। ରଙ୍ଗୀନ ଆତସବାଜି ଓ ବିଭିନ୍ନ ବାଦ୍ୟ ତାଳରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଭକ୍ତି ସଙ୍ଗୀତର ମୂର୍ଚ୍ଛନାରେ ଭକ୍ତମାନେ ଅଯୋଧା ସରୋବରସ୍ଥିତ ସୂର୍ଯ୍ୟ ମନ୍ଦିରରେ ପ୍ରଣିପାତ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି । ଭକ୍ତମାନେ ମନସ୍କାମନା ପୂରଣ ସକାଶେ ରାସ୍ତାରେ ସାଷ୍ଟାଙ୍ଗ ପ୍ରଣିପାତ କରି ପୂଜାସ୍ଥଳରେ ପହଞ୍ଚିଥିଲେ। ଅସ୍ତଗାମୀ ସୂର୍ଯ୍ୟଙ୍କ ରକ୍ତିମ କିରଣରେ ଅଯୋଧା ସରୋବର ଝଟକୁ ଥିଲା। ଏଥିସହ ବାଳିକା, ବାଳକ, ଯୁବତୀ, ଯୁବକଙ୍କ ନୌକା ବିହାର ଦୃଶ୍ୟ ମନୋରମ ଥିଲା। ମହାନଦୀ ଅଯୋଧା ସରୋବର ବ୍ୟତୀତ ଗୋବିନ୍ଦତୋଲା ହରଡ଼ ଜୋର, ଝାଡୁଆପଡା, ନନ୍ଦପଡା, ବାଲିବନ୍ଧା, ମିସିନ ଘାଟ, ସମଲେଶ୍ୱରୀ ଘାଟ, ବଡବଜାର ସଡକ ଘାଟ, ମନ୍ଦଲିଆ ମୁହାଣ, ବରେଇପାଲି ନାଳା ଓ ପୋଖରୀ, କାଇଁଶିର ପୋଖରୀ ପ୍ରଭୃତି ଅଞ୍ଚଳରେ ଭକ୍ତମାନେ ସୂର୍ଯ୍ୟଙ୍କୁ ପୂଜାର୍ଚ୍ଚନା କରିଛନ୍ତି। ରାତ୍ରିରେ ବିଭିନ୍ନ ଅଞ୍ଚଳରେ ଭଜନ କାର୍ଯ୍ୟକ୍ରମ ହୋଇଥିଲା। ସୋମବାର ପ୍ରାତଃରେ ମଧ ବିହାରୀ ସମ୍ପ୍ରଦାୟର ଭକ୍ତମାନେ ଉଦୟ ସୂର୍ଯ୍ୟଙ୍କୁ ପୂଜାର୍ଚ୍ଚନା କରିବା ରୀତି ରହିଛି । ସୂଚନା ଯୋଗ୍ୟ ଯେ, କରୋନା କଟକଣା ଯୋଗୁ ୨ବର୍ଷ ହେବ ସର୍ବସାଧାରଣ ସ୍ଥାନରେ ଏହି ଛଟ ପୂଜା ହୋଇ ନ ଥିଲା। ଭକ୍ତମାନେ ନିଜ ଘରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ପୂଜା କରିଥିଲେ। କେତେକ ଭକ୍ତ ନିଜ ପଡ଼ାର ଛକରେ ପ୍ଲାଷ୍ଟିକର କୃତ୍ରିମ ପୋଖରୀ ତିଆରି କରି ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଇଥିଲେ। କିନ୍ତୁ ଚଳିତବର୍ଷ ଛଟ ପୂଜାରେ ସହର ଚଳଚଞ୍ଚଳ ହୋଇ ଉଠିଛି। ଭକ୍ତଙ୍କ ମୁଖରେ ହସ ଓ ଆନନ୍ଦ ଖେଳିଯାଇଛି।

# ଜିଲାସ୍ତରୀୟ ଖୋଖୋ ଚୟନ ଶିବିର

**ଭାଗ ନେଲେ ୭୦ଜଣ ମହିଳା ଓ ପୁରୁଷ ଖେଳାଳି**

ସମ୍ବଲପୁର,୩୦।୧୦(ବ୍ୟୁରୋ)

ସମ୍ବଲପୁର କ୍ରୀଡ଼ା ସଂଘ ଆୟୋଜନରେ ଜିଲାସ୍ତରୀୟ ବରିଷ୍ଠ ମହିଳା ଓ ପୁରୁଷ ଖୋଖୋ ଚୟନ ଶିବିର ରବିବାର ସିନ୍ଦୁରପଙ୍କସ୍ଥିତ ଜନାର୍ଦ୍ଦନ ପୂଜାରୀ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବାମରା, କୁଚିଣ୍ଡା, କୁଲୁଣ୍ଡି, ମାନେଶ୍ୱର ହୀରାକୁଦ, ସିନ୍ଦୁରପଙ୍କ ଅଞ୍ଚଳରୁ ୭୦ଜଣ ମହିଳା ପୁରୁଷ ଖେଳାଳି ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମହିପାଲ ସ୍ୱାଇଁ, ସମ୍ବଲପୁର ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଜଗବନ୍ଧୁ ବେହେରା, ରାଜ୍ୟ ଖୋଖୋ ସଂଘର ଯୁଗ୍ମ ସମ୍ପାଦକ ଲକ୍ଷ୍ମଣ ନାଥ ଓ କାର୍ଯ୍ୟକାରୀ ସଭ୍ୟ ପ୍ରଶାନ୍ତ ସେଠ, ଜିଲା କ୍ରୀଡ଼ା ସଂଘ ଖେଳ ସମ୍ପାଦକ ରାଜେସ ସେଠ, ଫୁଟବଲ ସମ୍ପାଦକ ଅବଦୁଲ ଗଫର ଅତିଥି ଭାବେ ଯୋଗ ଦେଇଥିଲେ। ନାରାୟଣ ପ୍ରଧାନ, ଚିତ୍ତରଞ୍ଜନ ପଣ୍ଡା, ଉମେଶ ପାଣିଗ୍ରାହୀ, ସସ୍ମିତା ଓଝା, ସୁମିତ୍ରା ଛତର, ଶିଶିଲିଆ ତିର୍କୀ ଓ ଚିନ୍ତାମଣି ବେହେରା ଚୟନ ଶିବିର ପରିଚାଳନା କରିଥିଲେ। ମହିଳା ଓ ପୁରୁଷ ବର୍ଗରେ ୧୨ଜଣ ଲେଖାଏ ଖେଳାଳିଙ୍କୁ ଚୟନ କରାଯାଇଛି। ଆସନ୍ତା ନଭେମ୍ବର ୧୩ ରୁ ୧୫ ତାରିଖ ପୁରୀଠାରେ ହେବାକୁ ଥିବା ୫୫ତମ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଚୟନ ହୋଇଥିବା ଖେଳାଳିମାନେ ଭାଗ ନେବେ।

# ସଚେତନତା ସଞ୍ଚୟ ରଥର ଶୁଭାରମ୍ଭ

ସମ୍ବଲପୁର,୩୦।୧୦(ବ୍ୟୁରୋ)

ସମ୍ବଲପୁର ଜିଲା ସ୍ୱଳ୍ପ ସଞ୍ଚୟ ଓ ଆର୍ଥିକ ଅନ୍ତର୍ଭୁକ୍ତି ବିଭାଗ ପକ୍ଷରୁ ସଚେତନତା ସଞ୍ଚୟ ରଥର ଶୁଭାରମ୍ଭ ହୋଇଛି। ରବିବାର ଜିଲାପାଳ ଅଫିସ ପରିସରରେ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ରଥର ଶୁଭାରମ୍ଭ କରିଥିଲେ। ଜିଲା ଏସଏସଓ ନୀଳାଞ୍ଚଳ ସେଠୀଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା । ସହରର ବିଭିନ୍ନ ଅଞ୍ଚଳରୁ ସ୍ୱଳ୍ପ ସଞ୍ଚୟର ଅଭିକର୍ତ୍ତାମାନେ ସାମିଲ ହୋଇଥିଲେ। କୌଣସି ସଂସ୍ଥାରେ ଅର୍ଥ ଜମା କଲା ପୂର୍ବରୁ ତାହାର ବିଶ୍ୱାସନୀୟତା ଭଲ ଭାବେ ପରୀକ୍ଷା କରିବା ଉଚିତ। ଏଥିସହ ଅନୈତିକ ଭାବେ ଜମା ସଂଗ୍ରହ କରୁଥିବା କମ୍ପାନୀମାନଙ୍କ ବିଷୟରେ କୌଣସି ଅଭିଯୋଗ ଦାଖଲ କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ପରିଚାଳିତ ୱେବସାଇଟର ସାହାଯ୍ୟ ନେଇପାରିବେ। ଡାକଘର ଓ ବାଣିଜ୍ୟିକ ବ୍ୟାଙ୍କରେ ନିବେଶ କରନ୍ତୁ। ସ୍ୱଳ୍ପ ସଞ୍ଚୟ ଯୋଜନାକୁ ଧ୍ୟାନ ଦିଅନ୍ତୁ ବୋଲି ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ରଥ ମାଧ୍ୟମରେ ସଚେତନ କରାଯାଇଛି। କାର୍ଯ୍ୟକ୍ରମରେ ରାଜସ୍ୱ ସହାୟକ ମିହିର ରଞ୍ଜନ ମହାନ୍ତି, କର୍ମଚାରୀ କୃଷ୍ଣଚନ୍ଦ୍ର ସାହୁ, ଅଭିକର୍ତ୍ତା ସୂର୍ଯ୍ୟ ନାରାୟଣ ସାହୁ, ସନ୍ତୋଷ କୁମାର ରାଉତ, ସନ୍ତୋଷ କୁମାର ପଣ୍ଡା, ପ୍ରଶାନ୍ତ କୁମାର ବଢ଼େଇ, ବିନ୍ଦୁ ଶେଖର ମାଝୀ, ପଦ୍ମଲୋଚନ ସ୍ୱାଇଁ, ଶଙ୍କର ପ୍ରସାଦ ସାହୁ, ପଙ୍କଜିନୀ ସରାଫ, ପ୍ରେମାନନ୍ଦ ପଣ୍ଡା, କେଶବ ନାଏକ, ଅରୁଣ କୁମାର ଦାଶ, ମହେଶ ଅଗ୍ରୱାଲ ଓ ସୁକେଶ ସ୍ୱାଇଁ ସାମିଲ ହୋଇଥିଲେ। ଏହି ସଚେତନତା ସଞ୍ଚୟ ରଥ ସମ୍ବଲପୁର ମହାନଗର ଅନ୍ତର୍ଗତ ବିଭିନ୍ନ ୱାର୍ଡ ପରିକ୍ରମା କରି ଡାକବାଜି ଯନ୍ତ୍ର ଦ୍ୱାରା ଜନସାଧାରଣଙ୍କୁ ସଚେତନ କରିବା କାର୍ଯ୍ୟକ୍ରମ ରହିଛି।



ରବିବାର ସମ୍ବଲପୁର ଜିଲାପାଳ ଅଫିସ ପରିସରରେ ସଞ୍ଚୟ ରଥ ଶୁଭାରମ୍ଭ କାଯ୍ୟକ୍ରମରେ ଅତିଥି, ବିଭାଗୀୟ ଅଧିକାରୀ ଓ ଅଭିକର୍ତ୍ତାମାନେ।

# ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମାରୋହ

ଜମନକିରା,୩୦।୧୦(ଡି.ଏନ.ଏ.)

ରବିବାର ଜମନକିରା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ନିକଟରେ ପଞ୍ଚ ବାର୍ଷିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜିଲାର ବିଭିନ୍ନ ବ୍ଲକର ଶିକ୍ଷୟିତ୍ରୀ ଶିକ୍ଷକ ଏହି ସମାରୋହରେ ଯୋଗ ଦେଇଥିଲେ। ଏଥିରେ ଶିକ୍ଷାର ବିକାଶରେ ଶିକ୍ଷକ, ପ୍ରଶାସକ ଓ ଶିକ୍ଷକ ସଂଘର ଭୂମିକା ଉପରେ ଆଲୋଚନା ହୋଇଥିଲା। ଜମନକିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୁଣମଣି ପଟେଲ ଏଥିରେ ଅଧକ୍ଷତା କରିଥିଲେ। ଏହି ସମାରୋହରେ ବିକାଶ ଚନ୍ଦ୍ର ପ୍ରଧାନ, ସୁଦର୍ଶନ ପୂଜାରୀ, ଡ. ମୁରଲୀଧର ବେହେରା, ସୁବୋଧ ଦାସ, ବିନୟ କୁମାର ସାଏ, ବିଜୟ ପାତ୍ର, ସନ୍ତୋଷ ସାହୁ, ସୁଦିପ୍ତ ନାଏକ, ଦେବକୀ ନାଏକ, ନିତାଇ ଚାନ୍ଦ ଭୋଇ, ସ୍ୱର୍ଣ୍ଣ ମେକାପ,ରଚନା ସିଂ ଓ ପ୍ରଶାନ୍ତ କୁମାର ନାଥ ଅତିଥି ଭାବେ ଉପସ୍ଥିତ ଥିଲେ। ଶିକ୍ଷକ ନିତେଇଚାନ୍ଦ ଭୋଇ, ପ୍ରଶାନ୍ତ ପଣ୍ଡା, ରଞ୍ଜିତା ପଟେଲ, ସୁପ୍ରିତା ପଟେଲ ସଭା ପରିଚାଳନା କରିଥିଲେ। ଏହି ଅବସରରେ ମୃତ୍ୟୁବରଣ କରିଥିବା ୧୧ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଏହାଛଡା ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକର ୨୧ଟି ପଞ୍ଚାୟତର ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ।


ସମାରୋହରେ ଯୋଗ ଦେଇଥିବା ଅତିଥିବୃନ୍ଦ।

# ହିଣ୍ଡାଲକୋ ପକ୍ଷରୁ ବିଶେଷଜ୍ଞ ସ୍ୱାସ୍ଥ୍ୟ ଶିବିର

ସମ୍ବଲପୁର,୩୦।୧୦(ବ୍ୟୁରୋ)

ହିଣ୍ଡାଲକୋ ପକ୍ଷରୁ ହୀରାକୁଦ ସହରରେ ବିଶାଳ ବିଶେଷଜ୍ଞ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ ଓ ହିଣ୍ଡାଲକୋ କ୍ଲଷ୍ଟର ମୁଖ୍ୟ କୈଳାଶ ନାଥ ପାଣ୍ଡେ ପ୍ରଦୀପ ପ୍ରଜ୍ୱଳନ କରି ଶିବିରକୁ ଉଦଘାଟନ କରିଥିଲେ। ହିଣ୍ଡାଲକୋ ମାନବ ସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢୀ, କ୍ଲଷ୍ଟର ଅର୍ଥ ବିଭାଗ ମୁଖ୍ୟ ଶ୍ରୀନାଥ ମିଶ୍ର, ସ୍ମେଲଟର ମୁଖ୍ୟ ଦେବାଶିଷ ମଲ୍ଲିକ, ପାୱାର ପ୍ଲାଣ୍ଟ ମୁଖ୍ୟ ପ୍ରାଞ୍ଜଳ ପାଠକ, ଏଫଆରପି ପ୍ଲାଣ୍ଟ ମୁଖ୍ୟ ସୁରଜିତ ମିତ୍ର, ହିଣ୍ଡାଲକୋ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସୁବ୍ରତ ଚାଟାର୍ଜୀ ସମ୍ମାନିତ ଅତିଥି ଥିଲେ। ହୀରାକୁଦ ସହରର ବିଭିନ୍ନ ସାମାଜିକ ଅନୁଷ୍ଠାନ, ଶ୍ରମିକ ଓ ମହିଳା ସଂଗଠନଗୁଡିକର କର୍ମକର୍ତ୍ତା , ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଯୋଗ ଦେଇଥିଲେ। ହୀରାକୁଦ ଜନସାଧାରଣଙ୍କ ସହଯୋଗରେ ସିଏସଆର ମାଧ୍ୟମରେ ପାରିପାର୍ଶ୍ୱିକ ଉନ୍ନତି କାର୍ଯ୍ୟ ଆହୁରି ତ୍ୱରାନ୍ୱିତ କରାଯିବା ସହ ବିଭିନ ଉନ୍ନୟନମୂଳକ କାର୍ଯ୍ୟ ଆଗକୁ ଜାରି ରହିବ ବୋଲି କ୍ଲଷ୍ଟର ମୁଖ୍ୟ ପାଣ୍ଡେ ସୂଚନା ଦେଇଛନ୍ତି । ମାନବ ସମ୍ବଳ ମୁଖ୍ୟ ପାଢ଼ୀ ବିଗତ ଦିନଗୁଡ଼ିକରେ ସ୍ୱାସ୍ଥ୍ୟସେବା ପାଇଁ ଦିଆଯାଇଥିବା କାର୍ଯ୍ୟକ୍ରମ ଏବଂ


ହୀରାକୁଦରେ ଜିଲାପାଳ ଅନନ୍ୟା ଦାସ ରବିବାର ବିଶାଳ ସ୍ୱାସ୍ଥ୍ୟ ଶିବିରକୁ ଉଦଘାଟନ କରୁଛନ୍ତି।

**୧ ହଜାରରୁ ଉର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା**

ତ୍ରୟମାସିକ ବିଶାଳ ବିଶେଷଜ୍ଞ ସ୍ୱାସ୍ଥ୍ୟଶିବିର ବିଷୟରେ ଆଲୋକପାତ କରିଥିଲେ। ଆଗାମୀ ଦିନରେ ହିଣ୍ଡାଲକୋ ତରଫରୁ ହୀରାକୁଦବାସୀଙ୍କ ପାଇଁ ୨୪ଘଣ୍ଟିଆ ଆମ୍ବୁଲାନ୍ସର ସୁବିଧା ଯୋଗାଇ ଦିଆଯିବ ବୋଲି ଘୋଷଣା କରିଥିଲେ। ବରିଷ୍ଠ ନାଗରିକ ସଂଗଠନର ସଭାପତି ସୁରେନ୍ଦ୍ର ଚୌବେ ଏବଂ ମହମ୍ମଦପୁର ଗ୍ରାମର ବରିଷ୍ଠ ନାଗରିକ ମିତ୍ରଭାନୁ ପୋଢ଼ ହିଣ୍ଡାଲକୋର ପାରିପାର୍ଶ୍ୱିକ ବିକାଶ କାର୍ଯ୍ୟକ୍ରମ ନେଇ ସୂଚନା ଦେଇଥିଲେ। ଶିବିରରେ ଭେଷଜ ବିଭାଗର ବରିଷ୍ଠ ଡା. ନେତ୍ରାନନ୍ଦ ଦୋରା, ଡା. ତପନ କୁମାର ସିଂ, ସ୍ତ୍ରୀ ଓ ପ୍ରସୂତି ବିଭାଗର ଡା. ପଦ୍ମାଳୟା ମିଶ୍ର, ଶିଶୁରୋଗ ବିଭାଗର ଡା. ଚନ୍ଦନ ମାରାଣ୍ଡି, ଅର୍ଥୋରେ ଡା. ପ୍ରଭାକର ଦାସ, ଡ. ପ୍ରଶାନ୍ତ ଦାସ, ଇଏନଟିର ଡା. ମାନସ ରଞ୍ଜନ ମିଶ୍ର, ଇଉରୋଲୋଜିର ଡା. ସୌଭାନ ହୋତା, ଡେଣ୍ଟାଲର ଡା. ଚଞ୍ଚଳ ଗୋୟଙ୍କା, ଚର୍ମ ରୋଗ ବିଭାଗର ଡା. ଆଶିଷ କୁମାର ନାୟକ, ଫିଜିଓଥେରାପିର ଡା. ଆଲୋକ ଶର୍ମା ଏବଂ ହୋମିଓପାଥିର ଡା. ମାୟାଧର ସାହୁ ଯୋଗଦେଇ ରୋଗୀମାନଙ୍କୁ ଚିକିତ୍ସା କରି ପରାମର୍ଶ ଦେଇଥିଲେ। ଶିବିରରେ ୧ହଜାର ୧୩ ଜଣଙ୍କୁ ଚିକିତ୍ସା କରାଯାଇ ଔଷଧ ବିତରଣ କରାଯାଇଥିଲା। ଏଥିସହ ଇସିଜି, ରକ୍ତ ପରୀକ୍ଷା, କୋଭିଡ ଆଣ୍ଟିଜେନ ଏବଂ ଫିଜିଓଥେରାପି ପରୀକ୍ଷା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସିଏସଆର ଏବଂ ହିଣ୍ଡାଲକୋ ସ୍ୱାସ୍ଥ୍ୟ ବିଭାଗର ସମସ୍ତ କର୍ମଚାରୀମାନେ ସହଯୋଗ କରିଥିଲେ।

# ଛଟ୍ ପୂଜାରେ ମୁଖରିତ ହେଲା ନଦୀପଠା




ସୁନ୍ଦରଗଡ ଇବ୍ ନଦୀକୂଳରେ ବ୍ରତଧାରୀମାନେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟଦାନ କରି ପୂଜାର୍ଚ୍ଚନା କରୁଛନ୍ତି। କୁତ୍ରା ବାଲକୁବନ୍ଧଠାରେ ଛଟପର୍ବ ପାଳନ ଲାଗି ଭିଡ଼ ଜମିଛି।

## ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟଦାନ କରି ପୂଜାର୍ଚ୍ଚନା କଲେ ବ୍ରତଧାରୀ

ସୁନ୍ଦରଗଡ଼/କୁତ୍ରା/କୁଆଁରମୁଣ୍ଡା,୩୦।୧୦(ଡି.ଏନ.ଏ.)

ଛଟ ପୂଜା ପାଇଁ ମୁଖରିତ ହୋଇଉଠିଛି ସୁନ୍ଦରଗଡ଼ ଜିଲାର ବିଭିନ୍ନ ନଦୀପଠା। ସୁନ୍ଦରଗଡ଼ ନିକଟ ଇବ ନଦୀ ପଠାରେ ରବିବାର ସନ୍ଧ୍ୟାରେ ଶହ ଶହ ବ୍ରତଧାରୀ ମହିଳା, ପୁରୁଷ ପୂଜାର୍ଚ୍ଚନା କରି ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟଦାନ କରିଛନ୍ତି। ପରିବାରର ମଙ୍ଗଳ ମନାସୀ ନିର୍ଜଳା ଉପବାସ କରି ବ୍ରତଧାରୀମାନେ ଏହି ଛଟ ପୂଜା କରିଥିଲେ। ବିଶେଷକରି ସୁନ୍ଦରଗଡରେ ବସବାସ କରି ଆସୁଥିବା ବିହାର, ଝାଡ଼ଖଣ୍ଡ ଓ ଉତ୍ତର ଭାରତର ଅଧିବାସୀମାନେ ଏହି ବ୍ରତ ପାଳନ କରିଆସୁଛନ୍ତି। ଛଟ ପୂଜା ପାଇଁ ବଜାର, ହାଟ ଚଳଚଞ୍ଚଳ ହୋଇଉଠିଥିଲା। ବ୍ରତଧାରୀଙ୍କ ସକାଶେ ବିଭିନ୍ନ ପ୍ରକାରର ଫଳ ବିକ୍ରି ପାଇଁ ସ୍ୱତନ୍ତ୍ର ବଜାର ବସିଥିଲା। ସୋମବାର ଭୋର୍‌ରେ ଉଦିତ ସୂର୍ଯ୍ୟଙ୍କୁ ପୁନର୍ବାର ଅର୍ଘ୍ୟଦାନ କରି ପୂଜାର୍ଚ୍ଚନା ପରେ ବ୍ରତ ସମାପନ କରିବେ।

କୁତ୍ରାରେ ମଧ୍ୟ ଧୁମଧାମର ସହିତ ଛଟ ପୂଜା ଅନୁଷ୍ଠିତ ହୋଇଯାଇଛି। ରବିବାର କୁତ୍ରା ବାଲକୁବନ୍ଧଠାରେ ସବୁ ପର୍ବ ପରି ଏହି ପର୍ବକୁ ଅତି ଶ୍ରଦ୍ଧାପୂର୍ବକ ବିହାରୀ ସମ୍ପ୍ରଦାୟର ମହିଳାମାନେ ବିଶେଷ ଆୟୋଜନ କରି ରୀତିନୀତି ଅନୁଯାୟୀ ଦିନସାରା ଉପବାସ କରି ଏହି ପର୍ବ ପାଳନ କରିଛନ୍ତି। ବାଲକୁବନ୍ଧ ଠାରେ ଅସ୍ତଗାମୀ ସୂର୍ଯ୍ୟ ଦେବଙ୍କୁ ଅର୍ଘ୍ୟ ପ୍ରଦାନ କରିଛନ୍ତି। ସେହିପରି କୁଆଁରମୁଣ୍ଡା, ବୀରମିତ୍ରପୁର,ରାୟବଗା ଓ ଏହାର ଆଖପାଖ ଅଞ୍ଚଳରେ ବସବାସ କରୁଥିବା ଉତ୍ତର ଭାରତୀୟମାନେ ହର୍ଷୋଲ୍ଲାସର ସହିତ ସମ୍ପୂର୍ଣ୍ଣ ରୀତିନୀତି ପୂର୍ବକ ପାଳନ କରିଛନ୍ତି ଛଟ ପର୍ବ। କୁଆଁରମୁଣ୍ଡାର ଯମୁନା ନାକି ନିକଟସ୍ଥ କୋଏଲ ନଦୀ କୂଳରେ ବିହାରୀ ସମ୍ପ୍ରଦାୟର ପ୍ରାୟ ଦୁଇ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିବା ସହ ସୋମବାର ପ୍ରତ୍ୟୁଷରୁ ଉଦିତ ହେବାକୁ ଯାଉଥିବା ସୂର୍ଯ୍ୟ ଦେବତାଙ୍କୁ ଦର୍ଶନ କରିବା ନିମନ୍ତେ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି। ଉକ୍ତ ନଦୀ କୂଳରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କର ଉପସ୍ଥିତି ରାତିସାରା ହେଉଥିବାରୁ ଏଠାରେ ଦୋକାନ ବଜାରର ପସରା ମଧ ମେଲିଛି। ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ଦୃଷ୍ଟିରୁ ଆଇନଶୃଙ୍ଖଳା ପରିସ୍ଥିତି ପାଇଁ କୁଆଁରମୁଣ୍ଡା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପାଟ୍ରୋଲିଂ ଜାରି ରଖି ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ତୀକ୍ଷ୍ଣ ନଜର ରଖିଛି। ଅନୁରୂପ ଭାବେ ବୀରମିତ୍ରପୁର ରାମୁତାଲାବ ନିକଟରେ ଦୁଇ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଅପରାହ୍ନ ଦୁଇଟାଠାରୁ ସେଠାରେ ଭିଡ଼ ଜମାଇଛନ୍ତି। ରାତିସାରା ଉକ୍ତ ତାଲାବ ନିକଟରେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହେଉଛି। ସେହିପରି ରାୟବଗା ନିକଟସ୍ଥ ଲୁଡୁକି ନଦୀ କୂଳରେ ବିହାରୀ ଓ ଉତ୍ତର ଭାରତୀୟ ଶ୍ରଦ୍ଧାଳୁମାନେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେବାପାଇଁ ଓ ସୋମବାର ସକାଳୁ ଉଦୀୟମାନ ସୂର୍ଯ୍ୟଙ୍କୁ ଦର୍ଶନ କରିବା ପାଇଁ ଅପେକ୍ଷା କରି ରହିଛନ୍ତି।

# ସରପଞ୍ଚମାନଙ୍କୁ ନେଇ ଚାଲିଥିବା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସରପଞ୍ଚ ଓ ଅନ୍ୟମାନେ।

ଦେବଗଡ଼,୩୦।୧୦(ଡି.ଏନ.ଏ)

ରାଜ୍ୟ ଗ୍ରାମ ଉନ୍ନୟନ ଏବଂ ପଞ୍ଚାୟତିରାଜ ବିଭାଗ ଓ ଦେବଗଡ଼ ଜିଲା ପରିଷଦ ଆନୁକୂଲ୍ୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିଏସ୍‌ଡିଆର୍ ସହଯୋଗରେ ସରପଞ୍ଚମାନଙ୍କୁନେଇ ଚାଲିଥିବା ପାଞ୍ଚଦିନିଆ ପ୍ରାରମ୍ଭିକ ପ୍ରଶିକ୍ଷଣ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ କେଭି ରେସିଡେନ୍ସୀ ଠାରେ ଆୟୋଜିତ ଏହି ତାଲିମ ଶିବିରର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଲୁକାଶ ପ୍ରଧାନ ଓ ପ୍ରୋଗ୍ରାମ ମ୍ୟାନେଜର ଦୀପକ କୁମାର ବେହେରା ଏବଂ ଜିଲା ସାନିଟେସନ କନସଲଟାଣ୍ଟ ହିମାଂଶୁ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସମସ୍ତ ପ୍ରଶିକ୍ଷାର୍ଥୀଙ୍କ ଠାରୁ ମତାମତ ସଂଗ୍ରହ କରାଯିବା ସହ ସେମାନଙ୍କୁ ପ୍ରଶିକ୍ଷଣ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଶେଷରେ ସିଏସ୍‌ଡିଆର୍‌ର ଚେୟାରମ୍ୟାନ ଜଗନ୍ନାଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପାଞ୍ଚ ଦିନିଆ ପ୍ରଶିକ୍ଷଣ ଶିବିରରେ ଜିଲାର ରିଆମାଳ , ବାରକୋଟ ଓ ତିଲେଇବଣି ବ୍ଲକର ସରପଞ୍ଚମାନେ ଅଂଶଗ୍ରହଣ କରିଥିଲେ। ସେମାନଙ୍କୁ ତ୍ରିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥା ଉପରେ ତାଲିମ ପ୍ରଦାନ କରାଯାଇଥିଲା।

# ସନ୍ତରଣରେ ସ୍ୱାଧୀନ ପାଇଲେ ସ୍ୱର୍ଣ୍ଣ

ବଡ଼ଗାଁ, ୩୦।୧୦(ଡି.ଏନ୍.ଏ.)



ସ୍ୱାଧୀନ ମାହାର

ଗାଁରେ ନାହିଁ ସୁଇମିଙ୍ଗ ପୁଲ, ପୋଖରୀରେ ସନ୍ତରଣ ଅଭ୍ୟାସ ଜାରି ରଖିଥିଲେ। ଆଜି ରାଜ୍ୟସ୍ତରୀୟ ସନ୍ତରଣରେ ସ୍ୱାଧୀନ ପାଇଛନ୍ତି ସ୍ୱର୍ଣ୍ଣ। ଯଦିବା ସେ ଟ୍ରାକ ଇଭେଣ୍ଟର ଖେଳାଳି ତଥାପି ସନ୍ତରଣରେ ଚେଷ୍ଟା କରିବାକୁ ଆଗ୍ରହ ହେଲା। ୨ବର୍ଷ ହେଲା ଗାଁ ପୋଖରୀରେ ଅଭ୍ୟାସ କରୁଥିବା ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଇତମା ଗ୍ରାମର ସ୍ୱାଧୀନ ମାହାର ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ପାଇଛନ୍ତି ସ୍ୱର୍ଣ୍ଣ, ବ୍ରୋଞ୍ଜ ଓ ସିଲଭର। ଦୃଢ଼ ଇଚ୍ଛାଶକ୍ତି ଥିଲେ ସଫଳତା କିପରି ହାସଲ କରିହୁଏ ଏହାର ଦୃଷ୍ଟାନ୍ତ ସାଜିଛନ୍ତି ସ୍ୱାଧୀନ। ୨୯ତାରିଖ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସ୍ୱାଧୀନ ମାହାର ୫୦ ମିଟର ବ୍ରେଷ୍ଟ ଷ୍ଟ୍ରୋକରେ ସ୍ୱର୍ଣ୍ଣ ପାଇଥିଲାବେଳେ ୫୦ ମିଟର ବଟର ଫ୍ଲାଇରେ ସିଲଭର ଓ ୨୦୦ ମିଟର ଫ୍ରି ଷ୍ଟାଇଲରେ ବ୍ରୋଞ୍ଜ ପଦକ ପାଇଛନ୍ତି। ଏ ନେଇ ତାଙ୍କୁ ପଚାରିବାରୁ ସେ କହିଛନ୍ତି, ଗାଁ ପୋଖରୀରେ ଦୁଇ ବର୍ଷ ହେଲା ଅଭ୍ୟାସ କରୁଥିଲି। ନିୟମିତ ଅଭ୍ୟାସ ହିଁ ସଫଳତା ଆଣିଥାଏ। ସୂଚନାଯୋଗ୍ୟ ଯେ ସେ ଜାତୀୟସ୍ତରରେ ୪ଥର ଲମ୍ଫଡ଼ିଆ ଓ ଦୌଡ ପ୍ରତିଯୋଗିତାରେ ଭାଗ ନେବାର ସୁଯୋଗ ପାଇଥିଲେ। ଥରେ ସ୍ୱର୍ଣ୍ଣ, ଥରେ ବ୍ରୋଞ୍ଜ ପାଇଥିବା ସ୍ୱାଧୀନ ୨୦୧୭ରେ ରାଜ୍ୟସ୍ତରୀୟ ଦୌଡ ଓ ଲମ୍ଫଡିଆରେ ସ୍ୱର୍ଣ୍ଣ ପାଇଥିଲେ। କ୍ରୀଡାର ବିକାଶ ଓ ଯୁବକମାନଙ୍କ ମଧ୍ୟରେ ଖେଳକୁଦ ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ୨ ବର୍ଷ ହେଲା ତାଙ୍କ ଦୁଇ ବନ୍ଧୁଙ୍କ ସହିତ ମିଶି ନିଜସ୍ୱ ଖର୍ଚ୍ଚରେ ଇତମା ଗ୍ରାମରେ ମିନି ମାରାଥନ ଦୌଡ ପ୍ରତିଯୋଗିତା ଆୟୋଜନ କରିଆସୁଛନ୍ତି।

# ଫୁଟବଲ୍ ଟୁର୍ନାମେଣ୍ଟ: ମହପଡ଼ା ଚାମ୍ପିୟନ

ବଡ଼ଗାଁ, ୩୦।୧୦(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଫୁଲବାରୀ ଗ୍ରାମରେ ଆରମ୍ଭ ହୋଇଥିବା ପଞ୍ଚ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚରେ କୁତ୍ରା ବ୍ଲକର ବିରତୋଲା ଟିମ୍‌କୁ ହରାଇ ମହପଡ଼ା ଚାମ୍ପିୟନ ହୋଇଛି। ସ୍ଥାନୀୟ ନେତାଜୀ ୟୁଥ କ୍ଲବ ଦ୍ୱାରା ଆୟୋଜିତ ଉକ୍ତ ଟୁର୍ନାମେଣ୍ଟରେ ୭୨ଟି ଫୁଟବଲ ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ପେନାଲ୍ଟି କିକ୍‌ରେ ମହପଡା ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କୁତ୍ରା ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ଲାକ୍ରା ମୁଖ୍ୟ ଅତିଥି ଓ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ଫୁଲବାରୀ ସରପଞ୍ଚ ଯୋଗିନ୍ଦ୍ର କିଷାନ, ଦାଣ୍ଡଜମରା ସରପଞ୍ଚ ଗୋବର୍ଦ୍ଧନ ହାହା ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଟିମ୍‌କୁ ଟ୍ରଫି ଏବଂ ଖାସି ଦେଇ ପୁରସ୍କୃତ କରିଥିଲେ। ଥବିର ଗୌଡ, ସୁଦର୍ଶନ ମାଝି, ବିକାଶ ମାଝି, ବସନ୍ତ ମାଝି ଖେଳ ପରିଚାଳନା କରିଥିଲେ। ଆୟୋଜକ କ୍ଲବର ସଞ୍ଜୟ ଡୁଙ୍ଗଡୁଙ୍ଗ, ଟିକେଶ୍ୱର୍ ସା, ମିଥୁନ ଜାମଦେଲିଆ, ବିନୟ ଖଡିଆ, ଦେବେନ ବାଡା ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ।

# ସିଆଲଜୋରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

କୁତ୍ରା, ୩୦।୧୦(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ସିଆଲଜୋର ଗ୍ରାମରେ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବ କ୍ଲବ ପକ୍ଷରୁ ସିଆଲଜୋର ଗ୍ରାମର ଜୟ ମା ଦୁର୍ଗା କ୍ଲବର ସଦସ୍ୟମାନଙ୍କୁ ନେଇ ଗ୍ରାମର ବିଭିନ୍ନ ସ୍ଥାନରେ ସଫେଇ କାର୍ଯ୍ୟକ୍ରମ କରିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ସ୍ଥାନରେ ପଡିଥିବା ଅଳିଆ ଆବର୍ଜନାକୁ ସଫା କରି ଗ୍ରାମକୁ କିପରି ସଫା ସୁତୁରା କରି ପରିବେଶକୁ ଆବର୍ଜନାମୁକ୍ତ ରଖାଯିବ ତାହାନେଇ ସଚେତନତାର ବାର୍ତ୍ତା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ତୁନମୁରା ସରପଞ୍ଚ ତରୁଣୀସେନ ବରିହା, ପବିତ୍ର ଜୟପୁରିଆ, ବୁଧଦେବ ଲାକ୍ରା, ଗଜାନନ୍ଦ ସା ପ୍ରମୁଖଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜିଲାସ୍ତରୀୟ ସାରସ୍ୱତ ସମାରୋହ

## ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ



ଦେବଗଡ଼ରେ ଜିଲାସ୍ତରୀୟ ସାରସ୍ୱତ ସମାରୋହରେ ମଞ୍ଚାସୀନ ଅତିଥି।

ଦେବଗଡ଼,୩୦।୧୦(ଡି.ଏନ.ଏ.)

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସ୍ଥାନୀୟ ଶ୍ରୀଜଗନ୍ନାଥ ସାହିତ୍ୟ ସଂସଦ ସହଯୋଗରେ ସେଣ୍ଟର୍ ଫର୍ କଲଚର୍ କଲ୍ୟାଣ ମଣ୍ଡପଠାରେ ରବିବାର ଜିଲାସ୍ତରୀୟ ସାରସ୍ୱତ ସମାରୋହ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଦେବଗଡ଼ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ଶ୍ରୀଜଗନ୍ନାଥ ସାହିତ୍ୟ ସଂସଦର ସଭାପତି ଡକ୍ଟର ପଦ୍ମନାଭ ସାହୁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଆୟୋଜିତ ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ସାରସ୍ୱତ ସମାରୋହ ସମ୍ପର୍କରେ କହିଥିଲେ। ସମ୍ମାନିତ ଅତିଥି ଭାବେ ଦେବଗଡ଼ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡକ୍ଟର ସୁଜିତ କୁମାର ନାଥ ଓ ମୁଖ୍ୟବକ୍ତା ଭାବେ କଣ୍ଢେଇ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡକ୍ଟର ସନ୍ତୋଷ କୁମାର ଦେବତା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶେଷରେ ଶ୍ରୀଜଗନ୍ନାଥ ସାହିତ୍ୟ ସଂସଦର ଉପସଭାପତି ନିରଞ୍ଜନ ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ଡକ୍ଟର ଭାରତ ଭୂଷଣ ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ 'ସ୍ୱାଧୀନତା ପରବର୍ତ୍ତୀ ଓଡିଆ ସାହିତ୍ୟକୁ ବାମଣ୍ଡାର ଦାନ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ବିଜୟ କୁମାର ମହାରଣା, ଆଲୋଚକ ଭାବେ ଯୁକ୍ତ ୩ ମହିଳା ମହାବିଦ୍ୟାଳର ଅଧ୍ୟକ୍ଷା ଡକ୍ଟର ତନ୍ମୟୀ ମହାନ୍ତି, ଜିଲା ସଂସ୍କୃତି ପରିଷଦର ସଂଯୋଜକ ଦିଲ୍ଲୀପ କୁମାର ଗୁରୁ, ଦେବଗଡ଼ ମହାବିଦ୍ୟାଳୟର ଅଧାପକ ଡକ୍ଟର ସୁରେନ୍ଦ୍ର ଦାସ, ଅବସରପ୍ରାପ୍ତ ଅଧାପକ ଗୋଲବଦନ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଶ୍ରୀଜଗନ୍ନାଥ ସାହିତ୍ୟ ସଂସଦର ଉପସଭାପତି ରାମଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନରେ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଦ୍ୱିତୀୟ ଅଧିବେଶନ କାର୍ଯ୍ୟକ୍ରମରେ ଯୁକ୍ତ ଦୁଇ ମହିଳା ମହାବିଦ୍ୟାଳୟର ଓଡିଆ ଅଧାପକ ଚିତ୍ତରଞ୍ଜନ ଦାସ ଓ ଶିକ୍ଷୟିତ୍ରୀ ପଦ୍ମିନୀ ଦାସ ମହାପାତ୍ରଙ୍କ ସଂଯୋଜନାରେ ଏକ କବିତା ଆସର ଅନୁଷ୍ଠିତ ହୋଇଥିଲା । ଏଥିରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ତଥା ନାଟ୍ୟ ନିର୍ଦ୍ଦେଶକ ଅତୁଲ୍ୟ କୁମାର ପୂଜାରୀ ଯୋଗଦେଇ ଓଡିଆ ସାହିତ୍ୟ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଜିଲାର ବିଭିନ୍ନ ପ୍ରାନ୍ତରୁ ୩୫ ଜଣ କବି ଓ କବୟିତ୍ରୀ ଅଂଶଗ୍ରହଣ କରି ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ କବୟିତ୍ରୀ ସୁମିତ୍ରା ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com



@ ବିଜୟିନୀ



@ ଅନ୍ତର୍ଯ୍ୟାମୀ



@ ରାକେଶ



@ ଦୀପକ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଲେଫ୍ରିପଡ଼ାଠାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

ଲେଫ୍ରିପଡା,୩୦।୧୦(ଡ଼ି.ଏନ.ଏ)

ସୁନ୍ଦରଗଡ ଜିଲା ଲେଫ୍ରିପଡାଠାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଲେଫ୍ରିପଡା ବ୍ଲକ ବିଜେଡି ସଭାପତି ପ୍ରଶାନ୍ତ ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ସୁନ୍ଦରଗଡ଼ ସ୍ୱତନ୍ତ୍ରଉନ୍ନୟନ ପରିଷଦ ସଭାପତି ବିନୟ ଟପ୍ପୋ ପୂର୍ବତନ ତଲସରା ବିଧାୟକ ଡା.ପ୍ରଫୁଲ୍ଲ ମାଝି, ବ୍ଲକ ଅଧ୍ୟକ୍ଷ ନରେଶ ପ୍ରତାପ ସିଂ, ଜିଲା ପରିଷଦ ସଭ୍ୟ ବୈଷ୍ଣବ ମାଝି, ସରପଞ୍ଚ ନୀଳମଣି ମାଝି ପ୍ରମୁଖ ବିଜେଡି ନେତୃମଣ୍ଡଳୀ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମସ୍ତ ନେତୃମଣ୍ଡଳୀ ଏବଂ ସ୍ଥାନୀୟ କର୍ମୀଙ୍କ ମଧ୍ୟରେ ବ୍ଲକ କାର୍ଯ୍ୟାଳୟ ଠାରୁ ପୁରୁଣା ବଜାରଦାଣ୍ଡ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ମାଧ୍ୟମରେ ପଦଯାତ୍ରା କରିଥିଲେ। ପରେ ବଜାରଦାଣ୍ଡ ପଡିଆଠାରେ ଏକ ବୈଠକ ଆୟୋଜନ କରାଯାଇଥିଲା। ବୈଠକରେ ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ ସମସ୍ତ ନେତୃମଣ୍ଡଳୀ ଉଦ୍‌ବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ବିଜେଡି ସଭାପତି ବ୍ରଜରାମ ଦଣ୍ଡସନା, ବିଜେଡି କର୍ମୀ ସୁମନ୍ତ ପୂଜାରୀ, ହୃଦାନନ୍ଦ ସାହୁ, ଯୋଗେନ୍ଦ୍ର ଗୁର୍ଲିହା ପ୍ରମୁଖ ଶତାଧିକ ମହିଳା ଓ ପୁରୁଷ ଯୋଗଦାନ କରିଥିଲେ।




ବିଜେଡିର ଜନସମ୍ପର୍କ ପଦଯାତ୍ରାରେ ନେତା, କର୍ମୀ ସାମିଲ।

**ପୋଲିସର ଜନସଚେତନତା ଶିବିର**

ନର୍ଲା,(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ଥାନାରେ ରବିବାର ପୋଲିସ ପକ୍ଷରୁ ସଚେତନତା ଶିବିର ଥାନାଧିକାରୀ ଗଙ୍ଗାଧର ମେହେରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ସଚେତନତା ଶିବିରରେ ମୁଖ୍ୟତଃ ନିରିହ ଜନସାଧାରଣଙ୍କ ସମେତ ବୁଦ୍ଧିଜୀବୀମାନେ ସାଇବର କ୍ରାଇମ ତଥା ମୋବାଇଲ ଆପ ମାଧମରେ ଠକାମିର ଶିକାର ହେଉଛନ୍ତି। ଏଥିଯୋଗୁ ବହୁ ମୂଲ୍ୟ ଧନ ଜୀବନ ହରାଉଥିବା ହେତୁ ସାଇବର କ୍ରାଇମକୁ ରୋକିବାକୁ ଜନସମ୍ପର୍କ ସଚେତନତା ଶିବିରରେ ଆଲୋଚନା କରାଯାଇଛି। କାର୍ଯ୍ୟକ୍ରମରେ ଥାନାର ସମସ୍ତ କର୍ମକର୍ତ୍ତାଙ୍କ ସମେତ ଅଞ୍ଚଳର ବୁଦ୍ଧିଜୀବୀମାନେ ଯୋଗଦେଇଥିଲେ।

## ସଂକ୍ଷେପରେ

### ଗ୍ରାହକ ସେବା କେନ୍ଦ୍ରରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି




**କର୍ଲାମୁଣ୍ଡା,୩୦।୧୦(ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ ଭାରତୀୟ ଷ୍ଟେଟବ୍ୟାଙ୍କ ସମ୍ମୁଖରେ ଥିବା ଗ୍ରାହକ ସେବା କେନ୍ଦ୍ରରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଶନିବାର ରାତିରେ ଦୁର୍ବୃତ୍ତମାନେ ଚୋରି କରିଥିବା ଜଣାପଡ଼ିଛି। ଏ ନେଇ କର୍ଲାମୁଣ୍ଡା ଫାଣ୍ଡିରେ ଲିଖିତ ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ଗ୍ରାହକ ସେବାକେନ୍ଦ୍ର ତାଲା ଭାଙ୍ଗି କୋଠରି ଭିତରେ ପଶି ୩ଟି ଜେରକ୍ସ ମେଶିନ, ଗୋଟିଏ ସିପିୟୁ ଓ ନଗଦ ୨୦ ହଜାର ଟଙ୍କା ନେଇଯାଇଥିବା ଗ୍ରାହକ ସେବାକେନ୍ଦ୍ର କର୍ମଚାରୀ ମହିନ୍ଦ୍ର ସାହୁ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗ୍ରାହକସେବା କେନ୍ଦ୍ର ପାଖରେ ଏସବିଆଇ ଏଟିଏମ୍ କାଉଣ୍ଟର ସଟର ଭାଙ୍ଗି ଚୋରି କରିବାକୁ ଉଦ୍ୟମ କରିଥିଲେ ହେଁ ଦୁର୍ବୃତ୍ତମାନେ ସଫଳ ହୋଇ ପାରି ନ ଥିବା ଜଣାପଡ଼ିଛି। ମ. ରାମପୁର ଥାନାଧିକାରୀ ସଚିନ୍ଦ୍ର ପଧାନ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏ ନେଇ ମ ରାମପୁର ଥାନାରେ କେଶ ନଂ. ୨୬୭ ଦଫା ୪୫୭, ୩୮୦ରେ ମାମଲା ରୁଜୁ ହୋଇଛି। ବାରମ୍ବାର ଏ ଅଞ୍ଚଳରେ ଚୋରି ଉପଦ୍ରବୃଦ୍ଧି ପାଉଥିବାରୁ ପୋଲିସ ପାଟ୍ରୋଲିଂ ଜୋରଦାର କରିବାକୁ ସାଧାରଣରେ ଦାବି ହେଉଛି। ଏ ନେଇ ଥାନାଧିକାରୀ ସଚିନ୍ଦ୍ର ପ୍ରଧାନଙ୍କୁ ପଚାରିବାରୁ ତଦନ୍ତ ଚାଲିଛି ବୋଲି କହିଛନ୍ତି।

### ବିଶ୍ୱ ମିତବ୍ୟୟିତାରେ ସ୍ୱଳ୍ପ ସଞ୍ଚୟ ରଥ ଉଦ୍‌ଘାଟିତ

**ନୂଆପଡ଼ା ଅଫିସ,୩୦।୧୦:** ନୂଆପଡା ଜିଲା କାର୍ଯ୍ୟାଳୟଠାରେ ବିଶ୍ୱ ମିତବ୍ୟୟିତା ଦିବସ ଉପଲକ୍ଷେ ସଞ୍ଚୟ ରଥ ଜିଲାପାଳ ହେମାକାନ୍ତ ସାଏ ଉଦ୍‌ଘାଟନ କରିଛନ୍ତି। ସ୍ୱଳ୍ପ ସଞ୍ଚୟ ଅଧିକାରୀ ବିବେକାନନ୍ଦ ମହାନନ୍ଦଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ, ପିଡି ମଧୁଛନ୍ଦା ସାହୁ, ଉପଜିଲାପାଳ ରାମଚନ୍ଦ୍ର ଖାଡିଆ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଇନ୍ଦ୍ରମଣି ବେହେରା, ଜିଲା କ୍ରୀଡା ଅଧିକାରୀ ଅଜୟ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା କାର୍ଯ୍ୟାଳୟ ପରିସରରୁ ସଞ୍ଚୟ ରଥ ବାହାରି ଲୋକଙ୍କୁ ସଚେତନ କରିବା ପାଇଁ ହାତରେ ବିଭିନ୍ନ ପ୍ଲା କାର୍ଡ ଧରି ସହର ପରିକ୍ରମା କରିଥିଲା। ଅସ୍ୱାଭାବିକ ଭାବେ ଉଚ୍ଚ ସୁଧହାର ପ୍ରଦାନର ପ୍ରତିଶ୍ରୁତି ତଥା ଖୁବ କମ ଦିନରେ ଦୁଇଗୁଣା ହୋଇଯିବା ପ୍ରଲୋଭନ ଠକାମିର ଶିକାର ହୋଇଥାଏ। କେବଳ ଡାକଘର ଓ ବ୍ୟାଙ୍କ ଭଳି ପ୍ରତିଷ୍ଠିତ ଓ ନିର୍ଭର ଯୋଗ୍ୟ ପ୍ରତିଷ୍ଠାନରେ ନିଜର ଅର୍ଥ ସଞ୍ଚୟ କରନ୍ତୁ। ଯେକୌଣସି ସନ୍ଦିଗ୍ଧ, ଅଣ ବ୍ୟାଙ୍କିଙ୍ଗ, ବେସରକାରୀ, ଅର୍ଥ ଲଗାଣକାରୀ ସଂସ୍ଥାଠାରୁ ଦୁରେଇ ରୁହନ୍ତୁ ବୋଲି ଲୋକଙ୍କୁ ସଚେତନ କରାଯାଇଛି। କାର୍ଯ୍ୟକ୍ରମରେ ଏନସିସି ଛାତ୍ରୀଛାତ୍ର, ଅଙ୍ଗନୱାଡି କର୍ମୀ, ଡାକଘର କର୍ମଚାରୀମାନେ ସହଯୋଗ କରିଥିଲେ।



ସଞ୍ଚୟ ରଥ ଉଦ୍‌ଘାଟନ କରାଯାଉଛି।

# ନିମ୍ନମାନର କାମ ନେଇ ଅଭିଯୋଗ

**କେସିଙ୍ଗା,୩୦।୧୦(ଡି.ଏନ.ଏ.)**

ରାଜ୍ୟର ପ୍ରତ୍ୟେକ ବ୍ଲକରେ ମିଶନ ଶକ୍ତି ଭବନ ନିର୍ମାଣ ପାଇଁ ସରକାର ଲକ୍ଷ ଲକ୍ଷ ଟଙ୍କା ମଞ୍ଜୁର କରୁଛନ୍ତି। ଏହିକ୍ରମରେ କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକରେ ୨୦୨୧-୨୨ ଆର୍ଥିକ ବର୍ଷରେ ମିଶନ ଶକ୍ତି ଭବନ ନିର୍ମାଣ ପାଇଁ ଭବାନୀପାଟଣା ପିଡବ୍ଲୁଡି ବିଭାଗକୁ ରାଜ୍ୟ ସରକାର ଦାୟିତ୍ୱ ଦେଇଛନ୍ତି। ଏହାର ନିର୍ମାଣ ପାଇଁ କେସିଙ୍ଗା ଜିଆର କନ୍‌ଷ୍ଟ୍ରକଶନ ଟେଣ୍ଡର ପକାଇଥିଲା। ହେଲେ ନିର୍ମାଣାଧୀନ ମିଶନ ଶକ୍ତି ଭବନରେ ବିନା ସୂଚନ ଫଳକ, ନିମ୍ନମାନ କାର୍ଯ୍ୟ ହେଉଛି ବୋଲି କେସିଙ୍ଗା ବୁଦ୍ଧିଜୀବୀମାନେ ପିଡବ୍ଲୁଡି ବିଭାଗର ଏସି, ଏସଡିଓ, ଜେଇ, ଏବଂ ମିଶନ ଶକ୍ତି ବିଭାଗ ବ୍ଲକ ପ୍ରୋଜେକ୍ଟ କୋର୍ଡିନେଟରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସୂଚନା ଯେ, ଗତ ୨୭।୧୨।୨୦୨୧ରେ



ନିର୍ମାଣାଧୀନ ମିଶନଶକ୍ତି ଭବନ।

ଆରମ୍ଭ ହୋଇ ଗତ ୨୯।୯।୨୦୨୨ରେ ସମ୍ପୂର୍ଣ୍ଣ ହେବା କଥା। ଜମି ଚିହ୍ନଟ ପରେ କେସିଙ୍ଗା ସିଡିପିଓ କାର୍ଯ୍ୟାଳୟ ଚିଠି ନମ୍ବର ୬୯/୧୦।୫।୨୦୨୨ ଅନୁସାରେ ଉକ୍ତ ଠିକାଦାରଙ୍କୁ ଜମି ଚିହ୍ନଟ କାଗଜପତ୍ର ଦେବା ପରେ ନିର୍ମାଣ ପାଇଁ ଆଦେଶ ଦିଆଯାଇଥିଲା। ପିଡବ୍ଲୁଡି ବିଭାଗର ଜେଇଙ୍କ ଉପସ୍ଥିତରେ ସବୁ କାର୍ଯ୍ୟ ହେଉଛି। ମିଶନ ଶକ୍ତି ଫଣ୍ଡରୁ ୩୭ ଲକ୍ଷ ୪୫ ହଜାର ୭୧୮ ଟଙ୍କା ବ୍ୟୟ

**ମିଶନ ଶକ୍ତି ଭବନ ନିର୍ମାଣକୁ ନେଇ ଅସନ୍ତୋଷ**

ଅଟକଳରେ ନିର୍ମାଣ ହେଉଛି। ବର୍ତ୍ତମାନ ଉକ୍ତ ଭବନର ଚତୁ ପାର୍ଶ୍ୱରେ ବାଡ଼ା କାମ ଦ୍ରୁତ ଗତିରେ ଚାଲିଛି। ଏ ନେଇ ମିଶନ ଶକ୍ତି ବିଭାଗ ବ୍ଲକ ପ୍ରୋଜେକ୍ଟ କୋର ସବିତା ସେଠୀଙ୍କୁ ପଚାରିବାରୁ ମିଶନ ଶକ୍ତି ଭବନ ଠିକ ଭାବେ କାମ ନିର୍ମାଣ ହେଉଛି ବୋଲି କହିଥିଲେ। ଏ ସଂକ୍ରାନ୍ତରେ ପିବ୍ଲୁଡି ବିଭାଗ ଏସଡିଓ ଭଗବାନ ସାହୁଙ୍କୁ ପଚାରିବାରୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଗୋଟିଏ ଡ୍ରଇଂରେ ସାରା ଓଡ଼ିଶାରେ ଏହି ମିଶନ ଶକ୍ତି ଭବନ ଠିକ ଭାବେ ଚାଲିଛି। କେହି ବି ଏହି କାମ ଉପରେ ହାତ ମାରିପାରିବେ ନାହିଁ। ଜିଲାର ପ୍ରତ୍ୟେକ ବ୍ଲକ ଏବଂ କେସିଙ୍ଗାରେ ବହୁତ ଭଲ ଭାବେ କାମ ହେଉଛି ବୋଲି ପ୍ରକାଶ କରିଥିଲେ।

# ସୁରଭିରେ ମନମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ




ସୁରଭି କାର୍ଯ୍ୟକ୍ରମରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

**କୋକସରା,୩୦।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଗୋଷ୍ଠି ଶିକ୍ଷା ବିଭାଗ ଅଧୀନ୧୧ କ୍ଲଷ୍ଟରର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟସ୍ତରରେ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। କୋକସରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ କୋକସରା ନୋଡାଲ ସିଆରସିସି ବୈକୁଣ୍ଠ ଜାଲଙ୍କ ପରିଚାଳନାରେ ଉଦ୍‌ଘାଟିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଶିକ୍ଷାବିତ୍ ଗୋବର୍ଦ୍ଧନ ବାଗ, ବିଇଓ ନେପାଲ ଚନ୍ଦ୍ର ବାଗ, ଏବିଇଓ ତୋଫାନ ମାଝି, ଗୋଟୋମୁଣ୍ଡା ହାଇସ୍କୁଲ ପ୍ରଧାନ ଶିକ୍ଷକ ସଞ୍ଜୀବ ପାଢ଼ୀ, ଶିକ୍ଷକ ଅତୁଲ୍ୟ ପଟ୍ଟନାୟକ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ରହିଥିବା ଲୁକ୍କାୟିତ ପ୍ରତିଭାକୁ ପ୍ରସ୍ଫୁଟିତ କରିବା ଏହି କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ସାଧାରଣ ଜ୍ଞାନ, ହସ୍ତଲିଖନ ରଚନା, ଚିତ୍ରାଙ୍କନ, ସଙ୍ଗୀତ, ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଉଦ୍‌ଯାପିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ମୋଷଧି ବାଗ, ସମ୍ମାନିତ ଅତିଥି ଭାବେ କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀଙ୍କ ସମେତ ଶିକ୍ଷା ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ସମ୍ବଲପୁରୀ ଓ ସଚେତନତା ମୂଳକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ଶିକ୍ଷକ ଚିତ୍ତରଞ୍ଜନ ମହାନ୍ତି, ଗୋବର୍ଦ୍ଧନ ବେମାଲ, ଈଶ୍ୱରୀ ପ୍ରସାଦ ଅଗସ୍ତି, ଅଜୟ କୁମାର ମାଝି, ସୁଭାଷ ଚନ୍ଦ୍ର ବାଗ, ସୁମନ୍ତ କୁମାର ଠାକୁର, ଯତୀନ୍ଦ୍ର ମୋହନ ସାହୁ, ପ୍ରଶାନ୍ତ ଶବର, ସଞ୍ଜୟ କୁମାର ପୂଝାରି, ଈଶ୍ୱର ନାଏକ ପ୍ରମୁଖ ସହଯୋଗ କରିଥିଲେ।

## ଶିଶୁବିଦ୍ୟା ମନ୍ଦିରରେ ମାତୃପିତୃ ସମ୍ମିଳନୀ

**ସିନାପାଲି,୩୦।୧୦(ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ହତିବନ୍ଧା ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରଠାରେ ମାତୃପିତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସିନାପାଲି ୧୪ ନଂ. ଜୋନ ଜିଲା ପରିଷଦ ସଦସ୍ୟା ଆଶା ଜୈନ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ମୋହନ ଚରଣ ଦାସ, ସମ୍ମାନିତ ଅତିଥି ସଂକୁଳ ପ୍ରମୁଖ ତୁଳସିରାମ ମେହେର, ସାମାଜିକ କର୍ମୀ ଅମିତ ଜୈନ, ଗରୁଡ଼ ବେହେରା, ସ୍ଥାନୀୟ ସମ୍ପାଦକ ସୁରେଶ ଚନ୍ଦ୍ର ମେହେର, ସଭାପତି ପ୍ରଫୁଲ୍ଲ ଦଣ୍ଡସେନା, ପ୍ରଧାନ ଆଚାର୍ଯ୍ୟ କପିଳ ନାରାୟଣ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ସଭାପତି ପ୍ରଫୁଲ ଦଣ୍ଡସେନା ସଭାପତିତ୍ୱ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ମେହେର ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ସ୍ଥାନୀୟ ସମ୍ପାଦକ ସୁରେଶ ଚନ୍ଦ୍ର ମେହେର ଶିଶୁବିଦ୍ୟା ମନ୍ଦିରର ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଶତାଧିକ ଅଭିଭାବକ, ଅଭିଭାବିକା ଉପସ୍ଥିତ ଥିଲେ। ନିଜ ନିଜ ଶିଶୁମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଉପସ୍ଥାପନା କରିବା ସହିତ ତାର ସମାଧାନ ଏବଂ ଶିକ୍ଷା ଓ ସଂସ୍କାର ଉପରେ ବିଶେଷ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ଆଚାର୍ଯ୍ୟ କିଶୋର ଧୀବର, ସରୋଜ ସିଂ ନିନା, ଆଚାର୍ଯ୍ୟା ପଦ୍ମଫୁଲ ମେହେର ପ୍ରମୁଖ ସହଯୋଗ କରିଥିଲେ। ପରିଚାଳନା କମିଟି କୋଷାଧକ୍ଷ ଡୋଳାମଣି ମେହେର ଧନ୍ୟବାଦ ଦେଇଥିଲେ।

# ଜିଲା ଆଉଟସୋର୍ସିଙ୍ଗ ଠିକା କର୍ମଚାରୀ ସଂଘର ବୈଠକ

**ସିନାପାଲି,୩୦।୧୦(ଡି.ଏନ.ଏ.)**

ଓଡିଶା ସରକାରଙ୍କ ଦ୍ୱାରା ନିଯୁକ୍ତ ନୂଆପଡା ଜିଲା ସରକାରୀ ଆଉଟସୋର୍ସିଙ୍ଗ ଠିକା କର୍ମଚାରୀ ସଂଘର ଏକ ସାଧାରଣ ବୈଠକ ନୂଆପଡା ଡିଖାଲିଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଯୁଧିଷ୍ଠିର ମେହେର ଅଧ୍ୟକ୍ଷତା କରିଥିବା ବେଳେ ଜିଲା ଅନ୍ତର୍ଗତ ବିଭିନ୍ନ ବିଭାଗରେ କାର୍ଯ୍ୟରତ ସମସ୍ତ ଆଉଟ ସୋର୍ସିଙ୍ଗ ସରକାରୀ ଠିକା କର୍ମଚାରୀ ଉପସ୍ଥିତ ଥିଲେ। ସର୍ବ ପ୍ରଥମେ ସଂଘର ଏକ କାର୍ଯ୍ୟକାରୀ କମିଟି ଗଠନ ସକାଶେ ମତପ୍ରକାଶ ପାଇଥିଲା। ସଂଘ ସଭାପତି ଭାବେ କରୁଣାକର ମହାନ୍ତି ଓ ସମ୍ପାଦକ ଭାବେ ଗରୁଡ଼ଧ୍ୱଜ ଦଣ୍ଡସେନାଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ଉପସଭାପତି ଯୁଧିଷ୍ଠିର ମେହେର, ଯୁଗ୍ମସମ୍ପାଦକ ବିଶ୍ୱମିତ୍ର ପୁଜାରୀ ଏବଂ କୋଷାଧକ୍ଷ ଭାବେ ଭୁଜବଲ ନିଆଲଙ୍କୁ ମନୋନୀତ କରାଯାଇଥିଲା। ସେହିପରି ସଂଘ ଉପଦେଷ୍ଟା ଭାବେ ସନ୍ତୋଷ କୁମାର ବାଗ, ପଙ୍କଜ ମାଳି, ସସିରେଖା ଭୋଇ, ସୂର୍ଯ୍ୟକାନ୍ତି ନାୟକ, ଚତୁର୍ଭୁଜ ମେହେର, ପ୍ରଦୀପ ବାରିକ ଓ ରାକେଶ ଯୋଶୀଙ୍କୁ ମନୋନୀତ କରାଯାଇଥିଲା। ଉକ୍ତ ସଭାରେ ସମାନ କାମକୁ ସମାନ ଦରମା, ସ୍ଥାୟୀ ସେକ୍ୟୁରାଟି, ଜବ ସେକ୍ୟୁରାଟି ଲାଗୁ କରିବା ନେଇ ଆଲୋଚନା କରାଯାଇଥିଲା। ରେଗୁଲାର କର୍ମଚାରୀଙ୍କଠାରୁ ଅଧିକା କାମ କରୁଥିଲେ ହେଁ ସ୍ୱଳ୍ପ ଦରମା ଦିଆଯାଉଥିବା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଇଚ୍ଛା କଲେ ଛୋଟେଇର ଧମକ ତଥା ଆଉଟ ସୋର୍ସିଙ୍ଗ ପ୍ରଥା ବନ୍ଦ କରି ସ୍ଥାୟୀ ନିଯୁକ୍ତି ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବୁ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# କନୋଜିଆ ୟାଦବ ସମାଜର ନୂଆଁଖାଇ, ପାରମ୍ପରିକ ବାଡ଼ିଖେଳ

**ନୂଆପଡ଼ା ଅଫିସ,୩୦।୧୦**

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଭାଦ୍ରବ ମାସ ଶୁକ୍ଳ ପଞ୍ଚମୀ ତିଥିରେ ଅନୁଷ୍ଠିତ ହୋଇଥିବା ବେଳେ କନୋଜିଆ ୟାଦବ (ଅହୀର) ସମାଜର ନୂଆଁଖାଇ ଦୀପାବଳିରେ ଅନୁଷ୍ଠିତ ହୋଇଥାଏ। ପ୍ରତିବର୍ଷ ଦୀପାବଳିରେ ପାରମ୍ପରିକା ବାଡ଼ିଖେଳ ହୋଇଥାଏ। ଏହି ଖେଳା ୭ ଦିନ ଧରି ଚାଲିଥିବା ବେଳେ ରବିବାର ଶେଷ ହୋଇଛି। ଦୀପାବଳିରେ ଘର ଇଷ୍ଟ ଦେବତାଙ୍କୁ ପୂଜା ଅର୍ଚ୍ଚନା କରି ଏକ ପାହାଡ ସ୍ଥାନକୁ ଯାଇ ଗିରି ଗୋବର୍ଦ୍ଧନ ପୂଜା କରି ନୂଆଁ ଧାନ ଚାଉଳ ଖିରି ଓ ଖେଚୁଡି ପ୍ରସ୍ତୁତ କରି ପ୍ରଥମେ ଗାଈ ଓ ବାଛୁରୀଙ୍କୁ ଖାଇବାକୁ ଦେଇ ପରେ ସମସ୍ତେ ଏକାଠି ବସି ନୂଆଁ ଅର୍ଣ୍ଣ ଭକ୍ଷଣ କରିଥାନ୍ତି। ନର୍ବାନ୍ନ ଭକ୍ଷଣ ପରେ ପରସ୍ପରକୁ ଜୁହାର ଭେଟ ହୋଇ ନିମନ୍ତ୍ରଣ ବନ୍ଧୁବାନ୍ଧବଙ୍କୁ ନେଇ ସେଠାରେ ଖୁଡାର ଦେବତାଙ୍କୁ



କେନ୍ଦୁ ବାଡ଼ି ଧରି ଯୁବକମାନେ ଗ୍ରାମ ପରିକ୍ରମା କରୁଛନ୍ତି।

ସ୍ଥାପନ କରି ପୂଜା ଅର୍ଚ୍ଚନା ପରେ ଗାଈ, ବାଛୁରୀଙ୍କୁ ପଳସା ଗଛର ଚେରରେ ମାଳା ତିଆରି କରି ପିନ୍ଧାଇଥାନ୍ତି। ଏହାକୁ ସହିଁ ବୋଲି କୁହାଯାଏ। ପରେ ଖୁଡାର ଦେବତା ସ୍ଥାପନର ଚାରି ପଟେ ଗାଈ ବାଛୁରୀଙ୍କୁ ସାତ ଭଅର ବୁଲାଇ ଥାନ୍ତି। ଏହାକୁ ମାଇ ମାତର ବୋଲି କୁହାଯାଏ। ସେଠାରେ ଅନେକ ବରୁଆଙ୍କ ଶରୀରରେ କାଳିଶି ଆସି ହାତରେ କେନ୍ଦୁ ଗଛର ବନା ବାଡି ଧରି ପାରମ୍ପରିକ ବେଶରେ ସଜିତ ହୋଇ ବାଡି ଖେଳ ଅନୁଷ୍ଠିତ ହୋଇଥାଏ। ଗାଁର ପ୍ରତ୍ୟେକ ଘର ବୁଲି ବନ୍ଧାପାଣି ନେଇଥାନ୍ତି। ବାଡି ଖେଳ ୭ ଦିନ ପର୍ଯ୍ୟନ୍ତ ହୋଇଥାଏ। ଗାଁର ସବୁ ଘର ବୁଲବା ପରେ ଖୁଡାର ଦେବତା ସ୍ଥାପନ ସ୍ଥାନକୁ ଯାଇ ଖୁଡାର ଦେବତାକୁ ପୂଜା ଅର୍ଚ୍ଚନା କରି ଘରକୁ ଅଣାଯାଇଥାଏ। ତାହାକୁ ଟୁରୀ ମାତର ବୋଲି କୁହାଯାଏ। ସେଠାରୁ ପାରମ୍ପରିକ ବାଡି ଖେଳ ଶେଷ କରି ଗୋଟିଏ ବର୍ଷ ପର୍ବ ସରିଲା ବୋଲି ବନ୍ଧୁ ବାନ୍ଧବଙ୍କୁ ଭୋଜିଭାତ କରି ବିଦାୟ କରିଥାନ୍ତି। ସୁଖନ ଅହୀରଙ୍କୁ ବୁଢାଦେଓ, କ୍ଷିତେଶ ଅହୀରକୁ ମାତେଶ୍ୱରୀ, ବ୍ୟାସ ନାରାୟଣ ଅହୀରକୁ ମାତାଶକ୍ତି, କମଳ ଅହୀରକୁ ବାଗଧରା, ରାମଚନ୍ଦ୍ର ଅହୀରକୁ ସାଇପାଳ କାଳିଶି ଆସଥିବା ବେଳେ କାର୍ତିକ ଅହୀର, ଚିନ୍ତାମଣି ଅହୀର, ମୁନା ରାମ ଅହୀର, ଜୟରାମ ଅହୀର, ମୋହନ ଅହୀର, ଓମପ୍ରକାଶ ଅହୀର, ମୋତିରାମ ଅହିର, ପରଶ ଅହିର, ହେମଲାଲ ଅହୀର, ନନ୍ଦ କୁମାର ଅହୀର ପ୍ରମୁଖ ସହଯୋଗ କରିଥିଲେ।

## ଖେଳ ଖବର

### ଫୁଟ୍‌ବଲ ଟୁର୍ନାମେଣ୍ଟ: ଜାମଖୁଣ୍ଟା ବିଜୟୀ



ଖେଳାଳିଙ୍କ ସହ ଅତିଥିମାନେ ପରିଚିତ ହେଉଛନ୍ତି।

**କର୍ଲାମୁଣ୍ଡା,୩୦।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସ୍ଥାନୀୟ ଚିନାଭାଡି ପଡିଆଠାରେ ଲକ୍ଷ୍ମୀନାରାୟଣ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଚାଲିଥିବା କର୍ଲାମୁଣ୍ଡା କପ ଫୁଟବଲ ଟୁର୍ନାମେଣ୍ଟର ରବିବାର ପଞ୍ଚମ ଦିବସରେ କର୍ଲାମୁଣ୍ଡା ଓ ଜାମଖୁଣ୍ଟା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ହୋଇଥିଲା। ଜାମଖୁଣ୍ଟା ଦଳ ନିର୍ଦ୍ଧାରିତ ସମୟ ମଧ୍ୟରେ ୫-୦ ଗୋଲ ଦେଇ ବିଜୟୀ ହୋଇଥିଲା। ମ୍ୟାଚ ସନ୍ଦୀପ ତରେଇ, ପିଣ୍ଟୁ ଚନ୍ଦନ, ରାଜେଶ କୁମାର ଓ ବିନୋଦ ହେର୍ନା ପରିଚାଳନା କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଭାବେ ତୁଣ୍ଡଲା ସରପଞ୍ଚ ସରୋଜ ସେଠ, ସ୍ୱତନ୍ତ୍ର ଅତିଥି ଭାବେ କେସିଙ୍ଗା ବ୍ଲକରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ପ୍ରକାଶ ଭୋଇ, ତୁଷାର ମେଡ଼ିକାଲ ଷ୍ଟୋର ମାଲିକ ତଥା ସାମାଜିକ କର୍ମୀ ଅମୂଲ୍ୟ କୁମାର ଦାସ, ଖବରଦାତା ପ୍ରଦୀପ କୁମାର ସାହୁ, ଆୟୋଜକ ଅନୁଷ୍ଠାନ ସଭାପତି ନନ୍ଦି କିଶୋର ଭୋଇ, ସମ୍ପାଦକ ଡୋଲାମଣୀ ଭୋଇ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅଭିମନ୍ୟୁ ନନ୍ଦ ଧାରାବିବରଣୀ ପ୍ରଦାନ କରିଥିଲେ। ସୋମବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଜାମଖୁଣ୍ଟା ଓ ପଟଣାଗଡ଼ ମଧ୍ୟରେ ଅନୁଷ୍ଠିତ ହେବ। ଅନ୍ୟମାନଙ୍କ ମଧ୍ୟରେ ଟୁର୍ନାମେଣ୍ଟ ମ୍ୟାନେଜର ଦୁର୍ଲ୍ଲଭ ମେହେର, ଉପସଭାପତି ମୁକେଶ ସାହୁ ଓ ନୀଳ ମାଧବ ଭୋଇ, ବିରେନ୍ଦ୍ର ସାହୁ,ବିରୁ ସାହୁ, ନମିତ ସୁନା, ମଣି ମେହେର, ସୌମ୍ୟବ୍ରତ ବର୍ଗଡ଼ି, ସିଦ୍ଧୁ ସାହୁ, ଜିତ ସାହୁ, ରାଜା ସାହୁ, ଅଜିତ ସାହୁ, ଟୁନା ସାହୁ, ବବୁଲୁ ସାହୁ, ତପନ ଛତ୍ରିଆ ସହଯୋଗ କରିଥିଲେ।

### ରାଜ୍ୟସ୍ତରୀୟ ଫୁଟ୍‌ବଲରେ ଭାଗ ନେବା ପାଇଁ ଗଲେ ୧୪ ପ୍ରତିଯୋଗୀ

**ଲାଞ୍ଜିଗଡ,୩୦।୧୦(ଡି.ଏନ.ଏ.)**

ଜଗତସିଂହପୁର ଜିଲା ପାରାଦୀପ ଇଫକୋ ଡିଏଭି ପବ୍ଲିକ ସ୍କୁଲଠାରେ ନଭେମ୍ବର ୧ରୁ ୨ ତାରିଖ ପର୍ଯ୍ୟନ୍ତ ଡିଏଭି ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଭାଗ ନେବା ପାଇଁ ରବିବାର କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର ୧୪ଜଣ ପ୍ରତିଯୋଗୀ ଗସ୍ତ କରିଛନ୍ତି। ଡିଏଭି ବେଦାନ୍ତ ଆନ୍ତର୍ଜାତୀୟ ବିଦ୍ୟାଳୟ ଅଧକ୍ଷ ସଦାନନ୍ଦ ହୋତାଙ୍କ ନେତୃତ୍ୱରେ ଖେଳ ଶିକ୍ଷକ ଦୁଷ୍ମନ୍ତ ମାଝି ଓ ଜିତେନ୍ଦ୍ର କୁମାର ବାରିକଙ୍କ ସହିତ ପ୍ରତିଯୋଗୀମାନେ ଗସ୍ତ କରିଛନ୍ତି। ସେମାନେ ଗସ୍ତ କରିଥିବା ବେଳେ ବେଦାନ୍ତ ଆଲୁମିନା ଡେପୁଟି ସିଇଓ ଜି.ଜି ପାଲ, ସିଏସଆର ମୁଖ୍ୟ ଭୁଦେନ୍ଦୁ ପଣ୍ଡା, ଲାଞ୍ଜିଗଡ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟ ଅଧକ୍ଷ ସଦାନନ୍ଦ ହୋତା, ବେଦାନ୍ତ ସିଏସଆର ଦିଲୀପ ପ୍ରଜାପତି ଓ ଅବିନଭ ପ୍ରତାପ ଖେଳାଳିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ସଫଳତା ପାଇଁ କାମନା କରିଛନ୍ତି।

### ଆନ୍ତଃ ଗ୍ରାମ୍ୟ ଫୁଟବଲ ଟୁର୍ନାମେଣ୍ଟ: ବରଗାଁ ବିଜୟୀ



**ସିନାପାଲି,୩୦।୧୦(ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ବରଗାଁ ଗ୍ରାମପଞ୍ଚାୟତ ଖେଳ ପଡିଆଠାରେ ରବିବାର ବରଗାଁ ଓ ଜାମଗାଁ ଯୁବ ସମାଜ ଆନୁକୂଲ୍ୟରେ ମା' ଶ୍ରୀ ଶ୍ରୀ ଗଡିଆଣୀ ଆନ୍ତଃ ଗ୍ରାମ୍ୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟନ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍ ବରଗାଁ ଓ ଘରଲା ଦଳ ମଧ୍ୟରେ ହୋଇଥିଲା। ବରଗାଁ ପିନାଲଟିକେ ଜରିଆରେ ବିଜୟୀ ହୋଇଥିଲା। ଖେଳ ପରିଚାଳକ ଭାବେ ସୁବାସ କୁଲୁ ଦାୟିତ୍ୱ ତୁଲାଇଥିଲେ। ଧାରାବିବରଣୀ ଜଗଦୀଶ ନାଗ ପ୍ରଦାନ କରିଥିଲେ। ଉଦ୍‌ଘାଟନୀରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଚୁଲମଣି ଭୋଇ, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ଲୋଚନ ଚିନ୍ଦା, ନିତ୍ୟାନନ୍ଦ କଟା, ପୀତବାସ କଟା, ବଦନକର ସୁନାନୀ, ଲକ୍ଷ୍ମଣ ଘିଭେଲା, ଦୁଷ୍ମନ୍ତ ନାଏକ, ତପେଶ୍ୱର ବାଗ, ପୂର୍ଣ୍ଣଚନ୍ଦ୍ର ବାରିକ ପ୍ରମୁଖ ଯୋଗଦେଇଥିଲେ। ଟୁର୍ନାମେଣ୍ଟ ଆୟୋଜକ କମିଟି ସଭାପତି କାଳିଆ ବାରିକ, ଗଜାନନ ମେହେର, ପ୍ରଦିପ କୁମାର ସୁନାରି, ଦୈତାରୀ ଭୋଇ, ଗରିବ ହଂସ, ପଞ୍ଚାନନ ସୁନାନୀଙ୍କ ସମେତ ଅନ୍ୟାନ୍ୟ ଉପସ୍ଥିତ ଥିଲେ।

### ରାଜ୍ୟସ୍ତରୀୟ ତିରନ୍ଦାଜ ପ୍ରତିଯୋଗିତା: କଳାହାଣ୍ଡିକୁ ୨ ସ୍ୱର୍ଣ୍ଣ, ୨ ରୌପ୍ୟ, ୧ କାଂସ୍ୟ ପଦକ




କୃତୀତ୍ୱ ହାସଲ କରିଥିବା ଖେଳାଳିମାନେ।

**ଲାଞ୍ଜିଗଡ,୩୦।୧୦(ଡି.ଏନ.ଏ.)**

ରାଜ୍ୟସ୍ତରୀୟ ଡିଏଭି ତିରନ୍ଦାଜ ପ୍ରତିଯୋଗିତାରେ କଳାହାଣ୍ଡି ଜିଲାକୁ ୨ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୧ କାଂସ୍ୟ ପଦକ ମିଳିଛି । ଅନୁଗୋଳ ଜିଲା ତାଳଚେର ଡିଏଭି କଳିଙ୍ଗ ପବ୍ଲିକ ସ୍କୁଲଠାରେ ଗତ ୨୮ ଓ ୨୯ ତାରିଖ ୨ ଦିନ ଧରି ଡିଏଭି ରାଜ୍ୟସ୍ତରୀୟ ତିରନ୍ଦାଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର ୬ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବାଳକ ବିଭାଗରେ କ୍ଷୀରୋଧ କୁମାର ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଓମପ୍ରକାଶ ମାଝି ରୌପ୍ୟ ଓ ରାଜୀବ ପାତ୍ର କାଂସ୍ୟ ପଦକ ହାସଲ କରିଥିଲେ। ସେହିପରି ବାଳିକା ବିଭାଗରେ କଳ୍ପିତା ପ୍ରଧାନ ସ୍ୱର୍ଣ୍ଣ ଓ ସଙ୍ଗୀତା ମାଝି ରୋପ୍ୟ ପଦକ ହାସଲ କରିଥିଲେ। ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟ ଅଧକ୍ଷ ସଦାନନ୍ଦ ହୋତାଙ୍କ ନେତୃତ୍ୱରେ ଖେଳାଳିମାନେ ଅଂଶଗ୍ରହଣ କରିଥିଲେ। ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଇଣ୍ଟରନ୍ୟାଶନାଲ ସ୍କୁଲ ଖେଳ ଶିକ୍ଷକ ଦୁଷ୍ମନ୍ତ ମାଝି ଓ ତିରନ୍ଦାଜ କୋଚ ଶୀମାଞ୍ଚଳ କାତ୍ରାକା ପ୍ରତିଯୋଗିତାରେ ଖେଳାଳିଙ୍କୁ ସାହାଯ୍ୟ କରିଥିଲେ। ଏହି ଖେଳାଳିମାନେ ଜିଲା ପାଇଁ ଗୌରବ ଆଣିଥିବାରୁ ବିଭିନ୍ନ ମହଲରେ ଖୁସିର ଲହରୀ ଖେଳିଯାଇଛି।

## ସଂକ୍ଷେପରେ

### ନୂଆଁ ମନ ନୂଆଁ ସପନ କାର୍ଯ୍ୟକ୍ରମ

ଝାରବନ୍ଧ, ୩୦।୧୦(ଡି.ଏନ.ଏ.): ବରଗଡ ଜିଲା ଝାରବନ୍ଧ ଥାନା ଅଧୀନ ଭଇଁଷାଦର୍ହା ହାଇସ୍କୁଲ ପଡିଆରେ ଜିଲା ଓ ଝାରବନ୍ଧ ପୋଲିସ ପକ୍ଷରୁ ନୂଆଁ ମନ ନୂଆଁ ସପନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଥାନାଧିକାରୀ ଦିଲୀପ କୁମାର ବେହେରା, ସରଜେଣ୍ଟ ବିଦ୍ୟାଧର ଦାସ, ଏସ୍ଆଇ ଜଗା ବରିହା, ଏଏସ୍ଆଇ ଶଶିକାନ୍ତ ବାରିକ, ହାବିଲଦାର ମୋତିଲାଲ ନାୟକ ଏବଂ ସମସ୍ତ ଥାନା କର୍ମଚାରୀ ଯୋଗଦାନ କରିଥିଲେ। ଏଥିରେ ଭଇଁଷାଦର୍ହା ଗ୍ରାମପଞ୍ଚାୟତର ଶତାଧିକ ବୃଦ୍ଧାବୃଦ୍ଧ, ଯୁବଗୋଷ୍ଠୀ, ଛାତ୍ରୀଛାତ୍ର ଏବଂ ଆମ ପୋଲିସ ସମିତିର ସମସ୍ତ ସଦସ୍ୟ ଅଂଶଗ୍ରହଣ କରିଥିଲେ। ଏହି ଉପଲକ୍ଷେ କ୍ରିକେଟ, କବାଡି, ଗୀତ, ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମସ୍ତଙ୍କୁ କମ୍ବଳ, ଛତା ଟର୍ଚ୍ଚ, ଶାଢି, ଧୋତି ଏବଂ ଖେଳ ସାମଗ୍ରୀ ବଣ୍ଟନ କରାଯାଇଥିଲା। ସେହିପରି ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଥିଲା।

### ଡିଭାଇଡର ଯୁକ୍ତ ରାସ୍ତା ପାଇଁ ସର୍ବଦଳୀୟ ବୈଠକ

ବିନିକା, ୩୦।୧୦(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବିନିକା ସ୍ପୋର୍ଟସ କ୍ଲବରେ ଶନିବାର ଏକ ସର୍ବଦଳୀୟ ବୈଠକ ସାମାଜିକ କର୍ମୀ ସୃଜନ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଅର୍ଜୁନପୁରଠାରୁ ବିନିକା ସହର ଦେଇ ଡୁଙ୍ଗୁରିପାଲି ପର୍ଯ୍ୟନ୍ତ ଦୁଇଥାକିଆ ରାସ୍ତା କାମ ଟେଣ୍ଡର ହୋଇ କାମ ଆରମ୍ଭ ହେଉଛି। କିନ୍ତୁ ବିନିକା ଏନଏସି ଅନ୍ତର୍ଗତ ଉଲ୍ଲେ ଛକରୁ ଦାନିପାଲି ପର୍ଯ୍ୟନ୍ତ ରାସ୍ତାକୁ ଡିଭାଇଡର ଯୁକ୍ତ ଦୁଇଥାକିଆ ସହ ଉଭୟ ପଟରେ ଡ୍ରେନେଜ ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ଯଦି ଡ଼ିଭାଇଡର ଦିଆ ନ ଯାଏ ଟ୍ରାଫିକ ସମସ୍ୟା ସୁଧୁରି ପାରିବ ନାହିଁ ବୋଲି ଆଲୋଚନା ହୋଇଥିଲା। ଏନେଇ ଜିଲାପାଳଙ୍କ ପ୍ରଥମେ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇଛି। ଏହି ବୈଠକରେ କଂଗ୍ରେସର ଗୋବିନ୍ଦା ଝାଙ୍କର, ବିଜେଡି ପକ୍ଷରୁ ଦ୍ୱାରିକା ସାହୁ, ସୋମନାଥ ମିଶ୍ର, ମାନସ ବେହେରା, କୃଷ୍ଣ ପଣ୍ଡା, ଧର୍ମେନ୍ଦ୍ର ଥନାପତି, ଭାଜପା ପକ୍ଷରୁ ପ୍ରଶାନ୍ତ ଦଣ୍ଡସନା, ଉଷତ କର, ସମ୍ବିତ ନେପାକ, ଭୁବନେଶ୍ୱର ପାତ୍ର ଏବଂ ସାଧାରଣ ଜନତାଙ୍କ ପକ୍ଷରୁ ଆଲୋକ ହୋତା, ମନୋଜ ପଣ୍ଡା, ହିମାଂଶୁ ପୁଟେଲ ଉପସ୍ଥିତ ଥିଲେ।

### ଘେଁସ ରାଜମାତାଙ୍କ ପରଲୋକ

ସୋହେଲା,୩୦।୧୦(ଡି.ଏନ.ଏ.): ବରଗଡ଼ ଜିଲା ସଂଗ୍ରାମୀ କ୍ଷେତ୍ର ଘେଁସର ଶହୀଦ ମାଧୋ ସିଂଙ୍କ ଷଷ୍ଠ ପିଢିର ରାଜମାତା ମମତା ସିଂ ବରିହାଙ୍କ ରବିବାର ଦେହାନ୍ତ ହୋଇଛି। ତାଙ୍କୁ ୫୭ ବର୍ଷ ହୋଇଥିଲା। ଗତ ସେ କିଛିଦିନ ହେବ ଅସୁସ୍ଥ ହୋଇ ବୁର୍ଲାରେ ଚିକିତ୍ସିତ ହେଉଥିଲେ। ମଧ୍ୟାହ୍ନରେ ତାଙ୍କର ମୃତ୍ୟୁ ହୋଇଛି।



ସ୍ୱର୍ଗତା ବରିହା ଘେଁସର ପୂର୍ବତନ ସରପଞ୍ଚ ଥିଲେ। ଜମିଦାର ସ୍ୱର୍ଗତ ତାରକେଶ୍ୱର ସିଂ ବରିହା ତାଙ୍କ ସ୍ୱାମୀ। ରାଜମାତାଙ୍କ ଶେଷ ଯାତ୍ରାରେ ବିଧାୟକ ସୁଶାନ୍ତ ସିଂ, ପୂର୍ବତନ ବିଧାୟକ ମହମ୍ମଦ ରଫିକ, ଭାଜପା ନେତା ସୁଶାନ୍ତ ମିଶ୍ର, ସିନ୍ଧୁ ନନ୍ଦିନୀ ଆଚାର୍ଯ୍ୟ, ପଦ୍ମଶ୍ରୀ ହଳଧର ନାଗ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଘେଁସ ରାଜଘାଟରେ ତାଙ୍କ ପୁଅ ରଞ୍ଜିତ ସିଂ ବରିହା ମୁଖାଗ୍ନି ଦେଇଥିଲେ।

### ବୁଲା ଗୋରୁଙ୍କୁ ନେଇ ଚାଷୀଙ୍କୁ ବାଣ୍ଟିଲା କୃଷକ ବିକାଶ ମଞ୍ଚ

ସୋହେଲା,୩୦।୧୦(ଡି.ଏନ.ଏ.) : ସୋହେଲା କୃଷକ ବିକାଶ ମଞ୍ଚ ରାସ୍ତାରେ ବୁଲୁଥିବା ଗୋରୁପଲଙ୍କୁ ନିଜ ହେପାଜତକୁ ନେଇ ଇଚ୍ଛୁକ ଚାଷୀଙ୍କ ମଧରେ ବଣ୍ଟନ କରିଛି। ବିଗତ କିଛି ମାସ ହେବ ସୋହେଲା ରାସ୍ତାରେ ଶତାଧିକ ଗୋରୁ ଏଣେତେଣେ ବୁଲୁଛନ୍ତି। ଏହି ଗୋରୁପଲ ବହୁ ସମୟରେ ଦୁର୍ଘଟଣାର କାରଣ ହେଉଛନ୍ତି। ଏମାନେ ପ୍ରତିଦିନ ବହୁ ପାଚିଲା ଧାନ ଖାଇ ଯାଉଛନ୍ତି। ରବିବାର କୃଷକ ବିକାଶ ମଞ୍ଚ ସଭାପତି ମନୋହର ମାଝୀଙ୍କ ନେତୃତ୍ୱରେ ୬ଜଣ ଚାଷୀଙ୍କୁ ପ୍ରାୟ ୧୦ଟି ଗାଈ ବଣ୍ଟନ କରାଯାଇଥିଲା। ପବିତ୍ର ବିଶି, ବାଲ୍ମୀକି ପଧାନ, ବିଜୟ ସୁନା, ନିମାଇ ସୁନା, ଭୋଜରାଜ ନାୟକ, ଶିବ ଘଷିଆ ପ୍ରମୁଖଙ୍କୁ ଏହି ଗାଈ ପାଳନ ପାଇଁ ଦିଆଯାଇଛି। କାର୍ଯ୍ୟକ୍ରମରେ ସୋହେଲା ପୋଲିସ, କୃଷକ ବିକାଶ ମଞ୍ଚ ସଦସ୍ୟ ଅନ୍ତର୍ଯାମୀ ପାତ୍ର, ଦୈତାରୀ ଭୋଇ, କାନ୍ତ ଗଡତିଆ, ମୁକେଶ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ସଞ୍ଚୟ ବ୍ୟକ୍ତିକୁ ଆର୍ଥିକ ନିରାପତ୍ତା ପ୍ରଦାନ କରେ

## ସୁବର୍ଣ୍ଣପୁରରେ ବିଶ୍ୱ ମିତବ୍ୟୟିତା ଦିବସ

ସୋନପୁର,୩୦।୧୦(ନି.ପ୍ର.)




ଶୋଭାଯାତ୍ରାକୁ ଜିଲାପାଳ ଅବୋଲି ସୁନିଲ ନରଓ୍ୱଣେ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

ସୁବର୍ଣ୍ଣପୁର ଜିଲା ସ୍ୱଳ୍ପ ସଞ୍ଚୟ ବିଭାଗ ପକ୍ଷରୁ ବିଶ୍ୱ ମିତବ୍ୟୟିତା ଦିବସ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଆମ୍ବେଡକର ଛକରୁ ବାହାରି ସହର ପରିକ୍ରମା କରିଥିଲା। ଜିଲାପାଳ ଅବୋଲି ସୁନିଲ ନରଓ୍ୱଣେ ଆମ୍ବେଡକର ଛକ ନିକଟରେ ସବୁଜ ପତାକା ଦେଖାଇ ଏହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ମନୁଷ୍ୟ ଜୀବନରେ ସଞ୍ଚୟର ଆବଶ୍ୟକତା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଏହି ସଞ୍ଚୟ ବ୍ୟକ୍ତିକୁ ଆର୍ଥିକ ନିରାପତ୍ତା ପ୍ରଦାନ କରିଥାଏ। ବ୍ୟକ୍ତିର ଆର୍ଥିକ ବିକାଶ ପାଇଁ ମିତବ୍ୟୟିତା ଏକାନ୍ତ ଅପରିହାର୍ଯ୍ୟ। ଅନାବଶ୍ୟକ ଖର୍ଚ୍ଚକୁ ଯଥା ସମ୍ଭବ କମାଇ ବଳକା ଅର୍ଥକୁ ସୁରକ୍ଷିତଭାବେ ସଞ୍ଚୟ କଲେ ତାହା ଅର୍ଥନୈତିକ ଅଭିବୃଦ୍ଧିର ସହାୟକ ହୋଇଥାଏ। ଏ ଦୃଷ୍ଟିରୁ ଡାକଘର ତଥା ବ୍ୟାଙ୍କ ମାଧ୍ୟମରେ ପ୍ରଚଳିତ ସ୍ୱଳ୍ପ ସଞ୍ଚୟ ଯୋଜନା ଏ କ୍ଷେତ୍ରରେ ଅଗ୍ରଣୀ ଭୂମିକା ବହନ କରେ ବୋଲି ଏହି ଅବସରରେ ବାର୍ତ୍ତା ଦିଆଯାଇଥିଲା। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ଭାରପ୍ରାପ୍ତ ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ଯୋଗଦେଇ ସ୍ୱଳ୍ପ ସଞ୍ଚୟ ଯୋଜନାରେ ସକ୍ରିୟ ଅଂଶଗ୍ରହଣ କରି ନିଜର ଆର୍ଥିକ ଅବସ୍ଥାକୁ ସୁରକ୍ଷିତ କରିବା ସଙ୍ଗେସଙ୍ଗେ ରାଜ୍ୟ ଓ ଦେଶର ଅର୍ଥନୈତିକ ପ୍ରଗତିରେ ସହାୟକ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସଞ୍ଚୟ ରଥ ଜିଲା ପରିକ୍ରମା କରି ଜନସାଧାରଣଙ୍କୁ ସଚେତନ କରିବ ବୋଲି ସୂଚନା ଦିଆଯାଇଥିଲା। ଜିଲାର ବିଭିନ୍ନ ବ୍ଲକର ଡାକ ବିଭାଗର ଏଜେଣ୍ଟ, ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ବିଭାଗୀୟ କର୍ମଚାରୀ ଦୁଃଖିଶ୍ୟାମ ସେଠୀ, ସଞ୍ଜୟ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ରାଷ୍ଟ୍ରୀୟ ଏକତା ଦିବସରେ ବାଇକ୍ ଶୋଭାଯାତ୍ରା

ବରଗଡ଼ ଅଫିସ,୩୦।୧୦

ରବିବାର ଥିଲା ରାଷ୍ଟ୍ରୀୟ ଏକତା ଦିବସ। ଦେଶର ପ୍ରଥମ ଉପପ୍ରଧାନମନ୍ତ୍ରୀ ଲୌହପୁରୁଷ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀରେ ପାଳିତ ହୋଇ ଆସୁଥିବା ଏହି ଦିବସକୁ ସିଆରପିଏଫ୍ ସମ୍ବଲପୁର ଗ୍ରୁପ୍ ସେଣ୍ଟର ନିଆରା ଭାବେ ପାଳନ କରିଛି। ଏହିକ୍ରମରେ ସିଆରପିଏଫ୍ ଗ୍ରୁପ୍ ସେଣ୍ଟରରୁ ଯବାନମାନେ ଏକ ବାଇକ୍ ଶୋଭାଯାତ୍ରାରେ ବରଗଡ଼ ସହରରେ ପହଞ୍ଚିଥିଲେ। ସିଆରପିଏଫ୍‌ର ଉପମହାନିରୀକ୍ଷକ ଲାଲଚନ୍ଦ ଯାଦବଙ୍କ ତତ୍ତ୍ୱାବଧାନରେ ଉପକମାଣ୍ଡାଣ୍ଟ ପର୍ଶୁରାମ କୁଣ୍ଡା, ଭଗବାନ ସାହୁ, ସହକାରୀ କମାଣ୍ଡାଣ୍ଟ ସୁଶାନ୍ତ ସାହୁଙ୍କ ସମେତ ଯବାନମାନେ ବରଗଡ଼ରେ ପହଞ୍ଚିବା ପରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏହାପରେ ଗାନ୍ଧୀଛକ ସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି, ଭିଏସ୍ଏସ୍ ନଗର ଛକ ସ୍ଥିତ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସଂକଳ୍ପ ପରିବାର ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିବାବେଳେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ସମେତ ବିଭିନ୍ନ ସଙ୍ଗଠନ ଏବଂ ବରଗଡ଼ ସହରର ଶତାଧିକ ଲୋକ ଉପସ୍ଥିତ ଥିଲେ।



ବରଗଡ଼ରେ ସିଆର୍‌ପିଏଫ୍ ଯବାନଙ୍କୁ ସ୍ୱାଗତ କରାଯାଉଛି।

# ହାଇସ୍କୁଲ ରୌପ୍ୟ ଜୟନ୍ତୀ ପାଇଁ କମିଟି ଗଠିତ



ବୈଠକରେ ଉପସ୍ଥିତ ନବନିଯୁକ୍ତ ସଦସ୍ୟ।

ଅମରପାଲି,୩୦।୧୦(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନଝିରିଆପାଲି ଆଞ୍ଚଳିକ ଉଚ୍ଚ ବିଦ୍ୟାପୀଠରେ ହେବ ରୌପ୍ୟ ଜୟନ୍ତୀ ସମାରୋହ। ଏଥିପାଇଁ ସ୍କୁଲ ପରିସରରେ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍କୁଲର ସମସ୍ତ ଶିକ୍ଷକ ଓ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବୈଠକରେ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରାଯାଇ ମତାମତ ସଂଗ୍ରହ କରାଯାଇଥିଲା। ଏହି ଅବସରରେ ରୌପ୍ୟ ଜୟନ୍ତୀ ପରିଚାଳନା ପାଇଁ ବିଦ୍ୟାଳୟ ପରିଚାଳନା କମିଟି ଗଠନ କରାଯାଇଥିଲା। ଏଥିରେ ପ୍ରଧାନ ଶିକ୍ଷକ ବ୍ରଜମୋହନ ବାରିକ ସଭାପତି, ପ୍ରମୋଦ ମହାପାତ୍ର ଉପସଭାପତି, ଗୌରୀ ଶଙ୍କର ପୂଜାହାରୀ ସମ୍ପାଦକ, ଜିବର୍ଦ୍ଧନ ରଣା ସହସମ୍ପାଦକ, ସୁରେନ୍ଦ୍ର ପ୍ରଧାନ ସଙ୍ଗଠକ, ଜଗଦୀଶ ପ୍ରଧାନ କୋଷାଧକ୍ଷ, ସତ୍ୟନାରାୟଣ ରାଜହଂସ ସହକାରୀ ସମ୍ପାଦକ ଓ ଦୀନବନ୍ଧୁ ପଧାନଙ୍କୁ ମାର୍ଗଦର୍ଶକ ଭାବେ ଚୟନ କରାଯାଇଛି। ସମସ୍ତ ନବନିଯୁକ୍ତ କର୍ମକର୍ତ୍ତାଙ୍କୁ ସ୍ୱାଗତ କରାଯାଇଥିଲା। ଉମାକାନ୍ତ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିବିରରେ ୭୮ ୟୁନିଟ ରକ୍ତ ସଂଗ୍ରହ



ଶିବିରରେ ସ୍ୱେଚ୍ଛାସେବୀ ରକ୍ତଦାନ କରୁଛନ୍ତି।

ଡୁଙ୍ଗୁରିପାଲି, ୩୦।୧୦(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ବଡ଼ନୂଆଁପାଲି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବଡ଼ନୂଆଁପାଲି ରେଡକ୍ରସ ସୋସାଇଟି ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରକୁ ଚେରୁପାଲି ପଞ୍ଚାୟତ ସରପଞ୍ଚ ଦିଲୀପ କୁମାର ଶତପଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ସନ୍ତୋଷ ବେହେରା, ବଡ଼ନୂଆଁପାଲି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଲୋକନାଥ ଦଣ୍ଡସେନା, ଡୁଙ୍ଗୁରିପାଲି ବ୍ଲକ ଓଏସଟିଏ ସମ୍ପାଦକ ଦୌଲତ ସା, ଗଧାପାଲି ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସଦାନନ୍ଦ ପଧାନ, ରେଡକ୍ରସ ସୋସାଇଟି ସଭାପତି ଦୀନବନ୍ଧୁ ଭୋଇ ଯୋଗ ଦେଇଥିଲେ। ଶିବିରରେ ୭୮ଜଣ ରକ୍ତଦାନ କରିଥିଲେ। ରକ୍ତ ସଂଗ୍ରହରେ ଭୀମସାରର ଡାକ୍ତର ସୌମ୍ୟରଞ୍ଜନ ପଧାନ, କରୁଣାକର ସାହୁ, ଲାଲୁ ବିଶ୍ୱାଳ, ସୁଶାନ୍ତ କୁମ୍ଭାର, ପ୍ରହ୍ଲାଦ ଭୋଇ ନିୟୋଜିତ ଥିଲେ। କାର୍ଯ୍ୟକ୍ରମରେ ବଡ଼ନୂଆଁପାଲି ରେଡକ୍ରସ ସୋସାଇଟିର ବୀରେନ୍ଦ୍ର ନାଏକ, ସୁରେଶ ନାଏକ, ସୁବ୍ରତ ପଧାନ, ସୁରେନ୍ଦ୍ର ସା, ପ୍ରଦୀପ ପଧାନ, ସୁମନ୍ତ ପଧାନ, ଜଗଦୀଶ ବିଶ୍ୱାଳ, ଶନି ଦିଶିରୀ, ବଳରାମ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ବରଗଡ଼ ଯାଦବ ସମାଜର ନୂଆଁଖାଇ ଭେଟ୍

ବରଗଡ଼ ଅଫିସ, ୩୦।୧୦

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ଶନିବାର ଜିଲା ଯାଦବ ସମାଜର ନୂଆଁଖାଇ ଭେଟ୍‌ଘାଟ୍ ସମାରୋହ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝୀ, ଇପିକଲର ଅଧ୍ୟକ୍ଷ ପ୍ରଭାତାଦିତ୍ୟ ମିଶ୍ର, ବରଗଡ଼ ଜିଲା ଭାଜପା ସଭାପତି ଅଶ୍ୱିନୀ ଷଡଙ୍ଗୀ, କଂଗ୍ରେସ ନେତା ନିପନ ଦାଶ, ବ୍ରହ୍ମା ମହାକୁଡ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ଶିଶୁମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବରଗଡ଼ ଜିଲାର ସମସ୍ତ ବ୍ଲକରୁ ଯାଦବ ସମାଜର ଲୋକେ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ଯାଦବ ସମାଜର ପ୍ରତିଷ୍ଠାତା ସଦସ୍ୟମାନଙ୍କୁ ସମ୍ମାନିତ କରାଯାଇଥିଲା। ଯାଦବ ସମାଜର ବ୍ଲକ କର୍ମୀ ପବିତ୍ର ବାଗ, ଗାନ୍ଧୀ ବାଇ, ସୋମନାଥ ଭୋଇ, ଦାଶରଥି ପରୁଆ, ବାଲକୃଷ୍ଣ ବନଛୋର, ମାର୍ଗଶିର ଭୋଇ, ତୁଳସୀରାମ ଭୋଇ, ଉତ୍କଳା ପାଣ୍ଡେ, ତପନ ଜୁଆଡି ପ୍ରମୁଖ ଉପସ୍ଥିତ ଥିଲେ।

## ପୀତାମ୍ବର ସ୍ମାରକୀ ଫୁଟବଲ: ଡୁରୁମ ଚାମ୍ପିୟନ

ବିନିକା, ୩୦।୧୦(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ଅନ୍ତର୍ଗତ ଶଙ୍କରାଠାରେ ବିଶିଷ୍ଟ ଫୁଟବଲ ଖେଳାଳି ସ୍ୱର୍ଗତ ପୀତାମ୍ବର ପ୍ରଧାନଙ୍କ ସ୍ମୃତିରେ ରବିବାର ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଶଙ୍କରା ୟଙ୍ଗ ଷ୍ଟାର ଆସୋସିଏଶନ ତରଫରୁ ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଖେଳ ପଡିଆରେ ଅନୁଷ୍ଠିତ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ଟୁଗୁଲୁ ସ୍ପୋର୍ଟଙ୍କୁ ହରାଇ ଡୁରୁମ ଚାମ୍ପିୟନ ହୋଇଛି। ଖେଳଗୁଡ଼ିକୁ ନରସିଂହ ସେଠୀ, ବାବୁଲାଲ ସାହୁ, ସାନ ଡାଙ୍ଗ, ଆନନ୍ଦ ବଢାଇ, ଜିତୁ ଥନାପତି, ସବ୍ୟସାଚୀ ମିଶ୍ର ପରିଚାଳନା କରିଥିଲେ। ମ୍ୟାଚର ଧରା ବିବରଣୀ ପ୍ରଦାନ କରିଥିଲେ ପରମାନନ୍ଦ ପ୍ରଧାନ। ଏଥିରେ ୮ଟି ଦଳ ଭାଗ ନେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ଶଶୀଭୂଷଣ ଶତପଥୀ, ଚନ୍ଦ୍ରମଣି ନନ୍ଦ, ଧ୍ରୁବଚରଣ ନାଏକ, ଦାଶରଥି ନନ୍ଦ, ସରୋଜ ବାଘ, ଥାନେଶ୍ୱର୍ ବାଘ ଯୋଗଦେଇଥିଲେ। ସ୍ୱର୍ଗତ ପୀତାମ୍ବର ପ୍ରଧାନଙ୍କ ସୁପୁତ୍ର ତଥା ଯୁବ ଓକିଲ ଜୟ ପ୍ରକାଶ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା,ସମ୍ମାନିତ ଅତିଥି ଶଙ୍କରା ସରପଞ୍ଚ ଅଶୋକ ପୃଷ୍ଟି, ରାଜ୍ୟ ସଭା ସାଂସଦ ପ୍ରତିନିଧି ଗୁପ୍ତେଶ୍ୱର ମଲ୍ଲିକ, ବ୍ଲକ ବିଜେଡ଼ି ସଭାପତି ଦ୍ୱାରିକାନାଥ ସାହୁ, ସମିତି ସଭ୍ୟ ମାନସ ବେହେରା, ଓକିଲ ସରୋଜ ଦାସ, ଅଦ୍ୱୈତ୍ୟ ପଣ୍ଡା, ବିଜେଡ଼ି ନେତା ବିହାରିଲାଲ ମିଶ୍ର, ଧୀବର ବରିହା, ଧର୍ମେନ୍ଦ୍ର ଥନାପତି, କେଦାର ପଣ୍ଡା, କବିରାଜ ଶା, ସତ୍ୟ ବାଘ, ଧର୍ମରାଜ ପଣ୍ଡା ଅତିଥିଭାବେ ଯୋଗଦେଇ ପୁରସ୍କାର ବଣ୍ଟନ କରିଥିଲେ।

# ବରଗଡ଼ରେ ପ୍ରତିଭା ସମ୍ମାନ ସମାରୋହ




ପ୍ରତିଭା ସମ୍ମାନ ପ୍ରଦାନ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

ବରଗଡ଼ ଅଫିସ,୩୦।୧୦

ଓଡିଶା ଜନତା ସଂଘର୍ଷ ସମିତି ବରଗଡ଼ ଆନୁକୂଲ୍ୟରେ ଶନିବାର ପ୍ରତିଭା ସମ୍ମାନ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ଜୟଦେବ ସାହୁ, ଶିକ୍ଷାବିତ୍ ଅଗ୍ନି କୁମାର ପଧାନ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ, ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝୀ ପ୍ରମୁଖ ଅତିଥି ଭାବେ ଯୋଗଦାନ କରି ଉକ୍ତ ସମାରୋହକୁ ଉଦ୍‌ଘାଟନ କରିଥିଲେ। ଏହି ସମାରୋହରେ ସମାଜସେବା, ଶିକ୍ଷା, କଳା, କ୍ରୀଡା, ସାହିତ୍ୟ ଓ ପରିବେଶ ବିଭିନ୍ନ କ୍ଷେତ୍ର ସୁରକ୍ଷା ଆଦି କ୍ଷେତ୍ରରେ ରାଜ୍ୟ, ଦେଶ ଏବଂ ଅନ୍ତର୍ଜାତୀୟ ସ୍ତରରେ ପାରଦର୍ଶିତା ଲାଭ କରିଥିବା ସମାଜସେବୀ ସଙ୍ଗଠନ ଏବଂ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର୍ଷ ସମିତି ସଭାପତି କିଶୋର ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ମେଘନାଦ ସାହୁ ଉଦ୍ଦେଶ୍ୟ ଜ୍ଞାପନ ଓ ସମ୍ପାଦକ ଅଭୟ କୁମାର ପ୍ରଧାନ ବିବରଣୀ ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ରବି ନାରାୟଣ ସାହୁ ସ୍ୱାଗତ କରିଥିଲେ। ପଣ୍ଡିତ ଗୋପବନ୍ଧୁ ପୁରୋହିତ, ବିଜୟ କୁମାର ଜୟସ୍ୱାଲ, ଅରୁଣ କୁମାର ହୋତା, ପୂର୍ଣ୍ଣଚନ୍ଦ୍ର ମେହେର, ପ୍ରଦୀପ କୁମାର ଭୋଇ, ପର୍ଶୁରାମ ପାତ୍ର, ତ୍ରିଲୋଚନ ସାହୁ, ଆଶିଷ ମାହାର ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ। ଓଡିଶୀ ନୃତ୍ୟ ଶିଳ୍ପୀ ସୁଶ୍ରୀ ସ୍ୱପ୍ନା ଭୋଇ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ଦୁଃଖିସେବକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଛତିଶଗଡ଼ ଚାଷୀଙ୍କ ମାଣ୍ଡିଆ, ଜୈବିକ ଚାଷ କ୍ଷେତ୍ର ପରିଦର୍ଶନ

ପାଇକମାଲ, ୩୦।୧୦(ଡି.ଏନ.ଏ.)

ଛତିଶଗଡ଼ ଗରିଆବନ୍ଧର ପ୍ରେରକ ଅନୁଷ୍ଠାନ ତରଫରୁ ୩୦ଜଣିଆ ମହିଳାପୁରୁଷ ଚାଷୀ ରବିବାର ପାଇକମାଲଠାରେ ପହଞ୍ଚିଛନ୍ତି। ସେମାନେ ଦୁଇଦିନ ଧରି ମାଣ୍ଡିଆ ଓ ଜୈବିକ ଚାଷ କ୍ଷେତ୍ର ପରିଦର୍ଶନ କରିବା ସହ ତାଲିମ ଗ୍ରହଣ କରିବେ। ରବିବାର ଅନୁଷ୍ଠିତ ତାଲିମ କେନ୍ଦ୍ରରେ ଅହିଂସା କ୍ଲବର ଶିବପ୍ରସାଦ ସାହୁ, ଗୌର ଚରଣ ସାହୁ, ବିଦ୍ୟାଚରଣ ପିଞ୍ଜିରା, ରାକେଶ ପ୍ରଧାନ, ନୀଳମଣି ପୁରୋହିତ ଜୈବିକ ପଦ୍ଧତିରେ ଚାଷ, କୁକୁଡା ଫାର୍ମ, ମତ୍ସ୍ୟ ଓ ଛେଳି ପାଳନ, ଦେଶୀ ଧାନ ସହ ମାଣ୍ଡିଆ, କୁଦୋ ଓ ପନିପରିବା ଚାଷ ଉପରେ ତାଲିମ ପ୍ରଦାନ କରିଥିଲେ। ପ୍ରେରକ ଅନୁଷ୍ଠାନର ସଂଯୋଜକ ଶ୍ରୀପତି ଦ୍ୱିବାନ, କ୍ଲଷ୍ଟର ସଂଯୋଜକ ରୋହିଦାସ ଯାଦବଙ୍କ ସମେତ ଉକ୍ତ ଚାଷୀମାନେ ତାଲିମ ନେବା ସହ ଭେଙ୍ଗରାଜପୁରର ମାଣ୍ଡିଆ ଓ କୁଦୋ ଚାଷକ୍ଷେତ୍ର ପରିଦର୍ଶନ କରିଥିଲେ।

# କଂସ ବରଣ, ଶୁଭସ୍ତମ୍ଭ ସ୍ଥାପନ



ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଧନୁ ଯାତ୍ରା ଶୁଭ ସ୍ତମ୍ଭ ସ୍ଥାପନ ଓ କଂସ ବରଣ କରାଯାଉଛି।

## ବୀରମହାରାଜପୁର ଧନୁଯାତ୍ରା

ଅମରପାଲି, ୩୦।୧୦(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମର ମାଳେଶ୍ରୀ ମୁକ୍ତ ରଙ୍ଗମଞ୍ଚରେ ବିରାଟ ଧନୁଯାତ୍ରା ପାଇଁ ରବିବାର ଶୁଭସ୍ତମ୍ଭ ସ୍ଥାପନ ଓ କଂସ ବରଣ ହୋଇଯାଇଛି। ବୀରମହାରାଜପୁର ଉପକଣ୍ଠ ଚମ୍ପାମାଳସ୍ଥିତ ଚମ୍ପେଶ୍ୱର ମନ୍ଦିରରେ କମିଟି କର୍ମକର୍ତ୍ତା, କଂସ ଏବଂ ଅନ୍ୟ ଅଭିନେତାମାନେ ପୂଜାର୍ଚ୍ଚନା କରିଥିଲେ। ସେଠାରୁ ଆଜ୍ଞାମାଳ ଓ ଶୁଭସ୍ତମ୍ଭର ବାନା ଅଣାଯାଇ ବିଜୁ ପଟ୍ଟନାୟକ ମିନିଷ୍ଟାଡିୟମରେ ଥିବା ମାଳେଶ୍ରୀ ମଣ୍ଡପରେ ପୂଜାର୍ଚ୍ଚନା କରାଯାଇ ଥିଲା। ପୂଜା ପରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା। ଆସନ୍ତା ୧ ରୁ ୭ ତାରିଖ ପର୍ଯ୍ୟନ୍ତ ଉକ୍ତ ଧନୁଯାତ୍ରା ମହୋତ୍ସବ ହେବ। ସାତ ଦିନ ଧରି ହେବାକୁ ଥିବା ଏହି ଧନୁଯାତ୍ରାରେ ବରଗଡ ଟିଁଣ୍ଡାର ଝସକେତନ ପଧାନ କଂସ ଭୂମିକାରେ ଅଭିନୟ କରିବେ। ଯାତ୍ରାକୁ ଆକର୍ଷଣୀୟ କରିବା ପାଇଁ ମୀନାବଜାର ଓ ଅପେରା କାର୍ଯ୍ୟକ୍ରମ ହେବାର କାର୍ଯ୍ୟକ୍ରମ ରହିଛି। ଧନୁଯାତ୍ରାର କଂସ ଦରବାରରେ ପ୍ରତ୍ୟହ ରାଜନେତା, ଜନ ପ୍ରତିନିଧି, ପ୍ରଶାସକ, ବିଭିନ୍ନ କ୍ଷେତ୍ରର ପ୍ରତିଷ୍ଠିତ ବ୍ୟକ୍ତି ଉପସ୍ଥିତ ରହି ସାଂସ୍କୃତିକ ବାର୍ତ୍ତା ପରଦାନ କରିବେ। ଏନେଇ ଯାତ୍ରା କମିଟି ସଭାପତି କିଶୋର ହୋତା ସୂଚନା ଦେଇଛନ୍ତି। କଂସ ବରଣ ସମୟରେ ଉପଖଣ୍ଡ ସାମ୍ବାଦିକ ସଂଘ ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରି, ଆଇନଜୀବୀ ପ୍ରଦୀପ ମିଶ୍ର, ଲୁହୁରପଙ୍କ ସରପଞ୍ଚ ସୂର୍ଯ୍ୟ ନନ୍ଦ, ଚିନ୍ମୟ ସାହୁ, ଆଶ୍ରୟ ମହାନନ୍ଦ, ସୁରୁବାବୁ ପଧାନ, ଶୁଭମ ହୋତା, ଶିତୁ ଥାନାପତି, ସୁରେନ୍ଦ୍ର ନାଏକଙ୍କ ସହିତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସ୍ୱେଚ୍ଛାସେବୀ ସଙ୍ଗଠନ ଦ୍ୱିତୀୟ ବାର୍ଷିକ କାର୍ଯ୍ୟକ୍ରମ ସମର୍ପଣ

**ବଲାଙ୍ଗୀର ଅଫିସ, ୩୦।୧୦**
ଅଗ୍ରଣୀ ଅନୁଷ୍ଠାନ ବଲାଙ୍ଗୀର ସ୍ୱେଚ୍ଛାସେବୀ ସଙ୍ଗଠନର ଦ୍ୱିତୀୟ ବାର୍ଷିକ କାର୍ଯ୍ୟକ୍ରମ ସମର୍ପଣ-୨୨ ବଲାଙ୍ଗୀର ହଲ୍‌ରେ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ସାନ୍ଧ୍ୟସଭାରେ ଅତିଥି ଭାବେ ବାଣିଜ୍ୟ, ପରିବହନ ଏବଂ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ, ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ, ବଲାଙ୍ଗୀର ପୌରାଧକ୍ଷା ଲିକା ସାହୁ, ସମୃଦ୍ଧ ଓଡିଶା ରାଜ୍ୟ ସଭାପତି ଯତୀଶ ଚନ୍ଦ୍ର ମହାନ୍ତି ଓ ଗଣମାଧମ ପ୍ରତିନିଧି ମନରଞ୍ଜନ ଯୋଶୀ, ଆକ୍ସନ କମିଟି ସଭାପତି ଗୋପାଲଜୀ ପାଣିଗ୍ରାହୀ, ସଙ୍ଗଠକ ଆକାଶ ମିଶ୍ର ମଞ୍ଚାସୀନ ଥିଲେ। ସଙ୍ଗଠନ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ ସେବା ପାଇଁ ଡାକ୍ତର ବେଣୁଧର ପାଣ୍ଡେ, ଡାକ୍ତର ଭଞ୍ଜନ ମେହେରଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରଯାଇଥିଲା। ସଙ୍ଗଠନ ସଭାପତି ସନ୍ତୋଷ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ସଭାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଲିଙ୍କନ ସେଠ, ରବୀନ୍ଦ୍ର ପ୍ରଧାନ, କବିର ବସ୍ତିଆ, ଜିତୁ ସାହୁ, ଅଜୟ ନାଗ, ରାଜେନ୍ଦ୍ର ସେଠ, ସହଦେବ ନାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପାଚିକା, ସହାୟିକା ମହାସଂଘର ବୈଠକ

**ଗୁଡ଼ଭେଲା,୩୦।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ ମହକୁମାସ୍ଥିତ ଶିବମନ୍ଦିରରେ ଓଡିଶା ପାଚିକା/ସହାୟିକା ମହାସଂଘର ଏକ ବୈଠକ ସଭାନେତ୍ରୀ ବୈଦେଇ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ଇଣ୍ଡିଆନ ଜଷ୍ଟିସ ପାର୍ଟି ରାଜ୍ୟ ସଭାପତି ଶତ୍ରୁଘନ ଭୋଇ ଯୋଗ ଦେଇଥିଲେ। ହେମାଙ୍ଗିନୀ ଘିଭେଲା, କିଶୋରୀ ନାଏକ, ତୁଳସୀ ରଣା, ଗୀତା ଭୋଇ, କୋଅର୍ଡିନେଟରସନ୍ୟାସୀ ସାହୁ, ସମ୍ପାଦକ ଗରୁଡ ଧ୍ୱଜରଣା ବୈଠକରେ ଉପସ୍ଥିତ ଥିଲେ। ଏହି ବୈଠକରେ ଆସନ୍ତା ନଭେମ୍ବର ୧୪ତାରିଖରେ ପିଏମଜି ଛକରେ ହେବାକୁ ଥିବା ଧାରଣାରେ ସାମିଲ ହେବାକୁ ନିଷ୍ପତ୍ତି ନିଆଯାଇଥିଲା। ପାଚିକା ସହାୟିକାମାନଙ୍କୁ ୯ଶହ ଟଙ୍କା ଦରମା, ପ୍ରତିମାସରେ ନିର୍ଦ୍ଧାରିତ ତାରିଖରେ ଦରମା, ମନମୁଖୀ ଛଟେଇ ବନ୍ଦ, ଚାକିରି ସ୍ଥାୟୀକରଣ କରିବା, ପେନସନ ପ୍ରଦାନ ଆଦି ୫ଦଫା ଦାବିକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିବାକୁ ସ୍ଥିର କରାଯାଇଥିବା ସଂଘର ଗୁଡ଼ଭେଲା ବ୍ଲକ ସଭାନେତ୍ରୀ ମମତା ସେଠ ପ୍ରକାଶ କରିଛନ୍ତି। ଏହି ବୈଠକରେ ରଜନ୍ତୀ ଦଣ୍ଡିଆ, ହେମଲତା ପାତ୍ର, ଲବଙ୍ଗ ଧରୁଆ, ଧବଳେଶ୍ୱର ବରର୍ଗୀ, କୁଞ୍ଜ ସାହୁ ଉପସ୍ଥିତ ଥିଲେ। ବ୍ଲକ ସମ୍ପାଦିକା ଗୀତା ଦର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ।

### ବରିଷ୍ଠ କ୍ରୀଡାବିତ ଅକ୍ଷୟ ମେହେରଙ୍କ ପରଲୋକ

**ଦେଓଗାଁ,୩୦।୧୦(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ବରକାନୀର ବରିଷ୍ଠ ଫୁଟବଲ ଖେଳାଳି ଅକ୍ଷୟ ମେହେରଙ୍କ ୭୬ବର୍ଷ ବୟସରେ ଶନିବାର ବିଳମ୍ବିତ ରାତିରେ ପରଲୋକ ହୋଇଛି। ରବିବାର ଗାଁ ମଶାଣୀରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡପୁଅ ଶ୍ରୀବନ୍ତ ମୁଖାଗ୍ନି ଦେଇଥିଲେ। ବ୍ଲକର ଅନେକ କ୍ରୀଡାପ୍ରେମୀ ତଥା ବ୍ୟକ୍ତି ବିଶେଷ ଶେଷ ଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ଅଞ୍ଚଳର କ୍ରୀଡାପ୍ରେମୀ ତଥା ବିଭିନ୍ନ ମହଲରେ ଶୋକର ଛାୟାଖେଳିଯାଇଛି। ସ୍ୱର୍ଗତ ମେହେର ଜିଲା ଓ ରାଜ୍ୟସ୍ତରରେ ଜଣେ ଦକ୍ଷ ଫୁଟବଲ ଖେଳାଳିଭାବେ ପରିଚିତ ଥିଲେ। କିଛିବର୍ଷ ହେଲା ଜରାସିଂହା ଓ ନିଜଗାଁ ବରକାନୀରେ ଯୁବ ଖେଳାଳିଙ୍କୁ ଫୁଟବଲ ପ୍ରଶିକ୍ଷଣ ଦେଉଥିଲେ। ତାଙ୍କ ବିୟୋଗରେ ସାହିତ୍ୟିକ ଉମାଶଙ୍କର ସିଂ, ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମଣ କୁମାର ମେହେର, ରୀନା ମେହେର, ଯୁବନେତା ବିଶ୍ୱଜିତ ପାତ୍ର, ଜରାସିଂହା ବିଏନଏଏର କର୍ମକର୍ତ୍ତା ଶୋକବ୍ୟକ୍ତ କରିଛନ୍ତି।


ଅକ୍ଷୟ ମେହେର

# ବଲାଙ୍ଗୀରରେ ଫିଟ୍ ଇଣ୍ଡିଆ ଫ୍ରିଡମ୍ ରନ୍

**ବଲାଙ୍ଗୀର ଅଫିସ, ୩୦।୧୦**

ବଲାଙ୍ଗୀର ସହର ସ୍ଥିତ ଗାନ୍ଧୀ ଷ୍ଟାଡିୟମଠାରେ ଫିଟ ଇଣ୍ଡିଆ ଫ୍ରିଡମ ରନ ରବିବାର ଅନୁଷ୍ଠିତ ହୋଇଥିଲା। ଜିଲା ରେଡକ୍ରସ ସୋସାଇଟି ଏବଂ ଜିଲା ପରିବହନ ବିଭାଗ ସହଯୋଗରେ ଜିଲା ପ୍ରଶାସନ ଦ୍ୱାରା ଆୟୋଜିତ ଫିଟ ଇଣ୍ଡିଆ ଫ୍ରିଡମ ରନ କାର୍ଯ୍ୟକ୍ରମରେ ଜିଲାପାଳ ଚଞ୍ଚଳ ରାଣା, ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଲକର ପତାକା ଦେଖାଇ ଗାନ୍ଧୀ ଷ୍ଟାଡିୟମଠାରୁ ଫିଟ ଇଣ୍ଡିଆ ଫ୍ରିଡମ ରନର ଶୁଭାରମ୍ଭ କରିଥିଲେ। ଫିଟ ଇଣ୍ଡିଆ ଫ୍ରିଡମ ରନରେ ଜିଲାପାଳ, ଆରକ୍ଷୀ ଅଧୀକ୍ଷକ, ସରକାରୀ ଅଧିକାରୀ ଓ କର୍ମଚାରୀ, ଏନସିସି, ରେଡକ୍ରସ, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ର, ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ଫିଟ ଇଣ୍ଡିଆ ଫ୍ରିଡମ ରନ ଗାନ୍ଧୀ ଷ୍ଟାଡିୟମଠାରୁ ବାହାରି ବାଇପାସ୍ ରୋଡ, ଶାନ୍ତିପଡା ଦେଇ ସରକାରୀ ଆଇଟିଆଇ ପର୍ଯ୍ୟନ୍ତ ଯାଇ ପୁଣି ଗାନ୍ଧୀ ଷ୍ଟାଡିୟମକୁ ଫେରିଥିଲା । ଫିଟ ଇଣ୍ଡିଆ ଫ୍ରିଡମ ରନରେ ବାଳକ ବିଭାଗରେ ରୋଶନ ହରପାଲ ପ୍ରଥମ, ହରିଶ ପ୍ରଧାନ ଦ୍ୱିତୀୟ, ହେମନ୍ତ ବରିହା ତୃତୀୟ ସ୍ଥାନ ଅଧିକାର କରିଥିଲେ। ବାଳିକା ବିଭାଗରେ ରିମା ସୁନା ପ୍ରଥମ, ରଶ୍ମିତା ଦୀପ ଦ୍ୱିତୀୟ, ମଲ୍ଲିକା ବାରିକ ତୃତୀୟ ସ୍ଥାନ ଅଧିକାର କରି ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କଠାରୁ ଟ୍ରଫି ଓ ମାନପତ୍ର ଗ୍ରହଣ କରିଥିଲେ। ଅତିରିକ୍ତ ଜିଲାପାଳ (ରାଜସ୍ୱ) ମହେନ୍ଦ୍ର କୁମାର ମହାପାତ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ସିଂ, ଉପଜିଲାପାଳ କୁମାର ନାଗଭୂଷଣଙ୍କ ସମେତ ବିଭିନ୍ନ ବିଭାଗ ଅଧିକାରୀ, ଜିଲା କ୍ରୀଡା ସଂସଦ କର୍ମକର୍ତ୍ତା, ଗଣମାଧମ ପ୍ରତିନିଧି ଉପସ୍ଥିତ ଥିଲେ। ସହକାରୀ ଜିଲାପାଳ ଆଦିତ୍ୟ ଦଳବେହେରା ଏବଂ ଜିଲା କ୍ରୀଡା ଅଧିକାରୀ ପରାଶର ବାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଜିଲାପାଳ ଓ ଏସ୍‌ପି ଜଣେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

# ଧନୁଯାତ୍ରା ପାଇଁ କଳାକାର ବରଣ


ଖାରମୁଣ୍ଡା ଗ୍ରାମବାସୀଙ୍କ ତରଫରୁ କଳାକାର ବରଣ କରାଯାଉଛି।

**ଲୋଇସିଂହା,୩୦।୧୦(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଖାରମୁଣ୍ଡା ଗ୍ରାମରେ ୧୦ମ ଆଞ୍ଚଳିକ ଧନୁଯାତ୍ରା ପାଇଁ କଳାକାର ବରଣ ରବିବାର ଅନୁଷ୍ଠିତ ହୋଇଯାଇଛି। ଧନୁଯାତ୍ରା କମିଟି ନିଷ୍ପତ୍ତି ଅନୁଯାୟୀ ଆସନ୍ତା ଡିସେମ୍ବର ୨୫ରୁ ୩୧ ତାରିଖ ପର୍ଯ୍ୟନ୍ତ ଧନୁଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବ। ଧନୁଯାତ୍ରା ଉପଲକ୍ଷେ କଂସ ଦରବାର ଅନୁଷ୍ଠିତ ହେବ। ଏଥି ପାଇଁ ଆଞ୍ଚଳିକ ଧନୁଯାତ୍ରା କମିଟି ପକ୍ଷରୁ କଂସ ମଣ୍ଡପଠାରେ ସଭାପତି ଆନନ୍ଦ ମେହେର, ଉପସଭାପତି ବସୁଦେବ କର୍ତ୍ତି, ସମ୍ପାଦକ ପରମେଶ୍ୱର ମେହେର, ବାଳକୃଷ୍ଣ ଧରୁଆ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ କଳାକାର ବରଣ କରାଯାଇଛି । କଂସ ଭୂମିକାରେ ଅଭିନୟ କରିବାକୁ ଥିବା ବିଜୟ ଦେବତା ଏବଂ ସାଥୀ କଳାକାରଙ୍କୁ କମିଟି ପକ୍ଷରୁ ଶ୍ରୀଫଳ ଦେଇ ବରଣ କରାଯାଇଥିଲା।

# ବିଶ୍ୱ ମିତବ୍ୟୟିତା ଦିବସରେ ବାହାରିଲା ସଞ୍ଚୟ ରଥ


ବିଶ୍ୱମିତବ୍ୟୟିତା ଦିବସ ଅବସରରେ ଅତିଥିମାନେ ରବିବାର ସଞ୍ଚୟ ରଥ ଶୁଭାରମ୍ଭ କରୁଛନ୍ତି।

**ବଲାଙ୍ଗୀର ଅଫିସ, ୩୦।୧୦**

ବଲାଙ୍ଗୀର ଜିଲା ସ୍ୱଳ୍ପ ସଞ୍ଚୟ କାର୍ଯ୍ୟାଳୟ ପକ୍ଷରୁ ବିଶ୍ୱମିତବ୍ୟୟିତା ଦିବସ ଅବସରରେ ରବିବାର ସଞ୍ଚୟ ରଥ ଶୁଭାରମ୍ଭ କରାଯାଇଥିଲା। ଏହି ରଥକୁ ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆ ଓ ଜିଲାମୁଖ୍ୟ ଡାକପାଳ ରାଜେନ୍ଦ୍ର କୁମାର ପଟ୍ଟନାୟକ ପତକା ଦେଖାଇ ଶୁଭାରମ୍ଭ କରିଥିଲେ। ସ୍ୱଳ୍ପ ସଞ୍ଚୟ ସମ୍ପର୍କରେ ପ୍ରସ୍ତୁତ ପ୍ରଚାର ପତ୍ରକୁ ଉନ୍ମୋଚନ କରାଯାଇଥିଲା। ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ବିଜୟ କୁମାର ଶତପଥୀଙ୍କ ନେତୃତ୍ୱରେ ବିଭାଗ କର୍ମଚାରୀ, ଡାକ ବିଭାଗ କର୍ମଚାରୀ ଓ ସ୍ୱେଚ୍ଛାସ୍ୱେବୀ ଅନୁଷ୍ଠାନ ସଦସ୍ୟମାନେ ସ୍ୱଳ୍ପ ସଞ୍ଚୟର ଉପକାରିତା ଉପରେ ବିଭିନ୍ନ ପ୍ଲାକାର୍ଡ ଧରି ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲେ। ଏହି ସଚେତନତା ରଥ ଜିଲାର ବିଭିନ୍ନ ଗ୍ରାମାଞ୍ଚଳ ଗସ୍ତ କରି ଜନସାଧାରଣଙ୍କୁ ସଚେତନତା ବାର୍ତ୍ତା ଦେବ ବୋଲି ସଞ୍ଚୟ ଅଧିକାରୀ ଶତପଥୀ ସୂଚନା ଦେଇଥିଲେ। ସେହିପରି ଟିଟିଲାଗଡ଼ ଉପଖଣ୍ଡରେ ମ୍ୟୁନିସିପାଲଟି ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ, ପାଟଣାଗଡ ଉପଖଣ୍ଡରେ ଉପଜିଲାପାଳ ବିଜୟାନନ୍ଦ ସେଠୀ ଓ କଣ୍ଟାବାଞ୍ଜିରେ ତହସିଲଦାର ସେ ଅଞ୍ଚଳ ଗ୍ରାମୀଣ ଜନ ସାଧାରଣଙ୍କୁ ସଚେତନ କରିବା ପାଇଁ ସେଠାରେ ମଧ ସଞ୍ଚୟ ରଥକୁ ସବୁଜ ପତକା ଦେଖାଇ ଶୁଭାରମ କରିଥିଲେ।

# ଜାତୀୟ ସେବା ଯୋଜନା କ୍ୟାମ୍ପ

**ଖଡ଼ିଆଳ,୩୦।୧୦(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ପକ୍ଷରୁ ବିପର୍ଯ୍ୟୟ ପରିଚାଳନା ଉଦ୍ଦେଶ୍ୟରେ କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। କ୍ୟାମ୍ପ ପ୍ରୋଗ୍ରାମ ଅଫିସର ଡା ସୁରଞ୍ଜନ ପ୍ରଧାନ ପରିଚାଳନା କରିଥିଲେ। ଅଧକ୍ଷ ଡ଼ା ତରୁଣ କୁମାର ପ୍ରଧାନ ବିପର୍ଯ୍ୟୟ ପରିଚାଳନା ପାଇଁ ସ୍ୱେଚ୍ଛାସେବୀଙ୍କୁ ନେଇ ଏକ ଟିମ ଗଠନ କରିଥିଲେ। ସେମାନଙ୍କୁ ସଡକ ଦୁର୍ଘଟଣା, ନିଆଁ ଲାଗିବା, ପାଣିରେ ବୁଡି ଯିବା, ସର୍ପ ଦର୍ଶନ, ବିଜୁଳି ମାରିବା, ଗ୍ୟାସ୍ ସିଲିଣ୍ଡର ଦୁର୍ଘଟଣାରୁ କିପରି ରକ୍ଷା ପାଇବେ ସେ ନେଇ ଟ୍ରେନିଂ ଦେଇଥିଲେ। ଡ଼ା ସୁରଞ୍ଜନଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀମାନେ କଲେଜ ସାଇକେଲ ଷ୍ଟାଣ୍ଡ ଓ ଷ୍ଟାଡିୟମ ସଫା କରିଥିଲେ। କ୍ୟାମ୍ପରେ ସ୍ୱେଚ୍ଛାସେବୀ ସରୋଜ କଳତା, ବିକାଶ ବଛା, ବଳରାମ କଟା, ସୁବାସ ବାଗ, ମୋହନ ପଟେଲ, ରଞ୍ଜୁ ବାରିକ ପ୍ରମୁଖ ଯୋଗଦେଇଥିଲେ।

# ଜୀବନ ସୁରକ୍ଷା କର୍ମଶାଳା

**ଖପ୍ରାଖୋଲ, ୩୦।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସଦର ମହକୁମାରରେ ଥିବା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ପରିସରରେ ଅଗ୍ନିଶମ ବିଭାଗ ତରଫରୁ ଜୀବନ ସୁରକ୍ଷା ସମ୍ପର୍କିତ କର୍ମଶାଳା ଓ ମାକ ଡ୍ରିଲ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ବାସନ୍ତୀ ଛୁରାଙ୍କ ଅଧକ୍ଷତାରେ ହୋଇଥିବା କର୍ମଶାଳାରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଗ୍ନିଶମ ଅଧିକାରୀ ଚୂଡ଼ାମଣି ପିଙ୍ଗ ଯୋଗଦେଇ ଜୀବନ ସୁରକ୍ଷା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ। ଆକସ୍ମିକ ଦୁର୍ଘଟଣା ସମୟରେ ପ୍ରାଥମିକ ସେବା କିଭଳି ଯୋଗାଇ ଦେଇ ହେବ ସେନେଇ ବୁଝାଇଥିଲେ। ପରେ ଅଗ୍ନିଶମ କର୍ମଚାରୀ ମାକଡ୍ରିଲ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ୱାଡେନ ଅନିତା ମହାପାତ୍ର, ଅଗ୍ନିଶମ କର୍ମଚାରୀ, ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ସାରଣୀ ଅନୁସାରେ ଦିଆଯାଉନି ଖାଦ୍ୟ

**ଲାଠୋର, ୩୦।୧୦(ଡି.ଏନ.ଏ.)**

ଖାଦ୍ୟ ସାରଣୀ ଅନୁସାରେ ପିଲାଙ୍କୁ ଖାଇବାକୁ ଦିଆଯାଉନି। ବାରମ୍ବାର କହିଲେ ବି କର୍ତ୍ତୃପକ୍ଷ କର୍ଣ୍ଣପାତ କରୁନାହାନ୍ତି। ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡ଼ାସ୍ଥିତ ଅନୁସୂଚିତ ଜାତି ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏପରି ହେଉଥିବା ଅଭିଯୋଗ ହେଉଛି। ଏ ଦିଗରେ ଅବିଳମ୍ବେ ପଦକ୍ଷେପ ନନେଲେ ସ୍ଥାନୀୟ ସାମାଜିକ ସଂଗଠନ ସାବାସ ଏବଂ ଡ଼ାଇଜ ସଂଗଠନ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

ଏହି ବିଦ୍ୟାଳୟରେ ଷଷ୍ଠରୁ ଯୁକ୍ତ ୨ ବିଜ୍ଞାନ ଓ ବାଣିଜ୍ୟ ଯାଏ ସମୁଦାୟ ୭୯୫ ଏସ୍‌ସି, ଏସଟି ଛାତ୍ରୀଛାତ୍ର ରହି ପଢୁଛନ୍ତି। ଖାଦ୍ୟ ବାବଦକୁ ସରକାର ପ୍ରତି

**ମାଲପଡା ସରକାରୀ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ**

ଛାତ୍ରୀଛାତ୍ରଙ୍କୁ ମାସିକ ୧ ହଜାର ଟଙ୍କା ହିସାବରେ ୭୯୫ ପିଲାଙ୍କୁ ମାସିକ ୭ ଲକ୍ଷ ୯୫ ହଜାର ଟଙ୍କା ପ୍ରଦାନ କରୁଛନ୍ତି। ସେଥିପାଇଁ ଏକଖାଦ୍ୟ ସାରଣୀ ସରକାର ନିରୂପଣ କରିଛନ୍ତି। ହେଲେ ପିଲାଙ୍କୁ ଖାଦ୍ୟ ସାରଣୀ ଅନୁସାରେ ଖାଦ୍ୟ ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ସପ୍ତାହର ଶୁକ୍ରବାର ଅଣ୍ଡା, ରବିବାର ଚିକେନ ଏବଂ ଅନ୍ୟାନ୍ୟ ଦିନମାନଙ୍କରେ ଡ଼ାଲମା, ପନିପରିବା ତରକାରୀ ଦେବାକଥା। ସେହିପରି ସକାଳେ ସୂଜି, ଚୂଡ଼ା ଉପମା ପିଲାଙ୍କୁ ଦିଆଯିବା କଥା। ହେଲେ ପିଲାଙ୍କୁ ସକାଳେ ଗୋଟିଏ ୫ଟଙ୍କିଆ ବିସ୍କୁଟ ପ୍ୟାକେଟ ଜଳଖିଆରେ ଦିଆଯାଉଛି। କାଁଭାଁ କେବେ ପନିପରିବା ତରକାରୀ ଦିଆଯାଉଛି। ଛାତ୍ରୀଛାତ୍ରଙ୍କୁ ଯେଉଁ ମାନ ଓ ପରିମାଣର ଖାଦ୍ୟ ଦେବାକଥା ତାହା ବି ଦିଆଯାଉନାହିଁ। ବିଶେଷ କରି ପିଲାଙ୍କୁ କେବଳ ଆଳୁ ପକାଇ ପାଣିଆ ଡାଲମା ଦିଆଯାଉଛି। ଖାଦ୍ୟ ସାରଣୀରେ ପରିବର୍ତ୍ତନ ଆଣିବା ପାଇଁ ବିଭିନ ସମୟରେ ସ୍ଥାନୀୟ ଡ଼ାଇଜ ଯୁବ ଅନୁଷ୍ଠାନ ଏବଂ ଲାଠୋରର ସାବାସ ସଂଗଠନ ଦାବି କରି ଆସୁଥିଲେ ମଧ ସ୍ଥିତିରେ କୌଣସି ପରିବର୍ତ୍ତନ ହେଉନାହିଁ। ଏନେଇ ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକ ସଞ୍ଜୟ କୁମାର ନନ୍ଦଙ୍କୁ ପଚାରିବାରୁ ପ୍ରଧାନଶିକ୍ଷକ ଛୁଟିରେ ଅଛନ୍ତି ସେ ଆସିଲେ କହିପାରିବେ ବୋଲି କହିଥିଲେ। ଜିଲା ମଙ୍ଗଳ ଅଧିକାରୀ ଅଲେଖ ବିଶ୍ୱାଳଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ସେ ସମ୍ପୃକ୍ତ ସ୍କୁଲ ଯାଇ ଘଟଣାର ତଦନ୍ତ କରିବେ ବୋଲି କହିଛନ୍ତି।

# ଅଫିସ କାର୍ଯ୍ୟ ସହଜ ପାଇଁ ଓସ୍ୱାସ ପ୍ରଶିକ୍ଷଣ

**ନୂଆପଡ଼ା ଅଫିସ,୩୦।୧୦**

ନୂଆପଡା ଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟ ଓସ୍ୱାସ ବା ଓଡିଶା ଷ୍ଟେଟ ୱାର୍କ ଫ୍ଲୋ ଅଟୋ ସେସନ ସିଷ୍ଟମ ମାଧ୍ୟମରେ ଫାଇଲଗୁଡିକର କାର୍ଯ୍ୟ ତ୍ୱରାନିତ ଶୀଘ୍ର ସହଜ ଓ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ହୋଇପାରିବ। ଏଥିପାଇଁ ଜିଲା ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନଙ୍କ ତ୍ୱତାବଧାନରେରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଜିଲାପାଳ ହେମାକାନ୍ତ ସାଏ ଏହି ଶିବିର ଉଦ୍‌ଘାଟନ କରିଥିଲେ। ରାଜ୍ୟ ସଂଯୋଜକ ରାକେଶ କୁମାର ସାହୁ ଓ ବିଜନେସ ଏନାଲିଷ୍ଟ ନନ୍ଦ କୁମାର ଝା ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଜିଲା ଇ-ଗଭର୍ଣ୍ଣ ମେନେଜର ବିରେନ୍ଦ୍ର ଦଣ୍ଡସେନା ପରିଚାଳନା କରିଥିଲେ। ପ୍ରଶିକ୍ଷଣ ଶିବିରରେ ଜିଲାପାଳଙ୍କ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ପ୍ରଶିକ୍ଷଣ ନେଇଥିଲେ।

# ଗୋଁଣ୍ଡ ସମାଜର ଲଗ୍ନିଆ ତାଲିମ କାର୍ଯ୍ୟକ୍ରମ


ଘୁଟିପାଲିରେ ଆୟୋଜିତ ତାଲିମ ଶିବିରରେ ଲଗ୍ନକାରମାନେ।

**ଦେଓଗାଁ, ୩୦।୧୦(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ଘୁଟିପାଲିରେ ଗୋଁଣ୍ଡୱାନା ଗୋଁଣ୍ଡ ସମାଜ ତରଫରୁ ଲଗ୍ନିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସଭାପତି ସୁରଥ ଧରୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୋଣ୍ଡ ସଂସ୍କୃତି, ପରମ୍ପରା, ରୀତିନୀତି, ବିବାହ କାର୍ଯ୍ୟ ସମ୍ପାଦିତ ହେବା ଉପରେ ତାଲିମ ପ୍ରଦାନ କରାଯାଇଥିଲା। ବିନୋଦ ବିହାରୀ ମଲ୍ଲିକ, ଗଣେଷରାମ ମାଝି, ଧ୍ରୁବଚରଣ ମଲ୍ଲିକ ଓ ଲେକ୍ରୁ ଭୋଇ ପ୍ରମୁଖ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ ଜିଲା ସଭାପତି ଶ୍ୟାମସୁନ୍ଦର ଭୋଇ, ସମ୍ମାନୀତ ଅତିଥି ମହାସଚିବ ରାମଚନ୍ଦ୍ର ଧରୁଆ, ଦାଶରଥି ଭୋଇ, ଶିଶିର ଧରୁଆ, ମୀନକେତନ କୁଅଁର, ସତ୍ୟ ଦଳପତି, କେଶରୀ କୁଅଁର, କଳାହାଣ୍ଡି ମହାସଚିବ ଲୁଚନ ଧରୁଆ, ବ୍ଲକ ସଚିବ ପୁରନ୍ଦର ଭୋଇ, ସୁବଳ ଚରଣ ଭୋଇ, ସନ୍ତୋଷ ମାଝି, ଶ୍ରୀବଚ୍ଛ ଧରୁଆ, ନନ୍ଦି ଭୋଇ, ମଣି ଧରୁଆ, ଲୁଚନ ମାଝି, ହୀରାଧର ମାଝି, ହେମସାଗର ଭୋଇ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ସମେତ ବୌଦ୍ଧ, ସୁବର୍ଣ୍ଣପୁର, କଳାହାଣ୍ଡି, ବରଗଡ ଓ ସମ୍ବଲପୁର ଜିଲାର ଶହେରୁ ଅଧିକ ଲଗ୍ନକାର ତାଲିମ ନେଇଥିଲେ।

# ସରଗାଡ଼ରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

**ଲୋଇସିଂହା,୩୦।୧୦(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସରଗାଡ ଜଗନ୍ନାଥ ଯୁବ ପରିଷଦ ପକ୍ଷରୁ ସ୍ଥାନୀୟ ବାଳିକା ବିଦ୍ୟାଳୟରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ରାଜକିଶୋର ସେଠଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍କୁଲ ପରିଚାଳନା କମିଟି ସଭାପତି ସରୋଜ କୁମାର ପଟେଲ ମୁଖ୍ୟ ଅତିଥି, ପ୍ରଧାନ ଶିକ୍ଷୟିତ୍ରୀ ନଳିନୀ ରଣା ସମ୍ମାନୀତ ଭାବେ ଯୋଗଦେଇଥିଲେ। ପରିବେଶ ସ୍ୱଚ୍ଛତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ ଅତିଥି । ସଭା ପରେ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ର, ଅନୁଷ୍ଠାନ ସଦସ୍ୟ ସଫେଇ କରିଥିଲେ। ସଭାପୂର୍ବରୁ ସମ୍ପାଦକ ନାରାୟଣ ବାରିକଙ୍କ ନେତୃତ୍ୱରେ ସକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସେହିପରି ଆଗଲପୁର ବ୍ଲକ ହରଭଙ୍ଗା ଗାଁର ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ ପକ୍ଷରୁ ସଫେଇ କାମ ରବିବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଡୋଳାମାନୀ ସାହୁଙ୍କ ନେତୃତ୍ୱରେ ଯୁବଗୋଷ୍ଠୀ ପକ୍ଷରୁ ଗାଁ ମୁଣ୍ଡରୁ ଅଙ୍ଗନଦୀକୁ ଯାଇଥିବା ରାସ୍ତା ସଫା କରାଯାଇଥିଲା।



ସରଗାଡ଼ରେ ଆୟୋଜିତ ସଫେଇରେ ସାମିଲ ସ୍ୱେଚ୍ଛାସେବୀ।

# ଶିକ୍ଷା ଅଗ୍ରଗତିରେ ସମାଜର ବିକାଶ

**ସଇଁତଳା, ୩୦।୧୦(ଡି.ଏନ.ଏ.)**

ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭାର ୧୮ତମ ଜିଲାସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ ବଲାଙ୍ଗୀର ଜିଲା ସଇଁତଳା ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି କଂସାରୀ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭା ରାଜ୍ୟ ସଭାପତି ତଥା ପୂର୍ବତନ ମନ୍ତ୍ରୀ ଯୋଗେନ୍ଦ୍ର ବେହେରା ମୁଖ୍ୟ ଅତିଥି, ସମ୍ମାନୀତ ଅତିଥିଭାବେ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ଯୋଗଦେଇଥିଲେ। ମହାସଭା ସଭାପତି ବେହେରା ସଂଗଠନକୁ ମଜଭୁତ କରିବା ତଥା ସାମାଜିକ ସଂସ୍କାର ଉପରେ ମତ ରଖିଥିଲେ। ବିଧାୟକ ମହାଲିଙ୍ଗ କୈବର୍ତ୍ତ ସମାଜର ଝିଅମାନଙ୍କ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ସେମାନେ ପାଠପଢ଼ାରେ କିପରି ନିଜ ଦକ୍ଷତା ପ୍ରତିପାଦନ କରିବେ ଓ ଚାକିରି କ୍ଷେତ୍ରରେ ଅଗ୍ରଗତି କରିପାରିବେ ତାହା ଉପରେ ଯୋର ଦେଇଥିଲେ। ପ୍ରକାଶ ସେଠ ମଞ୍ଚ ପରିଚାଳନା, ଲିଙ୍ଗରାଜ ନାଏକ ସ୍ୱାଗତ ଭାଷଣ, ଫକୀର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ନିମନ୍ତ୍ରିତ ଅତିଥିଭାବେ ଜିଲା କାଯ୍ରକାରୀ ସଭାପତି ନିତ୍ୟାନନ୍ଦ ବୁଡ଼େକ, ମହିଳା ମୋର୍ଚ୍ଚା ସଭାନେତ୍ରୀ ପଦ୍ମାବତୀ ବାରିକ, ହଳଧର ସେଠ, କମଳଲୋଚନ ଦାସ, ଲାଲୁ ନାଏକ, ମଧୁସୂଦନ ନାଏକ, ହରେକୃଷ୍ଣ ନାଏକ, ବୁଦ୍ଧଦେବ ନାଏକ, ପୁରନ୍ଦର ବେହେରା, ପରମାନନ୍ଦ ସେଠ, ନବକିଶୋର ନାଏକ, ତ୍ରିଲୋଚନ ମାଝି, ପଦ୍ମଲୋଚନ ନାଏକ, ଧର୍ମାନନ୍ଦ ସା, ରାଜୁ ନାଏକ, ସୀମା ସା, କଲ୍ୟାଣୀ ସା, ଚମରୁ ନାଏକ, ତଥାଗତ ସା ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଝସକେତନ ସା, କାର୍ତ୍ତିକ ଦଣ୍ଡସେନା, କ୍ଷମାନିଧି ନାଏକ, ହେମରାଜ ନାଏକ, ସମାରୁ ଦଣ୍ଡସେନା, ରୋହିତ ସା, ଜଗନ୍ନାଥ ବୁଡେକ, ଆନନ୍ଦ ଦଣ୍ଡସେନା ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ କୈବର୍ତ୍ତ ସମାଜ ସଦସ୍ୟମାନେ ସ୍ଥାନୀୟ ନୂଆଁବନ୍ଧରୁ ପୂର୍ଣ୍ଣ ଜଳ କଳସ ଆଣିବା ପରେ ଅଧିଷ୍ଠାତ୍ରୀ ଦେବୀ ଅଶ୍ୱିନୀ ବାସେଲୀ ସମଲେଶ୍ୱରୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା।

## କୈବର୍ତ୍ତ ସମାଜର ନୂଆଁଖାଇ ଭେଟ୍‌ଘାଟ


କୈବର୍ତ୍ତ ମହାସଭାର ନୂଆଁଖାଇ ଭେଟ୍‌ଘାଟରେ ମଞ୍ଚାସୀନ ଅତିଥିଗଣ।

## ତ୍ରିନାଥ ମେଳା ଉପଲକ୍ଷେ ୪ ପ୍ରହର ନାମଯଜ୍ଞ

ବାଉଁଶୁଣୀ,(ଡି.ଏନ.ଏ.): ବୌଦ୍ଧ ଜିଲା ବାଉଁଶୁଣୀ ବୈଦିଆପଡାଠାରେ ରବିବାର ଦିନ ତ୍ରିନାଥ ମେଳାର ୨୧ତମ ବାର୍ଷିକୋତ୍ସବ ଉପଲକ୍ଷେ ୪ ପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ସକାଳୁ ବୈଦିଆସାହିର ଜନସାଧାରଣ ଏକତ୍ରିତ ହୋଇ ନିକଟରେ ଥିବା ମହାନଦୀରୁ କଳସରେ ଜଳ ଆଣି ମଣ୍ଡପରେ ରଖିଥିଲେ । କର୍ତ୍ତା ଭାବରେ ଗୋପୀନାଥ ମେହେର ଏବଂ ତାଙ୍କ ସ୍ତ୍ରୀ ଖିରୋଦ୍ରି ମେହେର ଦାୟିତ୍ୱ ତୁଲାଇଥିଲେ । ପୂଜକ ଭାବରେ ହରେକୃଷ୍ଣ ପୁରୋହିତ ପୂଜା କାର୍ଯ୍ୟ କରିଥିଲେ ।

## ସଂକ୍ଷେପରେ

### କଦଳୀପାଲି ୨-୦ ଗୋଲରେ ବିଜୟୀ

ବରଗଡ଼ ଅଫିସ୍,୩୦।୧୦: ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ରବିବାର ମ୍ୟାଚ୍‌ରେ କଦଳୀପାଲି ପ୍ରତିପକ୍ଷ ମାଳିପାଲିକୁ ୨-୦ ଗୋଲରେ ହରାଇ ବିଜୟୀ ହୋଇଛି। କଦଳୀପାଲିର ସୁରେଶ ବେହେରା ଏବଂ ଶକ୍ତିମାନ ମିର୍ଦ୍ଧା ଗୋଟିଏ ଲେଖାଏଁ ଗୋଲ୍ ସ୍କୋର କରିଥିଲେ। ଅଶ୍ୱିନୀ ମେହେର, ଆଦିତ୍ୟ ନାୟକ, ସଚିନ ଭୁଏ, ଶୁଭମ ପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ।

### ୨ ମାସ ହେଲା ମିଳିନି ଟଙ୍କିକିଆ ଚାଉଳ

**ପାବୁଲିପଡାର ୧୫୦ ହିତାଧିକାରୀ ଚାଉଳ ପାଇ ନ ଥିବା ଅଭିଯୋଗ**

ବୌଦ୍ଧ,୩୦।୧୦(ସ୍ୱ.ପ୍ର.): ସରକାର ଗ୍ରାମାଞ୍ଚଳରେ ବସବାସ କରୁଥିବା ଗରିବ ଲୋକଙ୍କୁ ୧ ଟଙ୍କାରେ ଚାଉଳ ଯୋଗାଇ ଦେଉଥିବା ବେଳେ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ କରଞ୍ଜକଟା ଗ୍ରାମ ପଞ୍ଚାୟତର ପାବୁଲିପଡା ଗ୍ରାମରେ ଏହାର ବ୍ୟତିକ୍ରମ ଦେଖାଦେଇଛି । ଜଣ ପ୍ରତି ମାସକୁ ୫ କେଜି ଚାଉଳ ଦିଆଯାଉଛି । କିନ୍ତୁ ଚାଉଳ ଠିକ ସମୟରେ ମିଳୁନାହିଁ। ପାବୁଲିପଡା ଗ୍ରାମର ୧୫୦ରୁ ଉର୍ଦ୍ଧ୍ୱ ହିତାଧିକାରୀ ଦୁଇ ମାସ ହେଲା ଚାଉଳ ପାଇ ନ ଥିବା ଅଭିଯୋଗ ହୋଇଛି । ହିତାଧିକାରୀମାନେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ପଚାରିଲେ ଚାଉଳ ଆସିନାହିଁ ଡେରି ହେବ ବୋଲି କୁହାଯାଉଛି । ଉକ୍ତ ପଞ୍ଚାୟତର ଅନ୍ୟ ଗ୍ରାମଗୁଡିକରେ ଚାଉଳ ବଣ୍ଟନ ହୋଇଥିବା ବେଳେ ପାବୁଲିପଡାର ହିତାଧିକାରୀ ପାଇ ନ ଥିବା ଯୋଗୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏନେଇ କରଞ୍ଜକଟା ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟବାନ ବେଜିଙ୍କୁ ପଚାରିବାରେ ସମସ୍ତ ଚାଉଳ ଦିଆଯାଇଛି । ବର୍ତ୍ତମାନ ଚଳିତ ମାସର ଚାଉଳ ଆସିଥିବା କହିଥିଲେ । ତୁରନ୍ତ ଜିଲା ପ୍ରଶାସନ ପକ୍ଷରୁ ଏହାର ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ହିତାଧିକାରୀମାନେ ଦାବି କରିଛନ୍ତି ।

# ବରଗଡ଼ରେ ପଶ୍ଚିମ ଓଡ଼ିଶା ଆର୍ଯ୍ୟ ସମ୍ମିଳନୀ



ଆର୍ଯ୍ୟ ସମ୍ମିଳନୀରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

ବରଗଡ଼ ଅଫିସ, ୩୦।୧୦

ବରଗଡ଼ ଜିଲା ଆର୍ଯ୍ୟ ସମାଜ ଆନୁକୂଲ୍ୟରେ ରବିବାର ପଶ୍ଚିମ ଓଡିଶା ଆର୍ଯ୍ୟ ସମ୍ମିଳନୀ ଓ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନୂଆପାଲି ନବ ପ୍ରଭାତ ଗୁରୁକୁଳ ଆଶ୍ରମର ଅଧ୍ୟକ୍ଷ ବୃହସ୍ପତି ଶାସ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ପଣ୍ଡିତ ଗୋପବନ୍ଧୁ ପୁରୋହିତ ସଂଯୋଜନା କରିଥିଲେ। ସମ୍ମିଳନୀରେ ପଶ୍ଚିମ ଓଡିଶାର ବିଶିଷ୍ଟ ଆର୍ଯ୍ୟ ସଙ୍ଗଠକ ଓ ସଙ୍ଗଠନ ସଚିବ ଧନୁର୍ଦ୍ଧର ମହାପାତ୍ର ଯୋଗଦେଇ ସାଙ୍ଗଠନିକ ପରାମର୍ଶ ପ୍ରଦାନ କରିଥିଲେ। ବିଶିଷ୍ଟ ଆର୍ଯ୍ୟ ବିଦ୍ୱାନ କୃଷ୍ଣଦେବ ଶାସ୍ତ୍ରୀ, ସ୍ୱାମୀ ବିଶୁଦ୍ଧାନନ୍ଦ ସରସ୍ୱତୀ, ସ୍ୱାମୀ ସୋମବେଶ ସରସ୍ୱତୀ, ସୋମଦତ୍ତ ଶାସ୍ତ୍ରୀ, କୋଷାଧ୍ୟକ୍ଷ ରମେଶ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାଜ ଗଠନରେ ଆର୍ଯ୍ୟ ସମାଜର ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଜିଲା ଓ ନଗର କମିଟି ଗଠନ କରାଯିବା ସହିତ ଆର୍ଯ୍ୟ ପ୍ରତିନିଧି ସଭା ପାଇଁ ସଭ୍ୟ ମନୋନିତ କରାଯାଇଥିଲା। ପଶ୍ଚିମାଞ୍ଚଳର ବିଭିନ୍ନ ଜିଲାରୁ ଶତାଧିକ ଆର୍ଯ୍ୟ ସାମାଜର ସଦସ୍ୟା ସଦସ୍ୟ ଉପସ୍ଥିତ ଥିଲେ। ଜିଲା ଆର୍ଯ୍ୟ ସମାଜ ତରଫରୁ ପୁରାତନ ଆର୍ଯ୍ୟ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଶୋକ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ଷେତ୍ରାଧିକାରୀଙ୍କ ଗସ୍ତ ସୂଚନାଫଳକ କାମରେ ଆସୁନି

ଜାମଟିକ୍ରା, ୩୦।୧୦(ଡି.ଏନ.ଏ.)

ବ୍ଲକ କର୍ମଚାରୀ ପ୍ରତିଦିନ କେଉଁ ଅଞ୍ଚଳକୁ ଗସ୍ତ କରୁଛନ୍ତି ତାର ସବିଶେଷ ବିବରଣୀ ବ୍ଲକ ପରିସରରେ ରହିଥିବା ସୂଚନାଫଳକରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଲିପିବଦ୍ଧ କରିବା ପାଇଁ ସରକାରୀ ନିର୍ଦ୍ଦେଶ ରହିଛି। ତେବେ ସରକାରଙ୍କ ଏହି ନିର୍ଦ୍ଦେଶକୁ ଅତାବିରା ବ୍ଲକ ପ୍ରଶାସନ ଖୋଲାଖୋଲି ଉଲ୍ଲଂଘନ କରିଚାଲିଛନ୍ତି। ବିଡିଓଙ୍କ କାର୍ଯ୍ୟାଳୟ କାନ୍ଥରେ ଏହି ଫଳକ ଲଗାଯାଇଥିଲେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରିବା ଦିଗରେ ଧ୍ୟାନ ଦିଆଯାଉ ନାହିଁ। ଏହି ବ୍ଲକରେ ନିଯୁକ୍ତ କେତେକ କର୍ମଚାରୀ ନାମକୁ ମାତ୍ର ବ୍ଲକ କାର୍ଯ୍ୟାଳୟକୁ ଆସି ଫିଲ୍ଡ ଯିବା ବାହାନାରେ ନିଜ ଘରୋଇ କାମରେ ଚାଲିଯାଉଛନ୍ତି। ଏପଟେ ଲୋକେ ଅଧିକାରୀଙ୍କ ପାଖକୁ ବିଭିନ୍ନ କାର୍ଯ୍ୟ ନେଇ ଦିନ ତମାମ ବ୍ଲକ ପରିସରରେ ବସି ରହୁଥିଲେ ମଧ୍ୟ ସାକ୍ଷାତ ହୋଇପାରୁନାହିଁ। ବ୍ଲକଠାରୁ ୨୦ରୁ ୨୫କିମି ଦୂରଦୂରାନ୍ତ ଗାଁ ଜୁଜୁଗାଁ, ପାହାଡ଼ଶ୍ରୀଗୀଡା, ଅମଲିପାଲି, ରେଙ୍ଗାଲି, ଡଡଙ୍ଗାପାଲି, ନୂଆପଡା, ଜୁନାନୀ, ଜୁନାପାନୀ, ଲାମିପାଲି ଆଦି ଅଞ୍ଚଳର ଲୋକମାନେ ବ୍ଲକ ଅଫିସକୁ ଆସି ନିରାଶ ହୋଇ ଘରକୁ ଫେରୁଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ବିଡ଼ିଓ ପ୍ରମୋଦ ଚନ୍ଦ୍ର ମେହେରକୁ ପଚାରିବାରୁ ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି କହିଥିଲେ।

# ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ

ବରଗଡ଼ ଅଫିସ, ୩୦।୧୦

ଓପିଟିସିଏଲରେ ନୂତନ ମଜୁରୀ ନିର୍ଦ୍ଧାରଣ ତଥା କର୍ମଚାରୀମାନଙ୍କ ନ୍ୟାଯ୍ୟ ଦାବି ପୂରଣ ପାଇଁ ଏକ ପ୍ରସ୍ତୁତି ବୈଠକ ବରଗଡ଼ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଦିନରେ ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘ ପକ୍ଷରୁ ହେବାକୁ ଥିବା ଆନ୍ଦୋଳନାତ୍ମକ ପନ୍ଥାରେ ପଶ୍ଚିମ ଓଡ଼ିଶାର ସମସ୍ତ କର୍ମଚାରୀଙ୍କୁ ଯୋଡ଼ିବା ପାଇଁ ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘ ପକ୍ଷରୁ ଜୋନ ସ୍ତରରେ ପ୍ରସ୍ତୁତି ଉପରେ ଆଲୋଚନା ହୋଇଥିଲା। ମହାସଂଘର ସଙ୍ଗଠନ ସମ୍ପାଦକ ବିସ୍ମୟ ହୋତା ସଭା ପରିଚାଳନା କରିଥିଲେ। ମହାସଂଘର କାର୍ଯ୍ୟକାରିଣୀ ସଦସ୍ୟ ନିର୍ମଳ ଭୋଇ, ପ୍ରଭାତ ସାହୁ, ରାକେଶ ମେହେର, ମାଧବ ମେହେର, ରାଜେଶ୍ୱର ସାହୁ, ଛନ୍ଦାଚରଣ ଭୋଇ, ଡୋଲାମଣି ଦଣ୍ଡସେନା ପ୍ରମୁଖ ବୈଠକରେ ଅଂଶଗ୍ରହଣ କରିଥିଲେ ।



ବୈଠକରେ ଯୋଗ ଦେଇଥିବା ସଭ୍ୟବୃନ୍ଦ।

# ବନ୍ୟା ନିୟନ୍ତ୍ରଣ ତାଲିମ ଶିବିର ଉଦ୍‌ଯାପିତ

ଡୁଙ୍ଗୁରିପାଲି, ୩୦।୧୦(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଦିଗଶିରା ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀଠାରେ ବନ୍ୟା ନିୟନ୍ତ୍ରଣକୁ ନେଇ ଚାଲିଥିବା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଦିଗଶିରା ସରପଞ୍ଚ କୌଶଲ୍ୟା ମେହେର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଡୁଙ୍ଗୁରିପାଲି ଅଗ୍ନିଶମ ବିଭାଗ ଭାରପ୍ରାପ୍ତ ଅଧିକାରୀ କୁମାର ବିଲୁଙ୍ଗ ଯୋଗଦେଇଥିଲେ। ଏଥିରେ ଦିଗଶିରା ବନ୍ୟା ଆଶ୍ରୟସ୍ଥଳୀକୁ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ବନ୍ୟାରୁ ରକ୍ଷା ପାଇବା ସମୟରେ ବ୍ୟବହାର ହେଉଥିବା ବିଭିନ୍ନ ସାମଗ୍ରୀକୁ ଅଗ୍ନିଶମ ଅଧିକାରୀ କୁମାର ବିଲୁଙ୍ଗ ପରୀକ୍ଷଣ କରଥିଲେ। ପ୍ରାକୃତିକ ବିପର୍ଯ୍ୟୟକୁ କିପରି ମୁକାବିଲା କରାଯିବ ସେ ନେଇ ଅଗ୍ନିଶମ ଅଧିକାରଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଆଗ୍ନିକ ସୁକାନ୍ତ ପାତ୍ର, ପ୍ରସାଦି ବର୍ଗେ, ଉମେଶଚନ୍ଦ୍ର ଧରୁଆ ଏଥିରେ ସାମିଲ ଥିଲେ। ତାଲିମଦାତା ଧନୁର୍ଦ୍ଧର ନାଏକ ଓ ପ୍ରମୋଦ ପଧାନ ୨୫ଜଣଙ୍କୁ ତାଲିମ ପ୍ରଦାନ କରିଥିଲେ। ବନ୍ୟା ଆଶ୍ରୟସ୍ଥଳୀ ସମ୍ପାଦକ ସତ୍ୟନାରାୟଣ ମେହେର, ଦିଗଶିରା ପଞ୍ଚାୟତର ପୂର୍ବତନ ସରପଞ୍ଚ ଲବ ମେହେର, ନିର୍ବାହୀ ଅଧିକାରୀ ଦୁଲ୍ଲଭ ପଧାନ, ପ୍ରଦୀପ ମହାନନ୍ଦ ଏଡି ଅବସରରେ ଉପସ୍ଥିତ ଥିଲେ।

# ଫସଲବୀମା ଦାବିରେ ଆନ୍ଦୋଳନକୁ ଓହ୍ଲାଇବ ବିଜେଡି



ଖବରଦାତା ସମ୍ମିଳନୀରେ ଉପସ୍ଥିତ ବିଜେଡି ନେତ୍ରୀ।

ବରଗଡ଼ ଅଫିସ୍, ୩୦।୧୦

ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ବାଟବଣା ହୋଇପଡିଛି। ଏପର୍ଯ୍ୟନ୍ତ ରାଜ୍ୟର ଅନେକ ଚାଷୀ ୨୦୨୧-୨୨ ଖରିଫ ଫସଲକ୍ଷତିର ବୀମା କ୍ଷତିପୂରଣ ରାଶି ପାଇ ନାହାନ୍ତି। କେବଳ ପଶ୍ଚିମ ଓଡ଼ିଶାର କ୍ଷତିଗ୍ରସ୍ତ ଚାଷୀମାନଙ୍କ ୫୦୦କୋଟିରୁ ଉର୍ଦ୍ଧ୍ୱ କ୍ଷତିପୂରଣ ରାଶି ବୀମା କମ୍ପାନୀ ପାଖରେ ବକେୟା ପଡିଛି। ଏଭଳି ଭାବେ ବୀମା କମ୍ପାନୀମାନେ ଚାଷୀଙ୍କୁ ଶୋଷଣ କଲାବେଳେ କେନ୍ଦ୍ର ସରକାର ନିରବଦ୍ରଷ୍ଟା ସାଜିବା ଦୁର୍ଭାଗ୍ୟଜନକ ବୋଲି ରବିବାର ବରଗଡ଼ରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ରାଜ୍ୟ ମହିଳା ବିଜେଡି ସଭାନେତ୍ରୀ ତଥା ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି। ଅନ୍ୟପଟେ ସେ ରାଜ୍ୟ ସରକାରଙ୍କ ବିଭିନ୍ନ କୃଷକ କଲ୍ୟାଣକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ। ସେହିପରି ରାଜ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର କହିଥିଲେ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା କେନ୍ଦ୍ର ସରକାରଙ୍କ ଯୋଜନା। ଚାଷୀମାନେ ଏହି ଯୋଜନାରେ ବୀମା ସହାୟତା ପାଇବାରୁ ବଞ୍ଚିତ ହେଉଥିବାବେଳେ କେନ୍ଦ୍ର ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ନେଇ କେନ୍ଦ୍ର କୃଷିମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ ଏବଂ ତୁରନ୍ତ ଚାଷୀଙ୍କୁ ସେମାନଙ୍କ ପ୍ରାପ୍ୟ ଫସଲ ବୀମା ରାଶି ପ୍ରଦାନ କରିବାକୁ ଅନୁରୋଧ କରିଥିଲେ। ତଥାପି କିଛି ସୁଫଳ ମିଳି ନ ପାରିବା ପରିତାପର ବିଷୟ। ଚାଷୀଙ୍କ ପ୍ରତି କେନ୍ଦ୍ର ସରକାରଙ୍କ ଏଭଳି ଅବହେଳାକୁ ବରଦାସ୍ତ କରାଯିବନାହିଁ ଏବଂ ଚାଷୀଙ୍କ ହକ ପାଇଁ ବିଜେଡି ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ କହିଥିଲେ। ଏହିକ୍ରମରେ ସୋମବାର ବିଜେଡି ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାର ଜିଲାପାଳଙ୍କ କାର୍ଯ୍ୟାଳୟ, ସମ୍ବଲପୁର ଆରଡିସି କାର୍ଯ୍ୟାଳୟ, ଭୁବନେଶ୍ୱରର ରାଜଭବନ ଏବଂ ବୀମା କମ୍ପାନୀ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏହାସହିତ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଥିଲା।

# ଚାକିରି ସ୍ଥାୟୀ ନ କଲେ ଆନ୍ଦୋଳନ



ମିଳିତ ସଭାରେ ମଞ୍ଚାସୀନ କର୍ମକର୍ତ୍ତାବୃନ୍ଦ ।

**ଆଉଟସୋର୍ସିଂ କର୍ମଚାରୀଙ୍କ ସମାବେଶ**

ସୋନପୁର,୩୦।୧୦(ନି.ପ୍ର.)

ସୁବର୍ଣ୍ଣପୁର ଜିଲାର ବିଭିନ୍ନ ବିଭାଗରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀଙ୍କ ସମାବେଶ ଘୋଡାଘାଟପଡାସ୍ଥିତ ଶିତଳୟା କଲ୍ୟାଣ ମଣ୍ଡପରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଯୋଗାଣ, ଶ୍ରମ, ଶିକ୍ଷା, ସାମାଜିକ ସୁରକ୍ଷା, ସମବାୟ, ଶିକ୍ଷା, ସ୍ୱାସ୍ଥ୍ୟ ଓ ରାଜସ୍ୱ ଭଳି ମୋଟ ୧୮ଟି ସରକାରୀ ବିଭାଗରେ କାର୍ଯ୍ୟରତ ୩୬୨ ଜଣ ଆଉଟସୋର୍ସିଂ କର୍ମଚାରୀ ଏହି ମିଳିତ ସମାବେଶରେ ଯୋଗଦାନ କରିଥିଲେ। ଏହି ସଭାରେ ନରହରି ମହାପାତ୍ର ସଭାପତିତ୍ୱ କରିଥିଲେ। ଦୀର୍ଘବର୍ଷ ଧରି କାର୍ଯ୍ୟ କରି ଆସୁଥିବା ଆଉଟସୋର୍ସିଂ କର୍ମଚାରୀଙ୍କୁ ରାଜ୍ୟ ସରକାର ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା ପାଇଁ ଦାବି ଉପସ୍ଥାପନ କରାଯାଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଦାବି ପୂରଣ କରିବେ ବୋଲି ସଂଘ ଆଶା ରଖିଛି। ତେବେ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଜିଲା ଓ ରାଜ୍ୟସ୍ତରରେ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି ସର୍ବ ସମ୍ମତ ନିଷ୍ପତ୍ତି ନିଆଯାଇଛି। କର୍ମଚାରୀ ସଂଘ ଉପସଭାପତି ରବିନାରାୟଣ ତଣ୍ଡାକାର, ସମ୍ପାଦକ ବିକାଶ ସାହୁ ଓ କୋଷାଧ୍ୟକ୍ଷ ପ୍ରଭାସିନୀ ସାହାଣୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ରାମ ମେହେର, ତ୍ରିଲୋଚନ ବାରିକ, ରାକେଶ ମିଶ୍ର ଓ ଲୋକନାଥ ସୁରଦଳ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ଚେତାବନୀ ସମାବେଶରେ ୧୦ ହଜାର ଚାଷୀ ଏକାଠି ହେବେ

ପଦ୍ମପୁର,୩୦।୧୦(ଡି.ଏନ.ଏ.)

ବୀମା ଓ ଇନ୍‌ପୁଟ୍ ପ୍ରାପ୍ୟ ଦାବି ନେଇ ନଭେମ୍ବର ୧ ତାରିଖରେ ରାଜବୋଡାସମ୍ବର କୃଷକ ସଙ୍ଗଠନ ସମେତ ଅନ୍ୟ କୃଷକ ସଙ୍ଗଠନ ବରଗଡ଼ ଜିଲା ପଦ୍ମପୁର ଗୋରୁ ବଜାରଠାରେ ଚେତାବନୀ ସମାବେଶ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ସମାବେଶରେ ୧୦ ହଜାର ଚାଷୀଙ୍କ ଯୋଗଦାନ କରିବାକୁ ପ୍ରତ୍ୟେକ ଗ୍ରାମରେ ବୈଠକ କରାଯାଉଛି। ଚାଷୀ ପ୍ରତିନିଧିମାନେ ମୁଠି ଭିକ୍ଷା କରୁଛନ୍ତି। ଉପନିର୍ବାଚନ ପୂର୍ବରୁ ବୀମା ଟଙ୍କା ଓ ଇନ୍‌ପୁଟ୍ ନ ମିଳିଲେ ଉପଖଣ୍ଡର ଚାଷୀ ଉପନିର୍ବାଚନ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ବନ୍ଦ କରିଦେବେ ବୋଲି ରାଜବୋଡାସମ୍ବର କୃଷକ ସଙ୍ଗଠନର କାର୍ଯ୍ୟକର୍ତ୍ତା ଆବାହକ ଅଶୋକ ସାହୁ,ରମେଶ ମହାପାତ୍ର ଓ ଆଇନ ପରାମର୍ଶଦାତା ଅଜିତ ଶତପଥି ଦୃଢୋକ୍ତି ପ୍ରକାଶ କରିଛନ୍ତି।

# ଗ୍ରାମୋଦ୍ୟୋଗୀଙ୍କ ବୈଠକ

ଅମରପାଲି,୩୦।୧୦(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ହରିହର ଯୋର ଠେଙ୍ଗୋ ଡ୍ୟାମ ନିକଟସ୍ଥ ସାପ୍ତାହିକ ବଜାର ପ୍ରାଙ୍ଗଣରେ ବୀରମହାରାଜପୁର ବ୍ଲକର ସମସ୍ତ ପଞ୍ଚାୟତର ସିଏସସି ଗ୍ରାମ୍ୟସ୍ତରୀୟ ଉଦ୍ୟୋଗୀମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅକ୍ରୁର ନାଏକଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ସିଏସସି ଇ-ଗଭରନେନ୍ସ ଇଣ୍ଡିଆର ରାଜ୍ୟ ସଂଯୋଜକ ଦେବାୟୁଧ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ କୁଇଜ କାର୍ଯ୍ୟକ୍ରମରେ ଫିରୋଜ ପଧାନ, ମନୋଜ ସାହୁ, ପ୍ରକାଶ ପଧାନ, ଅକ୍ରୁର ନାଏକ, ଅନନ୍ତ ପଣ୍ଡାଙ୍କୁ ପୁରସ୍କୃତ କରାଯାଇଥିଲା। ଦିଲ୍ଲୀପ ସାହୁ, ବୀରେନ୍ଦ୍ର ଖେତି, ସରୋଜ ପ୍ରଧାନ, ଦିଲ୍ଲୀପ ପଧାନ, ଆକାଶ ଦାସ, ବିବେକାନନ୍ଦ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପଞ୍ଚାନନ ଡ଼ାଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ।



ଠେଙ୍ଗୋ ଡ୍ୟାମରେ ଉପସ୍ଥିତ ଗ୍ରାମୋଦ୍ୟୋଗୀ ସଦସ୍ୟ।

# ଆନ୍ତଃ କଲେଜ ଫୁଟବଲ: କୁଚିଣ୍ଡା ବିଜୟୀ

ବରଗଡ଼ ଅଫିସ୍,୩୦।୧୦

ବରଗଡ଼ ପଞ୍ଚାୟତ କଲେଜରେ ରବିବାର ଆନ୍ତଃ କଲେଜ ଫୁଟବଲ ପ୍ରତିଯୋଗିତା ରବିବାର ଉଦ୍‌ଘାଟିତ ହୋଇଛି। କଲେଜ ଅଧ୍ୟକ୍ଷ ପତିତପାବନ ସାହୁ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୨୪ଟି ଫୁଟବଲ ଦଳ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରଥମ ମ୍ୟାଚ୍ କୁଚିଣ୍ଡା ଏବଂ ଗୋଡ଼ଭଗା କଲେଜ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କୁଚିଣ୍ଡା ୧-୦ ଗୋଲରେ ବିଜୟୀ ହୋଇଥିଲା। କଲେଜର କ୍ରୀଡ଼ା ଅଧିକାରୀ ସଚ୍ଚିଦାନନ୍ଦ ପଣ୍ଡା, ତନ୍ମୟ କୁମାର ପାତ୍ର, ଶୁଭମ ପାତ୍ର, ପୂର୍ଣ୍ଣଚନ୍ଦ୍ର ଭୋଇ, ବଷ୍ଟି ପ୍ରଧାନ, ଅଶ୍ୱିନୀ ମେହେର, ଦିପେଶ ପ୍ରଧାନ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଅଧ୍ୟାପିକା ରାଜଶ୍ରୀ ଭଞ୍ଜ, ଅଧ୍ୟାପକ ମାନଭଞ୍ଜନ ପାଣିଗ୍ରାହୀ ଧାରା ବିବରଣୀ ପ୍ରଦାନ କରିଥିଲେ।


ଅତିଥିଙ୍କ ଗହଣରେ ଖେଳାଳିବୃନ୍ଦ ।

# 'ପୁରୁଣା ପତର'ର ସମୀକ୍ଷା ଆସର

ସୋନପୁର,୩୦।୧୦(ନି. ପ୍ର )

ସୁବର୍ଣ୍ଣପୁରର ସାଂସ୍କୃତିକ ଓ ସାମାଜିକ ଇତିହାସ ସମ୍ବଳିତ ତଥ୍ୟନିଷ୍ଠ ଗ୍ରନ୍ଥ ପୁରୁଣା ପତର ଲୋକାର୍ପଣର ବର୍ଷ ପୂର୍ତ୍ତି ଅବସରରେ ଏକ ସମୀକ୍ଷା ଆସର ହୋଟେଲ ପ୍ରୋଗ୍ରେସଇନ ସଭାଗୃହରେ ରବିବାର ଆୟୋଜିତ ହୋଇଯାଇଛି। ସାହିତ୍ୟିକ ଗୋରେଖନାଥ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସାରସ୍ୱତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ଯୋଗ ଦେଇଥିଲେ। ବିଶିଷ୍ଟ ଐତିହାସିକ ତଥା ସୋନପୁର ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ଡକ୍ଟର ସନ୍ତୋଷ କୁମାର ପାଢୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ପଣ୍ଡା, ସାହିତ୍ୟ ସଂସ୍କୃତି ଗବେଷକ ସୁଦାମ ନାଏକ ଓ ଅଧ୍ୟାପିକା ମୀନା ମହାରଣା ଯୋଗଦେଇ ଉକ୍ତ ଗ୍ରନ୍ଥର ବିଭିନ୍ନ ଆତ୍ମିକ ତଥା ଆଙ୍ଗିକ ବିଭବ ସମ୍ପର୍କିତ ବିଶଦ ସମୀକ୍ଷା ଉପସ୍ଥାପନ କରିଥିଲେ। ଏହିପରି ଗ୍ରନ୍ଥ ପ୍ରଣୟନ ଦ୍ୱାରା ଗ୍ରନ୍ଥର ସଂଗ୍ରାହକ ଯୋଗୀନ୍ଦ୍ର ପ୍ରସାଦ ପଣ୍ଡାଙ୍କ ଅଭିନବ ଉଦ୍ୟମ ସାହିତ୍ୟ ସଂସ୍କୃତିର ଜାଗରଣ ପାଇଁ ଏକ ପ୍ରେରଣା ବୋଲି ବକ୍ତା ଓ ଅତିଥିମାନେ ମତପ୍ରକାଶ କରିଥିଲେ। ବେଣୁଧର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପୁସ୍ତକ ପ୍ରଣେତା ଓ ପାଠକମାନେ ଉପସ୍ଥିତ ରହି ନିଜର ମତ ରଖିଥିଲେ।



ସମୀକ୍ଷା ଆସର କାର୍ଯ୍ୟକ୍ରମରେ ଅତିଥି ଓ ସମୀକ୍ଷକ।

## ସଂକ୍ଷେପରେ

### ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ ଅଭିଯୋଗ, ଶିକ୍ଷକ କୋର୍ଟଚାଲାଣ

**ଲାଞ୍ଜିଗଡ,୩୦।୧୦(ଡି.ଏନ.ଏ.):** ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଚାଲିଥିବାବେଳେ ଜଣେ ଶିକ୍ଷୟିତ୍ରୀଙ୍କୁ ଶିକ୍ଷକ ଅସଦାଚରଣ କରିଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ ପୀଡିତା ଶିକ୍ଷୟିତ୍ରୀ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ସମ୍ପୃକ୍ତ ଶିକ୍ଷକଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଏପରି ଏକ ଲଜ୍ଜାଜନକ ଘଟଣା ଘଟିଛି କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁର ଅଞ୍ଚଳରେ। ପୋଲିସ ସୂଚନାନୁଯାୟୀ, ଶୁକ୍ରବାର ବିଶ୍ୱନାଥପୁରସ୍ଥିତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବ୍ଲକର ୧୩ଟି କ୍ଲଷ୍ଟରର କୃତୀ ଛାତ୍ରୀଛାତ୍ରଙ୍କୁ ନେଇ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା। ଏଥିରେ ବିଭିନ୍ନ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀମାନେ ମଧ ସାମିଲ ହୋଇଥିଲେ। ଅପରାହ୍ଣରେ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ଚାଲିଥିବାବେଳେ ଜଣେ ଶିକ୍ଷୟିତ୍ରୀଙ୍କୁ ଶିକ୍ଷକ ହେମସାଗର ପ୍ରଧାନୀ ଅସଦାଚରଣ କରିବା ସହ ଜାତିଆଣ ଆକ୍ଷେପ କରିଥିଲେ। ଏ ନେଇ ସମ୍ପୃକ୍ତ ଶିକ୍ଷୟିତ୍ରୀ ବିଶ୍ୱନାଥପୁର ଥାନାରେ ଶନିବାର ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ଶିକ୍ଷକଙ୍କୁ ଅଟକ ରଖିଥିଲା। ଥାନାରେ କେସ ନଂ ୭୪/୨୦୨୨ ଆଇପିସି ୩୫୪, ୩୫୪ଡି, ୫୦୯, ଏଟ୍ରୋସିଟି ଆଇନ-୨୦୧୫ ଅନୁଯାୟୀ ମାମଲା ରୁଜୁ କରି ରବିବାର ଶିକ୍ଷକଙ୍କୁ କୋର୍ଟଚାଲାଣ କରିଛି।

### ୧୧ ଜୋନରେ ନିର୍ଦ୍ଦେଶକ ପଦବୀ ହାତେଇଲେ ବିଜେଡି ସମର୍ଥିତ ପ୍ରାର୍ଥୀ

**ସରିଲା ବୌଦ୍ଧ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପଦ ପାଇଁ ନିର୍ବାଚନ**

**ବୌଦ୍ଧ,୩୦।୧୦(ସ୍ୱ.ପ୍ର.):** ବୌଦ୍ଧ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ପଦବୀ ପାଇଁ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ପରିସରରେ ରବିବାର ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ବୌଦ୍ଧ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ବୌଦ୍ଧ ଓ କନ୍ଧମାଳ ଜିଲାରେ ୧୫ଟି ଜୋନ ରହିଛି । ପ୍ରତି ଜୋନ ପାଇଁ ଗୋଟିଏ ଲେଖାଁଏ ବ୍ୟାଙ୍କ ନିର୍ଦ୍ଦେଶକ ପଦ ରହିଛି । ଏଥର ୧୫ଟି ଜୋନ ପାଇଁ ବିଜେଡି ସମର୍ଥିତ ବ୍ୟାଙ୍କ ନିର୍ଦ୍ଦେଶକ ପ୍ରାର୍ଥୀ ଦିଆଯାଇଥିଲା। ୧୫ ଜୋନ ପାଇଁ ୪୫ ଜଣ ପ୍ରାର୍ଥୀ ଓ ପ୍ରାର୍ଥିନୀ ନାମାଙ୍କନ ପତ୍ର ଦାଖଲ କରିଥିଲେ । ସେଥିମଧ୍ୟରୁ ୧୮ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ପ୍ରତ୍ୟାହାର କରିନେଇଥିଲେ। ଫଳରେ ବିଜେଡି ସମର୍ଥତ ପ୍ରାର୍ଥୀ ୧୧ ନମ୍ବର ଜୋନର ଲିନା ମହାପାତ୍ର,୧୨ ନମ୍ବର ଜୋନର ସୁବୋଧ କୁମାର ପ୍ରଧାନ, ୩ ନମ୍ବର ଜୋନର ପ୍ରମୋଦ ରଣା ଓ ୭ ନମ୍ବର ଜୋନର ଡୁଗୁଣୀ ଦିଗାଲ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ । ୪ ଜଣ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ପରେ ୧୧ଟି ଜୋନ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହି ୧୧ ଗୋଟି ଜୋନ ପାଇଁ ୨୩ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଥିଲେ । ଏହି ନିର୍ବାଚନ ପାଇଁ ସକାଳ ୭ ଟା ଠାରୁ ଅପରହ୍ନ ୪ ଟା ପର୍ଯ୍ୟନ୍ତ ମତଦାନ ଗ୍ରହଣ କରାଯାଇଥିଲା । ଏହି ମତଦାନରେ ବିଜେଡିର ୧୧ ଗୋଟି ଜୋନର ସର୍ମଥିତ ପ୍ରାର୍ଥ ବିଜୟୀ ହୋଇଥିବା ଜଣାପଡିଛି । ନିର୍ବାଚନରେ ୧ ନମ୍ବର ଜୋନର ପ୍ରାର୍ଥୀ ଅଶ୍ୱନୀ କୁମାର ପ୍ରଧାନ, ୨ ନମ୍ବର ଜୋନର ଲିଙ୍ଗରାଜ ଜଗଦଲା ,୪ ନମ୍ବର ଜୋନ ପାଇଁ ଅରୁଣ କୁମାର ପ୍ରଧାନ.୫ ନମ୍ବର ଜୋନ ପାଇଁ ଫିଲିମିନା ପ୍ରଧାନ, ୬ ନମ୍ବର ଜୋନର ଦିଲିପ କୁମାର ମେହେର ,୮ ନମ୍ବର ଜୋନର ସଙ୍ଗୀତା ନାଏକ , ୯ ନମ୍ବର ଜୋନର ସଚିନ୍ଦ୍ର ପ୍ରଧାନ, ୧୦ ନମ୍ବର ଜୋନର ବୃଷଭ କହଁର , ୧୩ ନମ୍ବର ଜୋନର ରାଜେନ୍ଦ୍ର କୁମାର ମେହେର ,୧୪ ନମ୍ବର ଜୋନର କିଶୋର କୁମାର ମେହେର ଓ ୧୫ ନମ୍ବର ଜୋନର ଧନେଶ୍ୱରୀ ମେହେର ନିର୍ବାଚିତ ହୋଇଛନ୍ତି । ଏହି ବ୍ୟାଙ୍କ ନିର୍ଦ୍ଦେଶକ ପଦବୀ ହାତେଇବା ପାଇଁ ବିଜେଡିର ମନ୍ତ୍ରୀ ପ୍ରଦୀପ କୁମାର ଅମାତ, କଣ୍ଟାମାଳ ବିଧାୟକ ମହୀଧର ରଣା , ବୌଦ୍ଧ ଜିଲା ବିଜେଡି ପର୍ଯ୍ୟବେକ୍ଷେକ ସୌଭାଗ୍ୟ ନାଏକ , କନ୍ଧମାଳ ଜିଲା ବିଜେଡି ପର୍ଯ୍ୟବେକ୍ଷକ ବିଜୟ ନାଏକ ଓ ଫୁଲବାଣୀ, ବାଲିଗୁଡା ଓ ଉଦୟଗିରି ବିଧାୟକ ପ୍ରମୁଖ ପ୍ରାର୍ଥୀଙ୍କୁ ଜିତାଇବାରେ ଲାଗି ପଡିଥିଲେ । ଅଗାମୀ ଦିନରେ ବ୍ୟାଙ୍କ ସଭାପତି ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ ।

# ସମାଜ ପାଇଁ ସାହିତ୍ୟ ସୃଷ୍ଟି ସଂସ୍କୃତି ତିଆରି ହେଉ

**ସାହିତ୍ୟରେ ସାଂସ୍କୃତିକ ଅସ୍ମିତା ଶୀର୍ଷକ ଆଲୋଚନାଚକ୍ର**

ବଲାଙ୍ଗୀର ଅଫିସ, ୩୦।୧୦

ବାଲ୍ମିକୀ ଓ ବ୍ୟାସ ବ୍ୟକ୍ତିକେନ୍ଦ୍ରିକ ଭାବ ପ୍ରକାଶ କରୁ ନ ଥିଲେ। ସେମାନେ ବାସ୍ତବିକ ସଂସ୍କୃତି ନିର୍ମାଣ ପାଇଁ ରଚନା କରୁଥିଲେ। ବାଲ୍ମିକୀ ଓ ବ୍ୟାସ ନିଜ ରଚନା ସମ୍ପର୍କରେ ନିଜେ ପ୍ରଚାର କଲେନାହିଁ। ଅନ୍ୟ ଜରିଆରେ ଏହା ପ୍ରଚାର କରାଗଲା। ଏଭଳିକି ସେମାନେ ନିଜେ ନିଜର ନାମ ଲେଖିଲେ ନାହିଁ। ଆଜି ସେଭଳି ବୈଶିକ କେନ୍ଦ୍ରିକତା କମିଯାଉଛି। ଆତ୍ମ କେନ୍ଦ୍ରିକତା ବଢ଼ିଛି। ସାହିତ୍ୟ ନିଜ ପାଇଁ ସୃଷ୍ଟି କରାଯାଏ ନାହିଁ, ଅନ୍ୟ ପାଇଁ କରାଯାଏ। ସମାଜ ପାଇଁ ସାହିତ୍ୟ ସୃଷ୍ଟିର ସଂସ୍କୃତି ତିଆରି ହୋଇପାରିଲେ ଏହା ମଙ୍ଗଳକର ହେବ। କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ରଚନା ପକ୍ଷରୁ ରବିବାର ଅନୁଷ୍ଠିତ ଆଲୋଚନାଚକ୍ରରେ ପ୍ରଫେସର ମଧୁସୂଦନ ପତି ଏହା କହିଛନ୍ତି।

ସ୍ଥାନୀୟ ହୋଟେଲ ସରୋଜିନୀ ରେସିଡେନ୍ସିଠାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡିଆ ଉପଦେଷ୍ଟା ମଣ୍ଡଳୀ ଆବାହକ ବିଜୟାନନ୍ଦ ସିଂଙ୍କ ସଭାପତିତ୍ୱରେ 'ସାହିତ୍ୟରେ ସାଂସ୍କୃତିକ ଅସ୍ମିତା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଫେସର ପତି ଆଲୋଚକଭାବେ ବକ୍ତବ୍ୟ ରଖିଥିଲେ। ସଭା ପ୍ରାରମ୍ଭରେ ଏକାଡେମୀ ଆଞ୍ଚଳିକ ସଚିବ ଦେବେନ୍ଦ୍ର କୁମାର ଦେବେଶ ସ୍ୱାଗତ ବକ୍ତବ୍ୟ ଦେଇଥିଲେ। ସଭାରେ କବି ଭାଗିରଥି ମିଶ୍ର ରଚନା ପକ୍ଷରୁ ନିଆଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ରଚନା ସଭାପତି ସନାତନ ଠାକୁର ଧନ୍ୟବାଦ ଦେଇଥିଲେ। ଏହାପରେ ପ୍ରଥମ ଓ ଦ୍ୱିତୀୟ ଅଧିବେଶନ ପ୍ରବନ୍ଧ ପାଠରେ ସାହିତ୍ୟିକ ଦେବାଶିଷ ପାଣ୍ଡିଆ, କ୍ଷେତ୍ରବାସୀ ନାଏକ, ଡ. ସଞ୍ଜୟ କୁମାର ମିଶ୍ର, ଗାଳ୍ପିକା ଗାୟତ୍ରୀ ସରାଫ, ଡ କେଶରଞ୍ଜନ ପ୍ରଧାନ, କୌତୁକ ପନ୍ଦର ଓ ପ୍ରଦୀପ କୁମାର ପଣ୍ଡା ପ୍ରବନ୍ଧ ପାଠ କରିଥିଲେ।

ଅପରାହ୍ଣରେ ମୋ ଦୃଷ୍ଟିରେ କାର୍ଯ୍ୟକ୍ରମରେ କବି ଭାଗିରଥି ମିଶ୍ର ପଦ୍ମଶ୍ରୀ ବିଦ୍ୟାବାଚସ୍ପତି ଡ ଶ୍ରୀନିବାସ ଉଦ୍‌ଗାତାଙ୍କ ଜୀବନୀ ଓ କୃତୀ ଉପରେ ଆଲୋଚନା କରିଥିଲେ। ସନ୍ଧ୍ୟାରେ କବିସନ୍ଧି କାର୍ଯ୍ୟକ୍ରମରେ କବି ପ୍ରହଲ୍ଲାଦ ଶତପଥୀ ତାଙ୍କ କବିତା ଓ କାବ୍ୟଯାତ୍ରା ଉପରେ କହିଥିଲେ। କାର୍ଯ୍ୟକ୍ରମରେ ଡ ଜଗନ୍ନାଥ ସାହୁ, ମୃଗେଶ ବୈଷ୍ଣବ ପାଣିଗ୍ରାହୀ, ଯୁଜେଷ୍ଟି ମେହେର, ରତ୍ନମୟ ତ୍ରିପାଠୀ, ରାଜୀବ ଲୋଚନା ଆଚାର୍ଯ୍ୟ, ରାଜେଶ ଝାଙ୍କର ସହଯୋଗ କରିଥିଲେ। ଶେଷରେ ଡ ସୁଶୀଳ କୁମାର ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସାହିତ୍ୟିକ, ଲେଖକ ଓ ସାହିତ୍ୟପ୍ରେମୀ ଯୋଗଦାନ କରିଥିଲେ।



କେନ୍ଦ୍ର ସାହିତ୍ୟ ଏକାଡେମୀର ସାରସ୍ୱତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଆଲୋଚକ ଓ ଆୟୋଜକ।

# ୧୫ ଜୋନ୍‌ର ନିର୍ଦ୍ଦେଶକ ଚୟନ ହେଲା

- **ସମବାୟ ନିର୍ଦ୍ଦେଶକ ନିର୍ବାଚନ ସରିଲା**
- **ଧର୍ମଗୁଳାରେ ହାରିଗଲେ ଅଶୋକ ଦୋରା**

ବଲାଙ୍ଗୀର ଅଫିସ, ୩୦।୧୦

ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ୧୫ଟି ନିର୍ଦ୍ଦେଶକ ପଦବୀ ପାଇଁ ରବିବାର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେଡି ସମର୍ଥିତ ପ୍ରାର୍ଥୀମାନେ ୧୩ଟି ଜୋନ୍‌ରେ ବିଜୟୀ ହୋଇଥିବାବେଳେ କଂଗ୍ରେସ ୨ଟି ଜୋନ୍ ଦଖଲ କରିବାରେ ସଫଳ ହୋଇଥିବା କୁହାଯାଉଛି। ସବୁଠୁ ବେଶୀ ରୋମାଞ୍ଚକର ହୋଇଛି ୭ ନମ୍ବର ଜୋନ ନିର୍ବାଚନ। ଏଠାରେ ଦୁଇ ପ୍ରାର୍ଥୀଙ୍କ ମଧ୍ୟରେ ସମାନ ଭୋଟ ହେବା ଫଳରେ ଧର୍ମଗୁଳାର ସାହାଯ୍ୟରେ ଫଳାଫଳ ନିର୍ଣ୍ଣୟ କରାଯାଇଛି। ଧର୍ମଗୁଳାରେ ପ୍ରାର୍ଥୀ ଅଶୋକ ଦୋରାଙ୍କୁ ହରାଇ ଯୋଗୀନ୍ଦ୍ର ମିର୍ଦ୍ଧା ବିଜୟୀ ହୋଇଥିବା ଜଣାପଡିଛି।

ମିଳିଥିବା ସୂଚନା ମୁତାବକ ୧ ନମ୍ବର ଜୋନରେ ରାଜ କିଶୋର ଡାଙ୍ଗ, ୨ରେ ଦମୟନ୍ତୀ ସୁଆର, ୩ରେ ନିହାର ରଞ୍ଜନ ସ୍ୱାଇଁ, ୪ରେ ଚତୁର୍ମୁଖ ମେହେର, ୫ରେ ସ୍ମାରକ ରଞ୍ଜନ ମିଶ୍ର, ୬ରେ ସୁଶୀଲ କୁମାର ଚାନ୍ଦ, ୭ରେ ଯୋଗୀନ୍ଦ୍ର ମିର୍ଦ୍ଧା, ୮ରେ କୃତିବାସ ବାଗ, ୯ରେ ଚିନ୍ତାମଣି ଭୋଇ, ୧୦ରେ ଅକ୍ଷୟ କୁମାର ରାଉତ୍, ୧୧ରେ ପଦ୍ମାବତୀ ପାତ୍ର, ୧୨ରେ କୁଶଳେଶ୍ୱର ମେହେର, ୧୩ରେ ଦିପ୍ତିମୟୀ ସାହୁ, ୧୪ରେ ବନମାଳୀ ମେହେର ଏବଂ ୧୫ରେ ଲକ୍ଷ୍ମଣ ମେହେର ବିଜୟୀ ହୋଇଥିବା ଜଣାପଡିଛି। ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପଦବୀ ପାଇଁ ୧୫ଟି ଜୋନରେ ମୋଟ ୪୫ ଜଣ ପ୍ରାର୍ଥୀ ରହିଥିଲେ। ଏହି ୧୫ଟି ଜୋନ୍‌ରେ ୪ ହଜାର ୯୧ ଭୋଟରଙ୍କ ମଧ୍ୟରୁ ୩ ହଜାର ୬୨୧ ଜଣ ମତଦାନ କରିଥିଲେ। ୮୮ ପ୍ରତିଶତ ମତଦାନ ହୋଇଥିଲା।୧୫ଟି ଜୋନରୁ ୧୩ଟି ଜୋନରେ ବିଜେଡ଼ି ସମର୍ଥିତ ପ୍ରାର୍ଥୀ ବିଜୟୀ ହୋଇଥିବା କୁହାଯାଉଛି। ଅନ୍ୟପଟେ ୨ଜଣ କଂଗ୍ରେସ ପ୍ରାର୍ଥୀ ବିଜୟୀ ହୋଇଥିବା କୁହାଯାଉଛି। ନିର୍ଦ୍ଦେଶକ ପଦବୀ ଫଳାଫଳ ପ୍ରକାଶ ପାଇବା ପରେ ଏବେ ବ୍ୟାଙ୍କ ସଭାପତି ପଦବୀ ଉପରେ ସମସ୍ତଙ୍କ ନଜର ରହିଛି।

# ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ଚାକିରି ଦାବି

**ଓଡିଶା ଆଉଟସୋର୍ସିଂ କର୍ମଚାରୀ ସଂଘର ବୈଠକ**

ବଲାଙ୍ଗୀର ଅଫିସ, ୩୦।୧୦

ସ୍ଥାନୀୟ କଦଳୀମୁଣ୍ଡା ନର୍ସରୀରେ ଜିଲା ଅସ୍ଥାୟୀ କର୍ମଚାରୀ ସଂଘ ପକ୍ଷରୁ ଏକ ଜିଲାସ୍ତରୀୟ ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲାର ୬ ଶହରୁ ଉର୍ଦ୍ଧ୍ୱ ଅସ୍ଥାୟୀ କର୍ମଚାରୀ ଯୋଗଦାନ କରି ସରକାର ସମସ୍ତ ଅସ୍ଥାୟୀ କର୍ମଚାରୀଙ୍କ ଚାକିରୀକୁ ତୁରନ୍ତ ସ୍ଥାୟୀ କରିବାକୁ ଦାବି କରିଥିଲେ। ବର୍ଷ ବର୍ଷ ଧରି ଏହି ଅସ୍ଥାୟୀ କର୍ମଚାରୀମାନେ ବାତ୍ୟା, ବନ୍ୟା ସମୟ ନିର୍ଘଣ୍ଟକୁ ଖାତିର ନକରି ସରକାରୀ କାମରେ ନିୟୋଜିତ ରହି ସେମାନଙ୍କ କର୍ତ୍ତବ୍ୟ ସମ୍ପାଦନ କରିଛନ୍ତି। ମାତ୍ର ସରକାର ସେମାନଙ୍କୁ ସ୍ୱଳ୍ପ ଦରମା ଦେଇ ଖଟାଉଛନ୍ତି। ସେମାନଙ୍କୁ ଓଲଟା ଶୋଷଣ କରାଯାଉଛି ବୋଲି କହିଥିଲେ। ଏହି ଅବସରରେ ସଂଘର କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିଲା। ରାଜେଶ ଝାଙ୍କର ସଭାପତି, ନିରୋଜ ମିଶ୍ର ଓ ପ୍ରମୋଦିନୀ ଭରାସାଗର ଯୁଗ୍ମ ଉପସଭାପତି, ଆର୍ତ୍ତତ୍ରାଣ ସାହୁ ସାଧାରଣ ସମ୍ପାଦକ, ସୁନୀଲ ମିଶ୍ର ସମ୍ପାଦକ, ସତ୍ୟାନନ୍ଦ ସେଠ୍ କୋଷାଧ୍ୟକ୍ଷ, ଚଞ୍ଚଳ ମିଶ୍ର ଡ୍ରାଫ୍ଟ ହେଡ୍ ଏବଂ ହେମନ୍ତ ପଣ୍ଡାଙ୍କୁ ଆଇନ ପରାମର୍ଶଦାତା ଭାବେ ମନୋନୀତ କରାଯାଇଥିଲା। ମନୋଜ ବେହେରା ଡକ୍ୟୁମେଣ୍ଟ ପାଠ କରିଥିଲେ। ଏହି ବୈଠକରେ ୨୫ଟି ବିଭାଗର ୬ ଶହରୁ ଉର୍ଦ୍ଧ୍ୱ ଅସ୍ଥାୟୀ କର୍ମଚାରୀ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ଆୟୋଜନରେ ବିପ୍ଳବ ପଟ୍ଟନାୟକ, ଆଶୁତୋଷ ବେହେରାମାଳି, ଶତ୍ରୁଘ୍ନ ବଗର୍ତ୍ତୀ ଓ ଅନ୍ୟମାନେ ବିଶେଷ ସହଯୋଗ କରିଥିଲେ। ସ୍ଥାୟୀ ଚାକିରି କରିବା ଦିଗରେ ରାଜ୍ୟ ସରକାରଙ୍କୁ ଦାବିପତ୍ର ଦିଆଯିବାକୁ ନିଷ୍ପତ୍ତି ହୋଇଥିଲା।

# ବିଶ୍ୱ ମିତବ୍ୟୟିତା ଦିବସରେ ସଞ୍ଚୟ ରଥର ଶୁଭାରମ୍ଭ

ଭବାନୀପାଟଣା,୩୦।୧୦(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ରବିବାର ବିଶ୍ୱ ମିତବ୍ୟୟିତା ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ସଞ୍ଚୟ ରଥର ଶୁଭାରମ୍ଭ କରିଥିଲେ। ଜିଲା ସଞ୍ଚୟ ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଅଧିକାରୀ ବିବେକାନନ୍ଦ ମହାନନ୍ଦଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ଡିଆଇପିଆର୍‌ଓ ମନୋଜ ବେହେରା, ବିଡିଓ ପ୍ରିତା କୁମାର, ଡିଏସଡବ୍ଲୁଓ ଜ୍ୟୋତ୍ସ୍ନା ରାଣୀ ପାତ୍ର, ସ୍ୱଳ୍ପ ସଞ୍ଚୟ ଏଜେଣ୍ଟ, ଅଙ୍ଗନୱାଡ଼ି କର୍ମୀ, ଏନସିସି ଓ ସ୍କାଉଟ ଛାତ୍ରୀ, ବରିଷ୍ଠ ନାଗରିକ ସଞ୍ଚୟ ରଥ ଶୋଭାଯାତ୍ରାରେ ଯାଇ ସଚେତନତା ପ୍ରଚାର କରିଥିଲେ। ଜିଲାପାଳ ନିଜ ଅର୍ଥର ମିତବ୍ୟୟୀ ବିନିଯୋଗ ଉପରେ ଗୁରୁତ୍ୱ ଦେଇ ସୀକୃତିପ୍ରାପ୍ତ ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନାରେ ସଞ୍ଚୟ କରି ନିଜର ଆର୍ଥିକ ସ୍ୱଚ୍ଛଳତା ଓ ସୁରକ୍ଷିତ ଭବିଷ୍ୟତକୁ ନିଶ୍ଚିତ କରିବାକୁ ଆହାନ କରିଥିଲେ। ଆମର କଷ୍ଟଉପାର୍ଜିତ ଧନକୁ କୌଣସି ଅଣସୀକୃତିପ୍ରାପ୍ତ ଅଣ ପଞ୍ଜୀକୃତ ଆର୍ଥିକ ଅନୁଷ୍ଠାନରେ ଅତ୍ୟଧିକ ସୁଧ ହାର ଓ ଦିଗୁଣିତ ରାଶିର ପ୍ରଲୋଭନରେ କଦାପି ଭରସା ନ କରିବା, ଚିଟଫଣ୍ଡରୁ ଦୂରେଇ ରହିବା ତଥା କେବଳ ରିଜର୍ଭ ବ୍ୟାଙ୍କ ଓ ସରକାର ଦ୍ୱାରା ସୀକୃତିପ୍ରାପ୍ତ, ଅଧିକୃତ ଓ ପଞ୍ଜୀକୃତ ଅନୁଷ୍ଠାନ ବା ସଂସ୍ଥାରେ ଅର୍ଥ ନିବେଶ କରିବାକୁ ଏହି ସଞ୍ଚୟ ରଥ ଦ୍ୱାରା ସମସ୍ତଙ୍କୁ ସଚେତନ କରାଯାଉଛି। ସଞ୍ଚୟ ରଥ ଭବାନୀପାଟଣା ସଦର ବ୍ଲକର ରିଶଗାଁ, ମାଲ ଗାଁ, କୁଟୁଖମାର୍ ପଞ୍ଚାୟତ ଅଭିମୁଖେ ଯାଇ ଡାକବାଜିଯନ୍ତ୍ର ଦ୍ୱାରା ସଚେତନ କରିଥିଲା। ସୋମବାର ଏହା ଜୁନାଗଡ ଏନଏସି ଓ ବ୍ଲକ ଅଞ୍ଚଳରେ ସଚେତନତା ଅଭିଯାନ କରିବ।


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଜିଲାପାଳ ଏବଂ ଅନ୍ୟମାନେ।

# ସମାଜର ଉନ୍ନତି ପାଇଁ ସମସ୍ତେ ଏକଜୁଟ ହୁଅ

- **ସମାଜ ପାଇଁ ଗୌରବ ଆଣିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ**
- **ପଣ୍ଡରାମାଳି ଯୁବ ବାହିନୀର ସମ୍ବର୍ଦ୍ଧନା ସଭା**

ଜୁନାଗଡ,୩୦।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହର ସାପ୍ତାହିକ ବଜାର ନିକଟରେ ରବିବାର ପଣ୍ଡରାମାଳି ଯୁବ ବାହିନୀ ପକ୍ଷରୁ ଏକ ଜିଲାସ୍ତରୀୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଜିଲା ଯୁବ ବାହିନୀ ସଭାପତି ଦୁର୍ଗା ପ୍ରସାଦ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜୁନାଗଡ ବ୍ଲକ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରାଜେନ୍ଦ୍ର ଭୋଇ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ବିଇଓ ପୁରୁଷୋତ୍ତମ ପାରି, ଯୁବ ବାହିନୀ ସାଧାରଣ ସମ୍ପାଦକ ଲୋକେଶ୍ୱର ପାରି, ସମ୍ମାନିତ ଅତିଥି ଭାବେ କାର୍ଯ୍ୟକାରୀ ସଭାପତି ତୁଳେଶ୍ୱର ନାଏକ, ଆଇନ ପରାମର୍ଶଦାତା କଲ୍ୟାଣୀ ନାଏକ, ପଣ୍ଡରାମାଳି ସେବା ସଂଘ ସଭାପତି ଈଶ୍ୱର ଚନ୍ଦ୍ର ପୂଝାରୀ, କୁଳପତି ପ୍ରକାଶ ଚନ୍ଦ୍ର ନାଏକ, ଇଂଲିଶ ଅଧ୍ୟାପକ ତ୍ରୈଲୋଚନ ବାଗ, ଜିଲା ଉପସଭାପତି ଶିବ ପ୍ରସାଦ ଭୋଇ, ବିଦ୍ୟାଧର ନାଏକ, ବୈକୁଣ୍ଠ ନାଏକ, ସମ୍ପାଦକ ଅଚ୍ୟୁତାନନ୍ଦ ନାଏକ, କୋଷାଧ୍ୟକ୍ଷ ମୀନକେତନ ନାଏକ, ଜୁନାଗଡ ଏନ୍‌ଏସି ଉପାଧ୍ୟକ୍ଷା ହିମାଦ୍ରୀ ନାଏକ, ବ୍ଲକ ସଭାପତି ସଞ୍ଜୀବ କୁମାର ବଣିଆ, ସଭାନେତ୍ରୀ ଦୁଶିଳା ମାଝି, ସମ୍ପାଦିକା ମିନତୀ ପୂଝାରୀ ପ୍ରମୁଖ ଯୋଗଦେଇଥିଲେ। ସମାଜର ଉନ୍ନତି ଦିଗରେ ସମସ୍ତେ ଏକଜୁଟ ହେବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। ସମାଜ ପାଇଁ ଗୌରବ ଆଣିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ନିଟ ପରୀକ୍ଷାରେ ସଫଳତା ପାଇଥିବା ନରେଶ ନାଏକ, ସାଶ୍ୱତ ନାଏକ ଓ ଶ୍ମୃତି ରଞ୍ଜନ ନାଏକ ମାଟ୍ରିକ ପରୀକ୍ଷା ୯୪ ଶତକଡାରୁ ଉଧିକ ମାର୍କ ରଖିଥିବା ସମାଜର ଉତ୍ପଳ ନାଏକ ଓ ଇଣ୍ଟର ମିଡିଏଟ୍ ଯୁକ୍ତ ୨ ପରୀକ୍ଷାରେ ୯୫ ଶତକଡାରୁ ଅଧିକ ମାର୍କ ରଖିଥିବା ସୁଶାନ୍ତ ନାଏକଙ୍କୁ ସମ୍ମାନିତ କରାଯାଇଥିଲା। ଏହାସହ ବିଭିନ୍ନ ରାଜନୈତିକ କ୍ଷେତ୍ରରେ ସଫଳତା ହୋଇଥିବା ବ୍ୟକ୍ତି ବିଶେଷଙ୍କୁ ମଧ ସମ୍ମାନିତ କରାଯାଇଥିଲା। ସଭାରେ ଯୁବ ବାହିନୀର ଖୁସିରାମ ଟୋଲଟିଆ ଓ ବେଣୁଧର ନାଏକ ମଞ୍ଚ ପରିଚାଳନା କରିଥିଲେ। ଯୁବ ବାହିନୀର ଉପଦେଷ୍ଟା ଧର୍ନୁଯ୍ୟୟ ମାଝି ଧନ୍ୟବାଦ ଦେଇଥିଲେ।



ପଣ୍ଡରାମାଳି ଜିଲା ଯୁବ ବାହିନୀ ସଭାପତି ଉଦ୍‌ବୋଧନ ଦେଉଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com


@ ବିଜୟିନୀ


@ ଅନ୍ତର୍ଯ୍ୟାମୀ


@ ରାକେଶ


@ ଦୀପକ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

ମଦନପୁର,୩୦।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମ.ରାମପୁର ବ୍ଲକରେ ରବିବାର ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ଲକର ମଦନପୁର ଗ୍ରାମରୁ ନର୍ଲା ବିଧାୟକ ଭୁପିନ୍ଦର ସିଂ, ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର କୁମାର ସିଂଦେଓ ଏବଂ ମ.ରାମପୁର ବ୍ଲକ ଅଧ୍ୟକ୍ଷ ମନ୍ଦାକିନୀ ସିଂଦେଓ ପଦଯାତ୍ରାରେ ଯୋଗଦେଇଥିଲେ। ପଦଯାତ୍ରା ସମୟରେ ମଦନପୁର, ଅଲାତରା ଓ ଗୋଛାଡେଙ୍ଗେନ ପଞ୍ଚାୟତରେ ସରକାରଙ୍କ ଜନହିତକର ଯୋଜନା ଉପରେ ଲୋକଙ୍କୁ ଅବଗତ କରିଥିଲେ। ବିଜେଡି ବ୍ଲକ ସଭାପତି ଗୋବିନ୍ଦ ସତପଥୀ, ମଦନପୁର ସରପଞ୍ଚ କେତକି ଦଣ୍ଡିଆ, ମ.ରାମପୁର (ଖ) ଜୋନ୍ ଜିଲା ପରିଷଦ ସଭ୍ୟା ମନ୍‌ଜୁଲତା ଧରୁଆ, ସାମାଜିକ କର୍ମୀ ବିକାଶ ରନ୍‌ଜନ ସିଂଦେଓ, ମଦନପୁର ସମବାୟ ସମିତି ସଭାପତି ହରି ମହାନନ୍ଦଙ୍କ ସମେତ ଶତାଧିକ ମହିଳା, ପୁରୁଷ, ଯୁବ ବିଜୁଜନତା ଦଳର ଶତାଧିକ କର୍ମୀ ସାମିଲ ହୋଇଥିଲେ।



## ସଂକ୍ଷେପରେ

### ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ ଅଭିଯୋଗ, ଶିକ୍ଷକ କୋର୍ଟଚାଲାଣ

**ଲାଞ୍ଜିଗଡ,୩୦।୧୦(ଡି.ଏନ.ଏ.):** ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଚାଲିଥିବାବେଳେ ଜଣେ ଶିକ୍ଷୟିତ୍ରୀଙ୍କୁ ଶିକ୍ଷକ ଅସଦାଚରଣ କରିଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ ପୀଡିତା ଶିକ୍ଷୟିତ୍ରୀ ଅଭିଯୋଗ ପରେ ପୋଲିସ ତଦନ୍ତ କରିବା ସହ ଶିକ୍ଷକଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଏପରି ଏକ ଲଜ୍ଜାଜନକ ଘଟଣା ଘଟିଛି କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁର ଅଞ୍ଚଳରେ। ପୋଲିସ ସୂଚନାନୁଯାୟୀ, ଶୁକ୍ରବାର ବିଶ୍ୱନାଥପୁରସ୍ଥିତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବ୍ଲକର ୧୩ଟି କ୍ଲଷ୍ଟରର କୃତୀ ଛାତ୍ରୀଛାତ୍ରଙ୍କୁ ନେଇ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା। ଏଥିରେ ବିଭିନ୍ନ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀମାନେ ମଧ ସାମିଲ ହୋଇଥିଲେ। ଅପରାହ୍ନରେ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ଚାଲିଥିବାବେଳେ ଜଣେ ଶିକ୍ଷୟିତ୍ରୀଙ୍କୁ ଶିକ୍ଷକ ହେମସାଗର ପ୍ରଧାନୀ ଅସଦାଚରଣ କରିବା ସହ ଜାତିଆଣ ଆକ୍ଷେପ କରିଥିଲେ। ଏ ନେଇ ସମ୍ପୃକ୍ତ ଶିକ୍ଷୟିତ୍ରୀ ବିଶ୍ୱନାଥପୁର ଥାନାରେ ଶନିବାର ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ଶିକ୍ଷକଙ୍କୁ ଅଟକ ରଖିଥିଲା। ଥାନାରେ କେସ ନଂ ୭୪/୨୦୨୨ ଆଇପିସି ୩୫୪, ୩୫୪ଡି, ୫୦୯, ଏଟ୍ରୋସିଟି ଆଇନ-୨୦୧୫ ଅନୁଯାୟୀ ମାମଲା ରୁଜୁ କରି ରବିବାର ଶିକ୍ଷକଙ୍କୁ କୋର୍ଟଚାଲାଣ କରିଛି।

### ସୁବର୍ଣ୍ଣଗିରି ସଂରକ୍ଷିତ ଜଙ୍ଗଲରେ ଗଞ୍ଜେଇ ଚାଷ ନଷ୍ଟ କଲା ବନବିଭାଗ

**ବଘିଆପଡା,୩୦।୧୦ (ଡି.ଏନ.ଏ.):** ବୌଦ୍ଧ ଜିଲା ଗଞ୍ଜେଇ ଚାଷ ଓ କାରବାରର ପେଣ୍ଠସ୍ଥଳ ପାଲଟିଛି। ପ୍ରତିବର୍ଷ ପୋଲିସ, ଅବକାରୀ ଓ ବନ ବିଭାଗ ପକ୍ଷରୁ ବେଆଇନ ଭାବେ ଗଞ୍ଜେଇ ଚାଷ ନଷ୍ଟ କରାଯାଉଥିଲେ ମଧ ଜିଲାରୁ ଏହା ଲୋପ ହୋଇପାରୁନାହିଁ। ରବିବାର ଦିନ ବୌଦ୍ଧ ବନବିଭାଗ ପକ୍ଷରୁ ବୌଦ୍ଧ ରେଞ୍ଜର ସୁବର୍ଣ୍ଣଗିରି ସଂରକ୍ଷିତ ଜଙ୍ଗଲର ଏକ ନମ୍ବର କମ୍ପାଟମେଣ୍ଟର ବିଭିନ୍ନ ସ୍ଥାନରେ ବେଆଇନ ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ଚଢାଉରେ ବୌଦ୍ଧ ରେଞ୍ଜର ନହାର ରଞ୍ଜନ ମଲିକ, କନ୍ଧମାଳ ରେଞ୍ଜର କ୍ଷୀରାବ୍ଧୀ ପ୍ରଧାନ, ଫରେଷ୍ଟର ଦେବକାନ୍ତ ବେହେରା, ସ୍ୱାଧୀନ ସାମଲ, ଏମପ୍ରସାଦ ରାଓ, ଅଭିମନ୍ୟୁ ମହାନ୍ତି, ମାଳତି ମାଝୀଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ।

### ମନ୍ତ୍ରୀଙ୍କୁ ଦାବିପତ୍ର ଦେଲେ ଅଞ୍ଚଳବାସୀ

**ବିଳାସପୁର ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରୂପାନ୍ତରିତ କରିବାକୁ ଦାବି**

**ବୌଦ୍ଧ,୩୦।୧୦(ସ୍ୱ.ପ୍ର.):** ବୌଦ୍ଧ ଜିଲାରେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ବ୍ୟାପକ ଭିତ୍ତିଭୂମି ନ ଥିବା ଯୋଗୁ ଗ୍ରାମାଞ୍ଚଳର ଗରିବ ଛାତ୍ରୀଛାତ୍ର ଉଚ୍ଚ ଶିକ୍ଷାଲାଭରୁ ବଞ୍ଚିତ ହେଉଥିବା ଦେଖିବାକୁ ମିଳିଛି। କିଛି ଦିନ ତଳେ ରାଜ୍ୟ ସରକାର ଜିଲାର ହରଭଙ୍ଗା ବ୍ଲକର ବୀରନରସିଂହପୁର ଉଚ୍ଚ ବିଦ୍ୟାଳୟ ଓ ବୌଦ୍ଧ ବ୍ଲକର ବ୍ରାହ୍ମଣପାଲି ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧମିକ ବିଦ୍ୟାଳୟରେ ରୂପାନ୍ତରିତ କରିଛନ୍ତି। କିନ୍ତୁ କନ୍ଧମାଳ ବ୍ଲକରେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଭିତ୍ତିଭୂମି ନ ଥିବାରୁ ରବିବାର ଦିନ ବିଳାସପୁର ଅଞ୍ଚଳର ସଚେତନତ ନାଗରିକ ବିଳାସପୁର ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧମିକ ବିଦ୍ୟାଳୟରେ ରୂପାନ୍ତରିତ କରିବାକୁ ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କ ନିକଟରେ ଦାବି କରିଛନ୍ତି। ଉକ୍ତ ଅଞ୍ଚଳର ଗରିବ ମୋଧାବୀ ଛାତ୍ରୀଛାତ୍ର ଦୂରକୁ ପାଠ ପଢିବାକୁ ଯାଇ ନ ପାରି ମାଟ୍ରିକ ପାଶ ପରେ ପଢାରେ ଡୋରି ବାନ୍ଧିବାକୁ ବାଧ ହେଉଛନ୍ତି। ଶେଷର ପଡୋଶୀ ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁକୁ ଦାଦାନ ଖଟିବାକୁ ଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏଣୁ ଏହି ଅଞ୍ଚଳର ଶିକ୍ଷାର ବିକାଶ ପାଇଁ ଉକ୍ତ ୫୮ ବର୍ଷର ପୁରାତନ ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧମିକ ବିଦ୍ୟାଳୟରେ ରୂପାନ୍ତରିତ କରିବାକୁ ଅଞ୍ଚଳବାସୀ ମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ କନ୍ଧମାଳ ବିଧାୟକ ମହୀଧର ରଣା, ସାମାଜିକ କର୍ମୀ ଲଳିତ କୁମାର ସାହୁ, ଜୟନ୍ତ ମହାକୁଡ, ସଞ୍ଜୀବ ମେଣ୍ଡିଲି, ଦଣ୍ଡଧର ରଣା , ନରେନ୍ଦ୍ର ମେଣ୍ଡିଲି, ହେମନ୍ତ ନାଏକଙ୍କ ସମେତ ବହୁ ଲୋକ ସାମିଲ ଥିଲେ।

# ସମାଜ ପାଇଁ ସାହିତ୍ୟ ସୃଷ୍ଟି ସଂସ୍କୃତି ତିଆରି ହେଉ

**ସାହିତ୍ୟରେ ସାଂସ୍କୃତିକ ଅସ୍ମିତା ଶୀର୍ଷକ ଆଲୋଚନାଚକ୍ର**

**ବଲାଙ୍ଗୀର ଅଫିସ, ୩୦।୧୦**

ବାଲ୍ମିକୀ ଓ ବ୍ୟାସ ବ୍ୟକ୍ତିକେନ୍ଦ୍ରିକ ଭାବ ପ୍ରକାଶ କରୁ ନ ଥିଲେ। ସେମାନେ ବାସ୍ତବିକ ସଂସ୍କୃତି ନିର୍ମାଣ ପାଇଁ ରଚନା କରୁଥିଲେ। ବାଲ୍ମିକୀ ଓ ବ୍ୟାସ ନିଜ ରଚନା ସମ୍ପର୍କରେ ନିଜେ ପ୍ରଚାର କଲେନାହିଁ। ଅନ୍ୟ ଜରିଆରେ ଏହା ପ୍ରଚାର କରାଗଲା। ଏଭଳିକି ସେମାନେ ନିଜେ ନିଜର ନାମ ଲେଖିଲେ ନାହିଁ। ଆଜି ସେଭଳି ବୈଶ୍ୱିକ କେନ୍ଦ୍ରିକତା କମିଯାଉଛି। ଆତ୍ମ କେନ୍ଦ୍ରିକତା ବଢ଼ିଛି। ସାହିତ୍ୟ ନିଜ ପାଇଁ ସୃଷ୍ଟି କରାଯାଏ ନାହିଁ, ଅନ୍ୟ ପାଇଁ କରାଯାଏ। ସମାଜ ପାଇଁ ସାହିତ୍ୟ ସୃଷ୍ଟିର ସଂସ୍କୃତି ତିଆରି ହୋଇପାରିଲେ ଏହା ମଙ୍ଗଳକର ହେବ। କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ରଚନା ପକ୍ଷରୁ ରବିବାର ଅନୁଷ୍ଠିତ ଆଲୋଚନାଚକ୍ରରେ ପ୍ରଫେସର ମଧୁସୂଦନ ପତି ଏହା କହିଛନ୍ତି।

ସ୍ଥାନୀୟ ହୋଟେଲ ସରୋଜିନୀ ରେସିଡେନ୍ସିଠାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡିଆ ଉପଦେଷ୍ଟା ମଣ୍ଡଳୀ ଆବାହକ ବିଜୟାନନ୍ଦ ସିଂଙ୍କ ସଭାପତିତ୍ୱରେ 'ସାହିତ୍ୟରେ ସାଂସ୍କୃତିକ ଅସ୍ମିତା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଫେସର ପତି ଆଲୋଚକଭାବେ ବକ୍ତବ୍ୟ ରଖିଥିଲେ। ସଭା ପ୍ରାରମ୍ଭରେ ଏକାଡେମୀ ଆଞ୍ଚଳିକ ସଚିବ ଦେବେନ୍ଦ୍ର କୁମାର ଦେବେଶ ସ୍ୱାଗତ ବକ୍ତବ୍ୟ ଦେଇଥିଲେ। ସଭାରେ କବି ଭାଗିରଥି ମିଶ୍ର ରଚନା ପକ୍ଷରୁ ନିଆଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ରଚନା ସଭାପତି ସନାତନ ଠାକୁର ଧନ୍ୟବାଦ ଦେଇଥିଲେ। ଏହାପରେ ପ୍ରଥମ ଓ ଦ୍ୱିତୀୟ ଅଧିବେଶନ ପ୍ରବନ୍ଧ ପାଠରେ ସାହିତ୍ୟିକ ଦେବାଶିଷ ପାଣ୍ଡିଆ, କ୍ଷେତ୍ରବାସୀ ନାଏକ, ଡ. ସଞ୍ଜୟ କୁମାର ମିଶ୍ର, ଗାଳ୍ପିକା ଗାୟତ୍ରୀ ସରାଫ, ଡ କେଶରଞ୍ଜନ ପ୍ରଧାନ, କୌତୁକ ପନ୍ଦର ଓ ପ୍ରଦୀପ କୁମାର ପଣ୍ଡା ପ୍ରବନ୍ଧ ପାଠ କରିଥିଲେ।

ଅପରାହ୍ନରେ ମୋ ଦୃଷ୍ଟିରେ କାର୍ଯ୍ୟକ୍ରମରେ କବି ଭାଗିରଥି ମିଶ୍ର ପଦ୍ମଶ୍ରୀ ବିଦ୍ୟାବାଚସ୍ପତି ଡ ଶ୍ରୀନିବାସ ଉଦ୍‌ଗାତାଙ୍କ ଜୀବନୀ ଓ କୃତୀ ଉପରେ ଆଲୋଚନା କରିଥିଲେ। ସନ୍ଧ୍ୟାରେ କବିସନ୍ଧି କାର୍ଯ୍ୟକ୍ରମରେ କବି ପ୍ରହ୍ଲାଦ ଶତପଥୀ ତାଙ୍କ କବିତା ଓ କାବ୍ୟଯାତ୍ରା ଉପରେ କହିଥିଲେ। କାର୍ଯ୍ୟକ୍ରମରେ ଡ ଜଗନ୍ନାଥ ସାହୁ, ମୃଗେଶ ବୈଷ୍ଣବ ପାଣିଗ୍ରାହୀ, ଯୁଜେଷ୍ଟି ମେହେର, ରତ୍ନମୟ ତ୍ରିପାଠୀ, ରାଜୀବ ଲୋଚନା ଆଚାର୍ଯ୍ୟ, ରାଜେଶ ଝାଙ୍କର ସହଯୋଗ କରିଥିଲେ। ଶେଷରେ ଡ ସୁଶୀଳ କୁମାର ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସାହିତ୍ୟିକ, ଲେଖକ ଓ ସାହିତ୍ୟପ୍ରେମୀ ଯୋଗଦାନ କରିଥିଲେ।



କେନ୍ଦ୍ର ସାହିତ୍ୟ ଏକାଡେମୀର ସାରସ୍ୱତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଆଲୋଚକ ଓ ଆୟୋଜକ।

# ୧୫ ଜୋନ୍‌ର ନିର୍ଦ୍ଦେଶକ ଚୟନ ହେଲା

■ସମବାୟ ନିର୍ଦ୍ଦେଶକ ନିର୍ବାଚନ ସରିଲା
■ଧର୍ମଗୁଳାରେ ହାରିଗଲେ ଅଶୋକ ଦୋରା

**ବଲାଙ୍ଗୀର ଅଫିସ, ୩୦।୧୦**

ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ୧୫ଟି ନିର୍ଦ୍ଦେଶକ ପଦବୀ ପାଇଁ ରବିବାର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେଡି ସମର୍ଥିତ ପ୍ରାର୍ଥୀମାନେ ୧୩ଟି ଜୋନ୍‌ରେ ବିଜୟୀ ହୋଇଥିବାବେଳେ କଂଗ୍ରେସ ୨ଟି ଜୋନ୍ ଦଖଲ କରିବାରେ ସଫଳ ହୋଇଥିବା କୁହାଯାଉଛି। ସବୁଠୁ ବେଶୀ ରୋମାଞ୍ଚକର ହୋଇଛି ୭ ନମ୍ବର ଜୋନ ନିର୍ବାଚନ। ଏଠାରେ ଦୁଇ ପ୍ରାର୍ଥୀଙ୍କ ମଧ୍ୟରେ ସମାନ ଭୋଟ ହେବା ଫଳରେ ଧର୍ମଗୁଳାର ସାହାଯ୍ୟରେ ଫଳାଫଳ ନିର୍ଣ୍ଣୟ କରାଯାଇଛି। ଧର୍ମଗୁଳାରେ ପ୍ରାର୍ଥୀ ଅଶୋକ ଦୋରାଙ୍କୁ ହରାଇ ଯୋଗୀନ୍ଦ୍ର ମିର୍ଦ୍ଧା ବିଜୟୀ ହୋଇଥିବା ଜଣାପଡିଛି।

ମିଳିଥିବା ସୂଚନା ମୁତାବକ ୧ ନମ୍ବର ଜୋନରେ ରାଜ କିଶୋର ଡାଙ୍ଗ, ୨ରେ ଦମୟନ୍ତୀ ସୁଆର, ୩ରେ ନିହାର ରଞ୍ଜନ ସ୍ୱାଇଁ, ୪ରେ ଚତୁର୍ମୁଖ ମେହେର, ୫ରେ ସ୍ମାରକ ରଞ୍ଜନ ମିଶ୍ର, ୬ରେ ସୁଶୀଲ କୁମାର ଚାନ୍ଦ, ୭ରେ ଯୋଗୀନ୍ଦ୍ର ମିର୍ଦ୍ଧା, ୮ରେ କୃତିବାସ ବାଗ, ୯ରେ ଚିନ୍ତାମଣି ଭୋଇ, ୧୦ରେ ଅକ୍ଷୟ କୁମାର ରାଉତ୍, ୧୧ରେ ପଦ୍ମାବତୀ ପାତ୍ର, ୧୨ରେ କୁଶଲେଶ୍ୱର ମେହେର, ୧୩ରେ ଦିପ୍ତିମୟୀ ସାହୁ, ୧୪ରେ ବନମାଳୀ ମେହେର ଏବଂ ୧୫ରେ ଲକ୍ଷ୍ମଣ ମେହେର ବିଜୟୀ ହୋଇଥିବା ଜଣାପଡିଛି। ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପଦବୀ ପାଇଁ ୧୫ଟି ଜୋନରେ ମୋଟ ୪୫ ଜଣ ପ୍ରାର୍ଥୀ ରହିଥିଲେ। ଏହି ୧୫ଟି ଜୋନ୍‌ରେ ୪ ହଜାର ୯୧ ଭୋଟରଙ୍କ ମଧ୍ୟରୁ ୩ ହଜାର ୬୨୧ ଜଣ ମତଦାନ କରିଥିଲେ। ୮୮ ପ୍ରତିଶତ ମତଦାନ ହୋଇଥିଲା।୧୫ଟି ଜୋନରୁ ୧୩ଟି ଜୋନରେ ବିଜେଡ଼ି ସମର୍ଥିତ ପ୍ରାର୍ଥୀ ବିଜୟୀ ହୋଇଥିବା କୁହାଯାଉଛି। ଅନ୍ୟପଟେ ୨ଜଣ କଂଗ୍ରେସ ପ୍ରାର୍ଥୀ ବିଜୟୀ ହୋଇଥିବା କୁହାଯାଉଛି। ନିର୍ଦ୍ଦେଶକ ପଦବୀ ଫଳାଫଳ ପ୍ରକାଶ ପାଇବା ପରେ ଏବେ ବ୍ୟାଙ୍କ ସଭାପତି ପଦବୀ ଉପରେ ସମସ୍ତଙ୍କ ନଜର ରହିଛି।

# ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ଚାକିରି ଦାବି

**ଓଡିଶା ଆଉଟସୋର୍ସିଂ କର୍ମଚାରୀ ସଂଘର ବୈଠକ**

**ବଲାଙ୍ଗୀର ଅଫିସ, ୩୦।୧୦**

ସ୍ଥାନୀୟ କଦଳୀମୁଣ୍ଡା ନର୍ସରୀରେ ଜିଲା ଅସ୍ଥାୟୀ କର୍ମଚାରୀ ସଂଘ ପକ୍ଷରୁ ଏକ ଜିଲାସ୍ତରୀୟ ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲାର ୬ ଶହରୁ ଉର୍ଦ୍ଧ୍ୱ ଅସ୍ଥାୟୀ କର୍ମଚାରୀ ଯୋଗଦାନ କରି ସରକାର ସମସ୍ତ ଅସ୍ଥାୟୀ କର୍ମଚାରୀଙ୍କ ଚାକିରୀକୁ ତୁରନ୍ତ ସ୍ଥାୟୀ କରିବାକୁ ଦାବି କରିଥିଲେ। ବର୍ଷ ବର୍ଷ ଧରି ଏହି ଅସ୍ଥାୟୀ କର୍ମଚାରୀମାନେ ବାତ୍ୟା, ବନ୍ୟା ସମୟ ନିର୍ଘଣ୍ଟକୁ ଖାତିର ନକରି ସରକାରୀ କାମରେ ନିୟୋଜିତ ରହି ସେମାନଙ୍କ କର୍ତ୍ତବ୍ୟ ସମ୍ପାଦନ କରିଛନ୍ତି। ମାତ୍ର ସରକାର ସେମାନଙ୍କୁ ସ୍ୱଳ୍ପ ଦରମା ଦେଇ ଖଟାଉଛନ୍ତି। ସେମାନଙ୍କୁ ଓଲଟା ଶୋଷଣ କରାଯାଉଛି ବୋଲି କହିଥିଲେ। ଏହି ଅବସରରେ ସଂଘର କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିଲା। ରାଜେଶ ଝାଙ୍କର ସଭାପତି, ନିରୋଜ ମିଶ୍ର ଓ ପ୍ରମୋଦିନୀ ଭରାସାଗର ଯୁଗ୍ମ ଉପସଭାପତି, ଆର୍ତ୍ତତ୍ରାଣ ସାହୁ ସାଧାରଣ ସମ୍ପାଦକ, ସୁନୀଲ ମିଶ୍ର ସମ୍ପାଦକ, ସତ୍ୟାନନ୍ଦ ସେଠ୍ କୋଷାଧ୍ୟକ୍ଷ, ଚଞ୍ଚଳ ମିଶ୍ର ଡ୍ରାପ୍ଟ ହେଡ୍ ଏବଂ ହେମନ୍ତ ପଣ୍ଡାଙ୍କୁ ଆଇନ ପରାମର୍ଶଦାତା ଭାବେ ମନୋନୀତ କରାଯାଇଥିଲା। ମନୋଜ ବେହେରା ଡକ୍ୟୁମେଣ୍ଟ ପାଠ କରିଥିଲେ। ଏହି ବୈଠକରେ ୨୫ଟି ବିଭାଗର ୬ ଶହରୁ ଉର୍ଦ୍ଧ୍ୱ ଅସ୍ଥାୟୀ କର୍ମଚାରୀ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ଆୟୋଜନରେ ବିପ୍ଳବ ପଟ୍ଟନାୟକ, ଆଶୁତୋଷ ବେହେରାମାଳି, ଶତ୍ରୁଘ୍ନ ବଗର୍ତ୍ତୀ ଓ ଅନ୍ୟମାନେ ବିଶେଷ ସହଯୋଗ କରିଥିଲେ। ସ୍ଥାୟୀ ଚାକିରି କରିବା ଦିଗରେ ରାଜ୍ୟ ସରକାରଙ୍କୁ ଦାବିପତ୍ର ଦିଆଯିବାକୁ ନିଷ୍ପତ୍ତି ହୋଇଥିଲା।

# ୧୧ ଜୋନରେ ନିର୍ଦ୍ଦେଶକ ପଦବୀ ହାତେଇଲେ ବିଜେଡି ସମର୍ଥିତ ପ୍ରାର୍ଥୀ

**ସରିଲା ବୌଦ୍ଧ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପଦ ପାଇଁ ନିର୍ବାଚନ**

**ବୌଦ୍ଧ,୩୦।୧୦(ସ୍ୱ.ପ୍ର.)**

ବୌଦ୍ଧ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ପଦବୀ ପାଇଁ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ପରିସରରେ ରବିବାର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ବୌଦ୍ଧ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ବୌଦ୍ଧ ଓ କନ୍ଧମାଳ ଜିଲାରେ ୧୫ଟି ଜୋନ ରହିଛି। ପ୍ରତି ଜୋନ ପାଇଁ ଗୋଟିଏ ଲେଖାଁଏ ବ୍ୟାଙ୍କ ନିର୍ଦ୍ଦେଶକ ପଦ ରହିଛି। ଏଥର ୧୫ଟି ଜୋନ ପାଇଁ ବିଜେଡି ସମର୍ଥିତ ବ୍ୟାଙ୍କ ନିର୍ଦ୍ଦେଶକ ପ୍ରାର୍ଥୀ ଦିଆଯାଇଥିଲା। ୧୫ ଜୋନ ପାଇଁ ୪୫ ଜଣ ପ୍ରାର୍ଥୀ ଓ ପ୍ରାର୍ଥିନୀ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୧୮ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ପ୍ରତ୍ୟାହାର କରିନେଇଥିଲେ। ଫଳରେ ବିଜେଡି ସମର୍ଥିତ ପ୍ରାର୍ଥୀ ୧୧ ନମ୍ବର ଜୋନର ଲିନା ମହାପାତ୍ର,୧୨ ନମ୍ବର ଜୋନର ସୁବୋଧ କୁମାର ପ୍ରଧାନ, ୩ ନମ୍ବର ଜୋନର ପ୍ରମୋଦ ରଣା ଓ ୭ ନମ୍ବର ଜୋନର ଡୁଗୁଣୀ ଦିଗାଲ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ । ୪ ଜଣ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ପରେ ୧୧ଟି ଜୋନ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହି ୧୧ ଗୋଟି ଜୋନ ପାଇଁ ୨୩ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଥିଲେ। ଏହି ନିର୍ବାଚନ ପାଇଁ ସକାଳ ୭ ଟା ଠାରୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ମତଦାନ ଗ୍ରହଣ କରାଯାଇଥିଲା। ଏହି ମତଦାନରେ ବିଜେଡିର ୧୧ ଗୋଟି ଜୋନର ସର୍ମଥିତ ପ୍ରାର୍ଥ ବିଜୟୀ ହୋଇଥିବା ଜଣାପଡିଛି। ନିର୍ବାଚନରେ ୧ ନମ୍ବର ଜୋନର ପ୍ରାର୍ଥୀ ଅଶ୍ୱନୀ କୁମାର ପ୍ରଧାନ, ୨ ନମ୍ବର ଜୋନର ଲିଙ୍ଗରାଜ ଜଗଦଲା ,୪ ନମ୍ବର ଜୋନ ପାଇଁ ଅରୁଣ କୁମାର ପ୍ରଧାନ.୫ ନମ୍ବର ଜୋନ ପାଇଁ ଫିଲିମିନା ପ୍ରଧାନ, ୬ ନମ୍ବର ଜୋନର ଦିଲିପ କୁମାର ମେହେର, ୮ ନମ୍ବର ଜୋନର ସଙ୍ଗୀତା ନାଏକ, ୯ ନମ୍ବର ଜୋନର ସଚିନ୍ଦ୍ର ପ୍ରଧାନ, ୧୦ ନମ୍ବର ଜୋନର ବୃଷଭ କହଁର, ୧୩ ନମ୍ବର ଜୋନର ରାଜେନ୍ଦ୍ର କୁମାର ମେହେର ,୧୪ ନମ୍ବର ଜୋନର କିଶୋର କୁମାର ମେହେର ଓ ୧୫ ନମ୍ବର ଜୋନର ଧନେଶ୍ୱରୀ ମେହେର ନିର୍ବାଚିତ ହୋଇଛନ୍ତି। ଏହି ବ୍ୟାଙ୍କ ନିର୍ଦ୍ଦେଶକ ପଦବୀ ହାତେଇବା ପାଇଁ ବିଜେଡିର ମନ୍ତ୍ରୀ ପ୍ରଦୀପ କୁମାର ଅମାତ, କନ୍ଧମାଳ ବିଧାୟକ ମହୀଧର ରଣା, ବୌଦ୍ଧ ଜିଲା ବିଜେଡିପର୍ଯ୍ୟବେକ୍ଷକ ସୌଭାଗ୍ୟ ନାଏକ, କନ୍ଧମାଳ ଜିଲା ବିଜେଡି ପର୍ଯ୍ୟବେକ୍ଷକ ବିଜୟ ନାଏକ ଓ ଫୁଲବାଣୀ, ବାଲିଗୁଡା ଓ ଉଦୟଗିରି ବିଧାୟକ ପ୍ରମୁଖ ପ୍ରାର୍ଥୀଙ୍କୁ ଜିତାଇବାରେ ଲାଗି ପଡିଥିଲେ। ଅଗାମୀ ଦିନରେ ବ୍ୟାଙ୍କ ସଭାପତି ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ ।

# ସମାଜର ଉନ୍ନତି ପାଇଁ ସମସ୍ତେ ଏକଜୁଟ ହୁଅ

**କୁନାଗଡ,୩୦।୧୦(ଡି.ଏନ.ଏ.)**



ପଣ୍ଡରାମାଳି ଜିଲା ଯୁବ ବାହିନୀ ସଭାପତି ଉଦ୍‌ବୋଧନ ଦେଇଛନ୍ତି।

■ସମାଜ ପାଇଁ ଗୌରବ ଆଣିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ
■ପଣ୍ଡରାମାଳି ଯୁବ ବାହିନୀର ସମ୍ବର୍ଦ୍ଧନା ସଭା

କଳାହାଣ୍ଡି ଜିଲା କୁନାଗଡ ସହର ସାପ୍ତାହିକ ବଜାର ନିକଟରେ ରବିବାର ପଣ୍ଡରାମାଳି ଯୁବ ବାହିନୀ ପକ୍ଷରୁ ଏକ ଜିଲାସ୍ତରୀୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଜିଲା ଯୁବ ବାହିନୀ ସଭାପତି ଦୁର୍ଗା ପ୍ରସାଦ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କୁନାଗଡ ବ୍ଲକ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରାଜେନ୍ଦ୍ର ଭୋଇ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ବିଇଓ ପୁରୁଷୋତ୍ତମ ପାରି, ଯୁବ ବାହିନୀ ସାଧାରଣ ସମ୍ପାଦକ ଲୋକେଶ୍ୱର ପାରି, ସମ୍ମାନିତ ଅତିଥି ଭାବେ କାର୍ଯ୍ୟକାରୀ ସଭାପତି ତୁଳେଶ୍ୱର ନାଏକ, ଆଇନ ପରାମର୍ଶଦାତା କଲ୍ୟାଣୀ ନାଏକ, ପଣ୍ଡରାମାଳି ସେବା ସଂଘ ସଭାପତି ଈଶ୍ୱର ଚନ୍ଦ୍ର ପୂଝାରୀ, କୂଳପତି ପ୍ରକାଶ ଚନ୍ଦ୍ର ନାଏକ, ଇଂଲିଶ ଅଧ୍ୟାପକ ତ୍ରୈଲୋଚନ ବାଗ, ଜିଲା ଉପସଭାପତି ଶିବ ପ୍ରସାଦ ଭୋଇ, ବିଦ୍ୟାଧର ନାଏକ, ବୈକୁଣ୍ଠ ନାଏକ, ସମ୍ପାଦକ ଅଚ୍ୟୁତାନନ୍ଦ ନାଏକ, କୋଷାଧ୍ୟକ୍ଷ ମୀନକେତନ ନାଏକ, କୁନାଗଡ ଏନ୍‌ଏସି ଉପାଧ୍ୟକ୍ଷା ହିମାଦ୍ରୀ ନାଏକ, ବ୍ଲକ ସଭାପତି ସଞ୍ଜୀବ କୁମାର ବଣିଆ, ସଭାନେତ୍ରୀ ଦୁଶିଳା ମାଝି, ସମ୍ପାଦିକା ମିନତୀ ପୂଝାରୀ ପ୍ରମୁଖ ଯୋଗଦେଇଥିଲେ। ସମାଜର ଉନ୍ନତି ଦିଗରେ ସମସ୍ତେ ଏକଜୁଟ ହେବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। ସମାଜ ପାଇଁ ଗୌରବ ଆଣିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ନିଟ ପରୀକ୍ଷାରେ ସଫଳତା ପାଇଥିବା ନରେଶ ନାଏକ, ସାଶ୍ୱତ ନାଏକ ଓ ଶ୍ରୁତି ରଞ୍ଜନ ନାଏକ ମାଟ୍ରିକ ପରୀକ୍ଷା ୯୪ ଶତକଡାରୁ ଉଧିକ ମାର୍କ ରଖିଥିବା ସମାଜର ଉତ୍ପଳ ନାଏକ ଓ ଇଣ୍ଟର ମିଡିଏଟ୍ ଯୁକ୍ତ ୨ ପରୀକ୍ଷାରେ ୯୫ ଶତକଡାରୁ ଅଧିକ ମାର୍କ ରଖିଥିବା ସୁଶାନ୍ତ ନାଏକଙ୍କୁ ସମ୍ମାନିତ କରାଯାଇଥିଲା। ଏହାସହ ବିଭିନ୍ନ ରାଜନୈତିକ କ୍ଷେତ୍ରରେ ସଫଳତା ହୋଇଥିବା ବ୍ୟକ୍ତି ବିଶେଷଙ୍କୁ ମଧ ସମ୍ମାନିତ କରାଯାଇଥିଲା। ସଭାରେ ଯୁବ ବାହିନୀର ଖୁସିରାମ ଟୋଲଟିଆ ଓ ବେଣୁଧର ନାଏକ ମଞ୍ଚ ପରିଚାଳନା କରିଥିଲେ। ଯୁବ ବାହିନୀର ଉପଦେଷ୍ଟା ଧର୍ନୁଯ୍ୟୟ ମାଝି ଧନ୍ୟବାଦ ଦେଇଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ବିଜୟିନୀ


@ ଅନ୍ତର୍ଯ୍ୟାମୀ


@ ରାକେଶ


@ ଦୀପକ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

**ବାଉଁଶୁଣୀ,୩୦।୧୦(ଡି.ଏନ.ଏ.)**

ବୌଦ୍ଧ ବ୍ଲକ ବହିରା କ୍ଲଷ୍ଟର ଅନ୍ତର୍ଗତ ତେନ୍ତୁଳିପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଖଗେଶ୍ୱର ନାଏକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ତେନ୍ତୁଳିପାଲି ଉପ୍ରା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବହିରା ସରକାରୀ ଉପ୍ରା ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଦାମ ଶେଖର ପୁରୋହିତ, ସମ୍ମାନିତ ଅତିଥି ଭାବେ ବହିରା ହାଇସ୍କୁଲ ଶିକ୍ଷକ ଦେଶବନ୍ଧୁ ମହାକୁଳ, ସିଆରସିସି ତୋଷଣ କୁମାର ମହାକୁଳ ଯୋଗ ଦେଇଥିଲେ। ସଭାରେ ପ୍ରଧାନଶିକ୍ଷକ ଶାନ୍ତନୁ ଭୁକ୍ତା ସଭାପତିତ୍ୱ କରିଥିଲେ। ଶିକ୍ଷକ ଆନନ୍ଦ ଚନ୍ଦ୍ର ରଥ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ହିମାଂଶୁ ଶେଖର ବିଶି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦାୟୀ ଶିକ୍ଷକ ନାଏକଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ବିଶ୍ୱମୋହନ ନାଏକ, କୋଦଣ୍ଡଧର ମେହେର, ପ୍ରକାଶ ମେହେର, ଲାଲମଣି ଖଟୁଆ, ଶିରୀଶ ଗାଇଗୌରିଆ, ହାଡିବନ୍ଧୁ ସାହୁ, ପ୍ରମୋଦ ବେହେରା, କ୍ଷୀରୋଦ ବେହେରା,ଲୋଚନ ମେହେର, ବାବୁଲା ବଘାର, ମେଘନାଦ ବଘାର, ବବିତା ଭୋଇ, କଳ୍ପନା ଦିଶିରି, ଲବଙ୍ଗଲତା ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।